ବର୍ଷ-୨୬, ସଂଖ୍ୟା-୧୩୯
ଭୁବନେଶ୍ୱର
୨୩, ମଇ, ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 139
Bhubaneswar
23 May, 2026 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ଓଡିଶାରେ ଅନୁଷ୍ଠିତ ହେବ ସିଆଇଆଇ ପୂର୍ବାଞ୍ଚଳ ପରିଷଦ ସମ୍ମିଳନୀ



ଭୁବନେଶ୍ୱର, ୨୨।୫(ମହାଭାରତ):: ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଜି ସିଆଇଆଇ, ଓଡ଼ିଶା ଚାପ୍ଟର ର ଅଧ୍ୟକ୍ଷ ଅନୀଲ ସିଂ ଏବଂ ଉପାଧ୍ୟକ୍ଷ ମଣିକାନ୍ତ ନାୟକ ସୌଜନ୍ୟମୂଳକ ସାକ୍ଷାତ କରି ଓଡ଼ିଶାରେ ଆଗାମୀ ସିଆଇଆଇ ପୂର୍ବାଞ୍ଚଳ ପରିଷଦର ସମ୍ମିଳନୀ ଆୟୋଜନ ସଂପର୍କରେ ଆଲୋଚନା କରିଛନ୍ତି । ସିଆଇଆଇ ପୂର୍ବାଞ୍ଚଳ ସମ୍ମିଳନୀରେ ଓଡିଶା ସହିତ ବିହାର, ପଶ୍ଚିମବଙ୍ଗ, ଛତିଶଗଡ ଓ ଝାଡଖଣ୍ଡର ପ୍ରତିନିଧିମାନେ ଯୋଗଦେବେ। ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ପରିକଳ୍ପନାରେ ଏହିସବୁ ରାଜ୍ୟଗୁଡିକର ସମନ୍ୱିତ ଭୂମିକା, ଓଡିଶାର ଅଭିବୃଦ୍ଧି ଓ ଭବିଷ୍ୟତର ଯୋଜନା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ତାଙ୍କର ଦୃଷ୍ଟିକୋଣ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୬ ମୃତ

### ପୁରୁଷୋତ୍ତମପୁରରେ ଅଟୋକୁ ଧକ୍କା ଦେଲା ବସ୍

### ମୁଖ୍ୟମନ୍ତ୍ରୀ ଶୋକପ୍ରକାଶ, ୪ ଲକ୍ଷ ଲେଖାଏଁ ଅନୁକମ୍ପା ସହାୟତା ରାଶି ଘୋଷଣା

ବ୍ରହ୍ମପୁର/ପୁରୁଷୋତ୍ତମପୁର, ୨୨।୫(ମହାଭାରତ):: ଠାକୁରାଣୀଙ୍କ ଦର୍ଶନ କରିବେ। ଶ୍ରଦ୍ଧାରେ ମା'ଙ୍କୁ ମୁଣ୍ଡିଆ ମାରିବେ। ମନର କଥା କହି ଆଶୀର୍ବାଦ ନେବେ। ଏମିତି ମନେମନେ ଚିନ୍ତା କରି ମା' ସିଂହାସନୀ ପୀଠ ଅଭିମୁଖେ ଅଗ୍ରସର ହେଉଥିବା ଶ୍ରଦ୍ଧାଳୁମାନଙ୍କର ଅଟୋକୁ ଆଜି ପୂର୍ବାହ୍ଣରେ ଏକ ଯାତ୍ରୀବାହୀ ବସ୍ ଧକ୍କା ଦେଇଛି। ବସର ଚାଳକ ଭାରସାମ୍ୟ ହରାଇଥିବାରୁ ଅଟୋକୁ ଘୋଷାଡି ନେଇ ଗଛରେ ପିଟିଛି। ଏହି ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୨ଜଣ ଶିଶୁ ସମେତ ୬ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଛି। ଗଂଜାମ ଜିଲ୍ଲା ପୁରୁଷୋତ୍ତମପୁର ଅଞ୍ଚଳରେ ଏହି ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ମୃତକମାନେ ହେଉଛନ୍ତି- ମଲ୍ଲି ବେହେରା (୭୫), ରତନୀ ବେହେରା (୪୦), ନାରସୁ ବେହେରା (୪୩), ନୀଳା ବେହେରା (୫୦), କିରଣ ବେହେରା (୧୦) ଓ ଶନି ବେହେରା (୧୨)। ସେହିପରି ଗୁରୁତର ଆହତମାନେ ହେଉଛନ୍ତି- ଝିଲି ବେହେରା (୪୦), ଭାଗ୍ୟ ବେହେରା (୫୫), କନକ ବେହେରା (୬୦) ଓ ଅଳକା ବେହେରା (୧୭)। ଅଟୋ ଡ୍ରାଇଭର ବାବୁ ପ୍ରଧାନ ଆହତ ହୋଇଛନ୍ତି।



ମୃତାହତମାନେ ଗୋଟିଏ ପରିବାରର। ସେମାନେ ଏକ ଅଟୋ ଯୋଗେ ସୋରଳ ରୋଡ୍ ଏରେଣ୍ଡ୍ରାରୁ ସିଂହାସନୀ ପୀଠକୁ ଏକ ଭୋଜିରେ ସାମିଲ ହେବାକୁ ଯାଉଥିଲେ। କିନ୍ତୁ ଲଡକାପଲୀଠାରେ ଡାଇମଣ୍ଡ ନାମକ ଏକ ଘରୋଇ ଯାତ୍ରୀବାହି ବସ୍ ସେମାନଙ୍କ ଅଟୋକୁ ସମ୍ମୁଖରୁ ଧକ୍କା ଦେଇଥିଲା। ବସ୍ ଧକ୍କାରେ ଅଟୋଟି ରାସ୍ତାକଡରେ ଯାଇ ପଡିଥିଲା। ଏହି ଦୁର୍ଘଟଣା ଅତ୍ୟନ୍ତ ଭୟଙ୍କର ଥିଲା। ଅଟୋଟି ଚୁରମାର ହୋଇଯାଇଛି। ଘଟଣାସ୍ଥଳରେ ହିଁ ୬ ଜଣଙ୍କର ମୃତ୍ୟୁ ଘଟିଥିଲା।

ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ୬ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯିବା ପରେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇବା ପରେ ବସ୍ ଧରି ଡ୍ରାଇଭର ଫେରାର ହୋଇଯାଇଥିଲେ। ବସ୍‌ଟି ଓଭରସ୍ପୀଡ୍‌ରେ ଥିବା ଯୋଗୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି।

ଘଟଣା ସଂପର୍କରେ ଖବର ପାଇବା ମାତ୍ରେ ପୁରୁଷୋତ୍ତମପୁର ଏସଡିଓ ସୁଜିତ୍ କୁମାର ନାୟକଙ୍କ ସମେତ କୋଦଳା ଥାନା ପୁଲିସ ଅଧିକାରୀମାନେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଥିଲେ। ପୁଲିସ ଘଟଣା ତଦନ୍ତ କରୁଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ଏହା ସହିତ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି।

# ଅଂଶୁଘାତରେ ୪ ଜଣଙ୍କ ମୃତ୍ୟୁ ଅଭିଯୋଗ

### ରାଜ୍ୟରେ ଏ ଯାଏଁ ୧୬ ଜଣଙ୍କ ମୃତ୍ୟୁ ଅଭିଯୋଗ

ଭୁବନେଶ୍ୱର, ୨୨।୫(ମହାଭାରତ): ରାଜ୍ୟରେ ଜାରି ରହିଥିବା ପ୍ରଚଣ୍ଡ ଖରା ଓ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ସନ୍‌ଷ୍ଟ୍ରୋକ୍ ଯୋଗୁଁ ୩ ଜଣଙ୍କ ମୃତ୍ୟୁ ଘଟିଛି। ଏହି ସୂଚନା ଦେଇଛନ୍ତି ଉପ-ସ୍ୱତନ୍ତ୍ର ରିଲିଫ୍ କମିଶନର ପଦ୍ମନାଭ ବେହେରା। ମୃତକମାନେ ବଲାଙ୍ଗିର, ସୁନ୍ଦରଗଡ଼ ଓ ସୁବର୍ଣ୍ଣପୁର ଜିଲ୍ଲାର ବୋଲି ଜଣାପଡ଼ିଛି।

ସରକାରୀ ସୂଚନା ଅନୁସାରେ, ତିନିଜଣ ଯାକ ଦୈନନ୍ଦିନ କାର୍ଯ୍ୟରେ ବାହାରେ ଥିବାବେଳେ ପ୍ରବଳ ଗରମର ପ୍ରଭାବରେ ଅସୁସ୍ଥ ହୋଇପଡ଼ିଥିଲେ। ପରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ରାଜ୍ୟରେ ବଢୁଥିବା ତାପମାତ୍ରା ଓ ଅସହ୍ୟ ଗରମ ଲୋକଙ୍କ ପାଇଁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ତେବେ ସାରା ରାଜ୍ୟରେ ୧୬ଟି ଅଂଶୁଘାତ ଜନିତ ମୃତ୍ୟୁ ନେଇ ଅଭିଯୋଗ ହୋଇଥିବା ବେଳେ ସେଥିମଧ୍ୟରୁ ୩ଟି ସନ୍‌ଷ୍ଟ୍ରୋକ୍‌ରେ ମୃତ୍ୟୁ ନେଇ ଏସଆରସିଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଓଡ଼ିଶାରେ ଅସହ୍ୟ ଗ୍ରୀଷ୍ମପ୍ରବାହ ମଧ୍ୟରେ ଢେଙ୍କାନାଳ ଜିଲ୍ଲାରୁ ଆସିଛି ଏକ ଦୁଃଖଦ ଖବର। ଗନ୍ଦିଆ ତହସିଲରେ କାର୍ଯ୍ୟରତ ରେଭେନ୍ୟୁ ଇନ୍‌ସପେକ୍ଟର (ଆଇଆଇ) ଚୈତନ୍ୟ ଦେହୁରୀଙ୍କ ଅକସ୍ମାତ ମୃତ୍ୟୁ ଘଟିଛି। ପ୍ରାଥମିକ ଭାବେ ଏହା ଅଂଶୁଘାତଜନିତ ମୃତ୍ୟୁ ବୋଲି ସନ୍ଦେହ କରାଯାଉଥିବା ବେଳେ, ପୋଷ୍ଟମର୍ଟମ ରିପୋର୍ଟ ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ। ୪୫ ବର୍ଷୀୟ ଚୈତନ୍ୟ ଦେହୁରୀ ଭୁବନ ସହରର ୫ ନମ୍ବର ୱାର୍ଡରେ ଏକ ଭଡା ଘରେ ସ୍ତ୍ରୀ ଓ ସାତ ବର୍ଷର ଝିଅ ସହ ବସବାସ କରୁଥିଲେ। ଗୁରୁବାର ରାତିରେ ଘର ଭିତରେ ପ୍ରବଳ ଗରମ ଅନୁଭବ କରି ସେ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ବାହାରକୁ ନେବାକୁ ଚେଷ୍ଟା କରୁଥିବା ବେଳେ ସେ ହଠାତ୍



ଚେତାଶୂନ୍ୟ ହୋଇ ଟଳିପଡ଼ିଥିଲେ। ତୁରନ୍ତ ତାଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଅପ୍ରତ୍ୟାଶିତ ଘଟଣା ପରିବାର ଓ ସହକର୍ମୀଙ୍କୁ ସ୍ତବ୍ଧ କରିଦେଇଛି। ସୂଚନା ମୁତାବକ, ମୃତ୍ୟୁ ପୂର୍ବରୁ ସେ କାମାକ୍ଷାନଗରସ୍ଥିତ ଶ୍ୱଶୁର ଘରକୁ ଯାଇଥିବା ବେଳେ ମଧ୍ୟ ଅସୁସ୍ଥ ହୋଇପଡ଼ିଥିଲେ। ସେଠାରେ ଚିକିତ୍ସା ପରେ ଭୁବନ ଫେରିଥିଲେ। କିନ୍ତୁ ରାତି ବଢ଼ିବା ସହ ତାଙ୍କ ସ୍ୱାସ୍ଥ୍ୟ ଅଧିକ ଖରାପ ହୋଇଥିଲା ଓ ଶେଷରେ ଜୀବନ ଯୁଦ୍ଧରେ ହାର ମାନିଥିଲେ।

ପ୍ରଶାସନ ପକ୍ଷରୁ ଲୋକଙ୍କୁ ଦିନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ଅତ୍ୟାବଶ୍ୟକ ନଥିଲେ ଘରୁ ବାହାରକୁ ନଯିବାକୁ ପରାମର୍ଶ ଦିଆଯାଇଛି। ଖରାଦିନରେ ଅଧିକ ପାଣି ପିଇବା, ହାଲୁକା ପୋଷାକ ପିନ୍ଧିବା ଏବଂ ଛାୟାଯୁକ୍ତ ସ୍ଥାନରେ ରହିବାକୁ କୁହାଯାଇଛି। ଖବର ପାଇ ଭୁବନ ପୋଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅଂଶୁଘାତ ନା ଅନ୍ୟ କୌଣସି କାରଣ, ତାହାକୁ ନେଇ ତଦନ୍ତ ଚାଲିଛି। ରାଜ୍ୟରେ ବଢୁଥିବା ତାପମାତ୍ରା ମଧ୍ୟରେ ଏହି ଘଟଣା ପୁଣିଥରେ ତାତିର ଭୟାବହତାକୁ ସାମ୍ନାକୁ ଆଣିଛି।

ବିଶେଷକରି ବୟସ୍କ ବ୍ୟକ୍ତି, ଶିଶୁ ଓ ଖୋଲା ଆକାଶ ତଳେ କାମ କରୁଥିବା ଶ୍ରମିକମାନଙ୍କ ଉପରେ ନଜର ରଖିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ଭାବ୍ୟ ସନ୍‌ଷ୍ଟ୍ରୋକ୍ ରୋଗୀଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇବା ପାଇଁ ହସ୍ପିଟାଲଗୁଡ଼ିକୁ ମଧ୍ୟ ପ୍ରସ୍ତୁତ ରହିବାକୁ କୁହାଯାଇଛି।

ପାଣିପାଗ ବିଭାଗ ଅନୁଯାୟୀ, ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ସାଧାରଣଠାରୁ ଅଧିକ ରହିଛି। ଏହା ସହିତ ବାୟୁମଣ୍ଡଳରେ ଆର୍ଦ୍ରତା ବଢ଼ିଥିବାରୁ ଗରମର ଅନୁଭୂତି ଆହୁରି ଅସହ୍ୟ ହେଉଛି। ଆଗାମୀ କିଛି ଦିନ ଯାଏଁ ଗରମ ଜାରି ରହିବାର ସମ୍ଭାବନା ଥିବାରୁ ସତର୍କ ରହିବାକୁ ପ୍ରଶାସନ ଅନୁରୋଧ କରିଛି।

## ଦଇତାପତି ନିଯୋଗ ସହ ଆଇନ ମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଆଲୋଚନା



ଭୁବନେଶ୍ୱର, ୨୨।୫(ମହାଭାରତ): ରଥଯାତ୍ରା ପ୍ରସ୍ତୁତି ବୈଠକ ଶେଷ । ପୂର୍ବ ବର୍ଷର ଦଳଚକଟା ଘଟଣା ରିପିଟ୍ ନହେବାକୁ ମିଟିଂରେ ଗୁରୁତ୍ୱ । କେମିତି ହେବ ଭିଡ଼ ନିୟନ୍ତ୍ରଣ । ଗୁଣ୍ଡିଚାରେ ରଥ ଲାଗିବା ପରେ କେଉଁଠି ରହିବ ଚାରମାଳ। ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଭକ୍ତମାନେ କେଉଁ ପଟେ ପ୍ରବେଶ ଏବଂ କେଉଁ ରାସ୍ତାରେ ପ୍ରସ୍ଥାନ କରିବେ । ଏହାଛଡ଼ା ଦାରୁଦିଅଁଙ୍କ ଦର୍ଶନ କେତେ ସମୟ ଚାଲିବ ଏବଂ କେତେ ବେଳେ ଗୁଣ୍ଡିଚା ମନ୍ଦିର ପହଡ଼ ପଡିବ। ସେନେଇ ଆଜି ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ରଥଯାତ୍ରା ପ୍ରସ୍ତୁତି ବୈଠକରେ ହୋଇଛି ଆଲୋଚନା । ଏ ସମସ୍ତ ଘଟଣା ଉପରେ ଗୁରୁତ୍ୱ ଦେବାକୁ ଦଇତାପତି ନିଯୋଗ ପରାମର୍ଶ ଦେଇଛି । ଏହାସହ ବୈଠକରେ ରଥଯାତ୍ରାର ପୁରା ପ୍ରସ୍ତୁତି ନେଇ ହୋଇଛି ଆଲୋଚନା । କେମିତି ସେବାୟତଙ୍କ ମଧ୍ୟରେ ସମନ୍ୱୟ ରହିବ ସେନେଇ ବୈଠକରେ ଗୁରୁତ୍ୱ ଦିଆଯାଇଛି । ନୀତି ନିର୍ଘଣ୍ଟ ଅନୁଯାୟୀ, ଯେମିତି ସମସ୍ତ ରୀତିନୀତି ସମ୍ପନ୍ନ ହେବ, ସେବାବଦରେ ଦଇତାପତି ନିଯୋଗଙ୍କ ସହ ଆଲୋଚନା ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଗସ୍ତ ପୂର୍ବରୁ ଶୁକ୍ରବାର ଅର୍ଥାତ୍ ଆଜି ରାଜ୍ୟ ଅତିଥି ଭବନରେ ବିଭିନ୍ନ ସେବାୟତ ନିଯୋଗକୁ ଡାକି ଆଲୋଚନା କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ଏବଂ ପୁରୀ ଜିଲ୍ଲାପାଳ ମଧ୍ୟ ଉପସ୍ଥିତ ଥିଲେ ।

ଗତକାଲି ରଥଯାତ୍ରାକୁ ଶୃଙ୍ଖଳିତ, ସୁରକ୍ଷିତ ଏବଂ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ନିମନ୍ତେ ଗୁରୁବାର କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା।

# ଭୁବନେଶ୍ୱରରେ ହେବ ୟୁପିଏସସି ପରୀକ୍ଷା କେନ୍ଦ୍ର

ନୂଆଦିଲ୍ଲୀ, ୨୨।୫(ମହାଭାରତ): ସିଭିଲ୍ ସେବା (ପ୍ରାରମ୍ଭିକ) ପରୀକ୍ଷା-୨୦୨୬ ପାଇଁ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଭିଡ଼ କମ କରିବା ପାଇଁ, କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସସି) ପକ୍ଷରୁ ଭୁବନେଶ୍ୱର, କାନପୁର ଏବଂ ମିରଟରେ ତିନୋଟି ନୂତନ ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି। ଏହି କେନ୍ଦ୍ରଗୁଡ଼ିକ ଯୋଡି



ହେବା ସହିତ, ପ୍ରାରମ୍ଭିକ ପରୀକ୍ଷା ପାଇଁ ମୋଟ କେନ୍ଦ୍ର ସଂଖ୍ୟା ୮୦ରୁ ୮୩କୁ ବୃଦ୍ଧି ପାଇଛି। ପ୍ରାୟ ୨୩ ହଜାର ପ୍ରାର୍ଥୀ ଏହି ନୂତନ କେନ୍ଦ୍ରଗୁଡ଼ିକୁ ବାଛିଛନ୍ତି, ଯାହା ଫଳରେ ଏହି ପରୀକ୍ଷା ଲାଗି ଅନ୍ୟ ନିକଟବର୍ତ୍ତୀ କେନ୍ଦ୍ରଗୁଡ଼ିକରେ ଭିଡ଼ ହ୍ରାସ ପାଇଛି।

ଏ ସମ୍ପର୍କରେ ୟୁପିଏସସି ଅଧ୍ୟକ୍ଷ ଡକ୍ଟର ଅଜୟ କୁମାର କହିଛନ୍ତି, 'ଆମର ଉଦ୍ଦେଶ୍ୟ ହେଉଛି ପରୀକ୍ଷା ପ୍ରକ୍ରିୟାକୁ ପ୍ରାର୍ଥୀମାନଙ୍କ ପାଇଁ ଅଧିକ ସୁଗମ, ସୁଗମ ଏବଂ ଦକ୍ଷ କରିବା। ଏହି ତିନୋଟି ନୂତନ କେନ୍ଦ୍ର ଆରମ୍ଭ ଦ୍ୱାରା ଭିଡ଼ ହ୍ରାସ କରିବା ଏବଂ ପ୍ରାର୍ଥୀମାନଙ୍କୁ ଅଧିକ ସୁବିଧା ପ୍ରଦାନ କରିବା ଲାଗି ଲକ୍ଷ୍ୟ ରହିଛି। ଏହା ବ୍ୟତୀତ, ଦିବ୍ୟାଙ୍ଗ ପ୍ରାର୍ଥୀମାନଙ୍କୁ ସେମାନଙ୍କର ପସନ୍ଦର ପରୀକ୍ଷା କେନ୍ଦ୍ର ଉପଲବ୍ଧ କରି, ଆୟୋଗ ଭୌଗୋଳିକ ଏବଂ ଶାରିରୀକ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବାକୁ ପ୍ରୟାସ କରୁଛନ୍ତି। ଏହା ଦ୍ୱାରା ୟୁପିଏସସି ଯାତ୍ରା ସମସ୍ତଙ୍କ ପାଇଁ ସୁଗମ ଓ ସମାବେଶୀ ହୋଇପାରିବ।

ଭୁବନେଶ୍ୱରରେ ଏକ ନୂତନ କେନ୍ଦ୍ର ପ୍ରତିଷ୍ଠା ହେବା ଦ୍ୱାରା କଟକ ଉପରେ ଚାପ ଯଥେଷ୍ଟ ହ୍ରାସ ପାଇଛି। ସିଭିଲ୍ ସେବା (ପ୍ରାରମ୍ଭିକ) ପରୀକ୍ଷା - ୨୦୨୬ ପାଇଁ, ଭୁବନେଶ୍ୱର କେନ୍ଦ୍ରକୁ ୧୦,୬୫୬ ଆବେଦନ ମିଳିଛି। ସେହିପରି, କାନପୁର କେନ୍ଦ୍ର ଯୋଡିବା ଦ୍ୱାରା ଲକ୍ଷ୍ନୌ ଉପରେ ଚାପ ହ୍ରାସ ପାଇଛି; କାନପୁରରେ ନୂତନ କେନ୍ଦ୍ରକୁ ୬,୯୩୮ ଆବେଦନ ମିଳିଛି। ପଶ୍ଚିମ ଉତ୍ତର ପ୍ରଦେଶରେ, ମିରଟ୍ କେନ୍ଦ୍ର ପ୍ରତିଷ୍ଠା ହେବା ଦ୍ୱାରା ଆଖପାଖ ଅଂଚଳର ପ୍ରାର୍ଥୀମାନେ ଉପକୃତ ହୋଇଛନ୍ତି ଏବଂ ଗାଜିଆବାଦ ଉପରେ ସେମାନଙ୍କର ନିର୍ଭରତା ହ୍ରାସ ପାଇଛି। ମିରଟ କେନ୍ଦ୍ରକୁ ୫,୯୦୨ ଆବେଦନ ମିଳିଛି।

କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସସି) ନିର୍ଦ୍ଦିଷ୍ଟ ମାନଦଣ୍ଡ ବିଶିଷ୍ଟ ଅକ୍ଷମତା ଥିବା ପ୍ରାର୍ଥୀମାନଙ୍କ (ପିଡବ୍ଲୁଏସବିଡି) ସୁଗମତା ଓ ଅନ୍ତର୍ଭୁକ୍ତି ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରୁଛି। ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ, ପିଡବ୍ଲୁଏସବିଡି ପ୍ରାର୍ଥୀମାନଙ୍କ ସେମାନଙ୍କ ପସନ୍ଦର କେନ୍ଦ୍ର ପ୍ରଦାନ କରାଯିବା ସୁନିଶ୍ଚିତ କରାଯାଉଛି। ବିଦ୍ୟମାନ କେନ୍ଦ୍ରଗୁଡ଼ିକରେ କ୍ଷମତା ବହିର୍ଭୂତ ହେଲେ ଆବଶ୍ୟକ ଅନୁସାରେ ଅତିରିକ୍ତ କ୍ଷମତା ସୃଷ୍ଟି କରାଯାଉଛି। ଫଳସ୍ୱରୂପ, କେବଳ ଦିଲ୍ଲୀ ଅଂଚଳରେ, ପ୍ରାୟ ୮୦୫ ଦିବ୍ୟାଙ୍ଗ ପ୍ରାର୍ଥୀଙ୍କୁ ସେମାନଙ୍କର ପସନ୍ଦର କେନ୍ଦ୍ର ବଣ୍ଟନ କରାଯାଇଛି। ଏହି ବର୍ଷ, ୟୁପିଏସସି ସିଭିଲ୍ ସେବା (ପ୍ରାରମ୍ଭିକ) ପରୀକ୍ଷା - ୨୦୨୬ ପାଇଁ ମୋଟ ୮,୧୯,୩୭୨ ଆବେଦନ ଆସିଛି। ଏହି ପରୀକ୍ଷା-ସମ୍ବନ୍ଧୀୟ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ପାଇଁ, ୟୁପିଏସସି ସିଭିଲ୍ ସେବା (ପ୍ରାରମ୍ଭିକ) ପରୀକ୍ଷା ଆବେଦନ ଫର୍ମରେ ଏକ ଡ୍ରପଡାଉନ ବିକଳ୍ପ ପ୍ରଚଳନ କରିଛି, ଯାହା ପ୍ରାର୍ଥୀମାନଙ୍କୁ ସେମାନଙ୍କର ପସନ୍ଦର ନିକଟସ୍ଥ ସହରଗୁଡ଼ିକୁ ଚୟନ କରିବାକୁ ଅନୁମତି ଦେଇଥାଏ।

### ଅଘୋଷିତ ବିଦ୍ୟୁତ କାଟ୍

## ଶୀଘ୍ର ରିଷ୍ଟୋର ପାଇଁ ବ୍ୟବସ୍ଥା କରୁଛୁ : ଶକ୍ତିମନ୍ତ୍ରୀ

ଭୁବନେଶ୍ୱର, ୨୨।୫(ମହାଭାରତ):: ଅସହ୍ୟ ଗୁଳୁଗୁଳି, ଗରମକୁ ଅଘୋଷିତ ବିଦ୍ୟୁତ କାଟ୍ । ବେଡି ଉପରେ ଯେମିତି ପଡିଛି କୋରଡା ମାଡ । ଗତ କିଛିଦିନ ଧରି ଲୋକଙ୍କୁ ଅତିଷ୍ଠ କଲାଣି ପ୍ରବଳ ଗରମ ସାଙ୍ଗକୁ ପାୱାର କଟ୍ । ବିନା କାରଣରେ ଘଣ୍ଟାଘଣ୍ଟା ଧରି ଲାଇନ ଯାଉଥିଲେ ମଧ୍ୟ ଆସୁନି । ବାରମ୍ବାର ଜଣାଇଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଶୁଣୁନଥିବା ଅଭିଯୋଗ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ଚେତାବନୀକୁ ଶୁଣୁନାହାନ୍ତି ବିଦ୍ୟୁତ ବିତରଣ କଂପାନୀ । ଅଘୋଷିତ ବିଦ୍ୟୁତ କାଟ୍କୁ ନେଇ ପ୍ରତିବାଦର ସ୍ୱର ତୀବ୍ର ହେଉଛି ।



ଲୋକଙ୍କ ଅସନ୍ତୋଷ ବଢୁଥିବାବେଳେ ପ୍ରତିକ୍ରିୟା ରଖିଛନ୍ତି ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ । ଓଭରଲୋଡ୍ ଯୋଗୁଁ ପାୱାର କଟ୍ ହେଉଥିବା କହିଛନ୍ତି ଶକ୍ତି ମନ୍ତ୍ରୀ । ଏବେ ଯେଉଁ ପରି ଭାବେ ହିଟ୍‌ୱେଭ ଚାଲିଛି, ତାହା କାହାରି ହାତରେ ନାହିଁ । ପିକ୍ ହିଟ୍ ସମୟରେ ଅଧିକ ଡିମାଣ୍ଡ ରହୁଛି, ଅଧିକ ଏସି ବ୍ୟବହାର ହେଉଛି । ଫଳରେ ଓଭରଲୋଡ୍ ହେଉଛି ଏବଂ ଟ୍ରାନ୍ସଫର୍ମର ବର୍ଣ୍ଣ ଆଉଟ୍ ହେଉଛି । ତଥାପି ଶୀଘ୍ର ରିଷ୍ଟୋର୍ କରିବା ପାଇଁ ଆମେ ବ୍ୟବସ୍ଥା କରୁଛୁ । ଲୋକେ ଯେପରି ନିରନ୍ତର ବିଦ୍ୟୁତ ସେବା ପାଇବେ ଆମେ ଚେଷ୍ଟା କରୁଛୁ ବୋଲି କହିଛନ୍ତି ଶକ୍ତି ମନ୍ତ୍ରୀ କେ.ଭି.ସିଂହଦେଓ । ସୂଚନା ଅନୁସାରେ ପ୍ରତି ବର୍ଷ ଖରାଦିନ ଦିନ ଆସିଲେ ରାଜ୍ୟରେ ଅଘୋଷିତ ବିଦ୍ୟୁତ କାଟ୍ ହେବା କିଛି ନୂଆ କଥା ନୁହେଁ । ତେବେ କିଛିଦିନ ପୂର୍ବରୁ ଅଘୋଷିତ ବିଦ୍ୟୁତ କାଟ୍ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଚେତାବନୀ ଦେଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ଆହୁରି ସପ୍ତାହେ ଯାଏଁ ଲାଗି ରହିବ ଏହି ଭଳି ଅସହ୍ୟ ଗ୍ରୀଷ୍ମଲହରି । ଆଗାମୀ ୬ ରୁ ୭ ଦିନ ଯାଏଁ ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ସତର୍କ କରିଛି ପାଣିପାଗ ବିଭାଗ । ପ୍ରବଳ ଗ୍ରୀଷ୍ମପ୍ରବାହ ଓ ଉଷ୍ଣରାତ୍ରି ହେବାର ଆଶଙ୍କା ଥିବାରୁ ଆସନ୍ତାକାଲି ପାଇଁ ଝାରସୁଗୁଡା, ସମ୍ବଲପୁର ଓ ବଲାଙ୍ଗୀର ଜିଲ୍ଲାକୁ ଜାରି ହୋଇଛି ଅରେଞ୍ଜ ୱାର୍ଣ୍ଣିଂ । କେବଳ କନ୍ଧମାଳ, ରାୟଗଡା, କୋରାପୁଟ ଓ ନବରଙ୍ଗପୁରକୁ ଛାଡି ବାକି ୨୩ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି ।

## ୪ ମହିଳାଙ୍କୁ ମାରିଦେଲା ବାଘ

ଚନ୍ଦ୍ରପୁର, ୨୨।୫(ମହାଭାରତ): କେନ୍ଦୁ ପତ୍ର ତୋଳିବାକୁ ଜଙ୍ଗଲକୁ ଯାଇଥିବା ବେଳେ ବାଘ ଆକ୍ରମଣରେ ୪ ଜଣ ମହିଳାଙ୍କ ମୃତ୍ୟୁ ଘଟିଛି। ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲ୍ଲାର ସିନ୍ଦେୱାହି ତହସିଲର ଗୁଞ୍ଜେୱାହି ଗାଁ ନିକଟସ୍ଥ ଜଙ୍ଗଲରେ ଏହି ଘଟଣା ଘଟିଛି। ଚନ୍ଦ୍ରପୁର ଜିଲ୍ଲା ମୁଖ୍ୟାଳୟଠାରୁ ଗୁଞ୍ଜେୱାହି ଗାଁ ପ୍ରାୟ ୭୦ କିଲୋମିଟର ହେବ।



ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗୁଞ୍ଜେୱାହି ଗାଁର ୧୩ ଜଣ ମହିଳା କେନ୍ଦୁ ପତ୍ର ତୋଳିବା ପାଇଁ ଯାଇଥିଲେ। ସେମାନେ ପତ୍ର ତୋଳାରେ ବ୍ୟସ୍ତ ଥିବା ବେଳେ ହଠାତ୍ ବାଘ ସେମାନଙ୍କୁ ଆକ୍ରମଣ କରିଥିଲା। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ବାଘ ମାରି ଦେଇଥିଲା। ମୃତ ମହିଳାମାନେ ହେଉଛନ୍ତି- କାବଡ଼ାବାଇ ମୋହୁର୍ଲେ (୪୫), ଅନିତାବାଇ ମୋହୁର୍ଲେ (୪୦), ସୁନିତା ମୋହୁର୍ଲେ (୩୮) ଏବଂ ସଙ୍ଗୀତା ଚୌଧୁରୀ (୫୦)। ଖବର ପାଇବା ପରେ ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ ବୋଲି ଚନ୍ଦ୍ରପୁର ସର୍କଲର ମୁଖ୍ୟ ବନ ସଂରକ୍ଷକ (ସିସିଏଫ୍) ଆର. ଏମ. ରାମାନୁଜମ୍ କହିଛନ୍ତି। ଏହାସହ ସେ ତଦନ୍ତ ଶେଷ ହେବା ପରେ ଘଟଣା ସଂପର୍କରେ ସବିଶେଷ ସୂଚନା ମିଳିପାରିବ ବୋଲି କହିଛନ୍ତି। ଏହି ଘଟଣା ପରେ ଗୁଞ୍ଜେୱାହି ଗ୍ରାମବାସୀ ଭୟଭୀତ ହୋଇଯାଇଛନ୍ତି।

## ନିଟ୍ ୟୁଜି ଲିକ୍ : ଗିରଫ ଏନଟିଏ ଏକ୍ସପର୍ଟ କରିଥିଲେ ନିଟ୍ ପେପରର ଅନୁବାଦ

ନୂଆଦିଲ୍ଲୀ, ୨୨।୫ : ନିଟ୍ ୟୁଜି ପେପର ଲିକ୍ ମାମଲାରେ ବଡ଼ ଖୁଲାସା ସାମ୍ନାକୁ ଆସିଛି। ଏହି ମାମଲାରେ ଗିରଫ କରାଯାଇ ଥିବା ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ)ର ଦୁଇ ଜଣ ସବଜେକ୍ଟ ଏକ୍ସପର୍ଟ କେବଳ ପ୍ରଶ୍ନ କରିବାରେ ହିଁ ସାମିଲ ନଥିଲେ, ବରଂ ତାଙ୍କୁ ପ୍ରଶ୍ନ ପତ୍ରର ମରାଠୀରେ ଅନୁବାଦ କରିବାର କାମ ମଧ୍ୟ ପ୍ରଦାନ କରାଯାଇ ଥିଲା , ଯେଉଁଥିରେ ତାଙ୍କର ହାତ ପରୀକ୍ଷାର କେମିଷ୍ଟ୍ରୀ ଓ ବାୟୋଲଜି ସେକ୍ସନର ଫାଇନାଲ ପ୍ରଶ୍ନ ଯାଏ ପହଞ୍ଚି ଯାଇଥିଲା। ତଦନ୍ତରେ ସଂପୃକ୍ତ ଅଧିକାରୀମାନେ ଏହି ସୂଚନା ଦେଇଛନ୍ତି। ପୁଣେର ମଡର୍ଣ୍ଣ କଲେଜ ଅଫ୍ ଆର୍ଟ୍ସ , ସାଇନ୍ସ ଆଣ୍ଡ କମର୍ସରେ ବାୟୋଲଜି ଏକ୍ସପର୍ଟ ମନୀଷା ଗୁରୁନାଥ ମାନ୍ଧରେ , ଯାହାଙ୍କୁ ୧୬ ମେ'ରେ ଗିରଫ କରାଯାଇ ଥିଲା , ବାୟୋଲଜିର ୯୦ ପ୍ରଶ୍ନର ଅନୁବାଦ କରିଥିଲେ , ଯେଉଁଥିରୁ ୪୫ଟି ବଟନି ଓ ୪୫ଟି ଜୁଲଜିର ଥିଲା। ଦୟାନନ୍ଦ ଜୁନିୟର କଲେଜର ରିଟାୟର୍ଡ କେମିଷ୍ଟ୍ରି ଅଧ୍ୟାପକ ପି.ଭି. କୁଲକର୍ଣ୍ଣି , ଯାହାଙ୍କୁ ୧୫ ମେ' ରେ ଗିରଫ କରାଯାଇ ଥିଲା , ସେ କେମିଷ୍ଟ୍ରିର ୪୫ଟି ପ୍ରଶ୍ନର ଅନୁବାଦ କରିଥିଲେ । ମୋଟରେ ମିଶାଇ , ନିଜ ଅନୁବାଦର କାମ ମାଧ୍ୟମରେ ଏହି ଦୁହିଁଙ୍କୁ ଏହି ଦୁଇଟି ବିଷୟର ସବୁ ୧୩୫ଟି ପ୍ରଶ୍ନ ଯାଏ ଆକ୍ସେସ ମିଳିଥିଲା। ଏହା ବ୍ୟତୀତ ପେପର ସେଟର ଭାବେ ତାଙ୍କୁ ଆକ୍ସେସ ମିଳି ଥିଲା। ତଦନ୍ତ ସହ ଜଡ଼ିତ ଜଣେ ବ୍ୟକ୍ତି କହିଛନ୍ତି ଯେ, ଅନୁବାଦର ପ୍ରକ୍ରିୟାରେ ଦୁଇଟି ଅଲଗା ଅଲଗା ପର୍ଯ୍ୟାୟ ହୋଇଥାଏ। ସେ କହିଛନ୍ତି, ପେପର ପ୍ରସ୍ତୁତକାରୀ ତିନି କିମ୍ବା ଚାରୋଟି ସବଜେକ୍ଟ ଏକ୍ସପର୍ଟଙ୍କ ବ୍ୟତୀତ ଇଂରାଜୀ ଓ ୧୨ଟି କ୍ଷେତ୍ରୀୟ ଭାଷାରେ ପ୍ରଶ୍ନ ପତ୍ର ପ୍ରସ୍ତୁତ କରିବାର ପ୍ରକ୍ରିୟାରେ ଅନୁବାଦକ ଦୁଇଟି ଅଲଗା ଅଲଗା ଗ୍ରୁପ୍ ଅନ୍ତର୍ଭୁକ୍ତ ହୋଇଥାନ୍ତି – ଗୋଟିଏ ଗ୍ରୁପ ପେପରର ଆଞ୍ଚଳିକ ଭାଷାରେ ଅନୁବାଦ କରିଥାଏ ଏବଂ ଦ୍ୱିତୀୟ ଗ୍ରୁପ୍ ଏହାର ସଠିକତାର ତଦନ୍ତ କରିବା ପାଇଁ ସ୍ୱତନ୍ତ୍ର ରୂପେ ଏହାକୁ ଇଂରାଜୀରେ ଅନୁବାଦ କରିଥାଏ।

## ଫଳ ପଲାଉ

ସାମଗ୍ରୀ: ବାସୁମତୀ ଚାଉଳ, କଳା ଅଙ୍ଗୁର , ଗ୍ରୀନ ଅଙ୍ଗୁର, ସେଓ , ଡାଳିମ୍ବ, ଚେରୀ , କାଜୁ , କିସିମିସ, ପିସ୍ତା ବାଦାମ , ଜିରା , ଲୁଣ , ତେଲ ଏବଂ ଆମ୍ବ ସଢା।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗ୍ୟାସରେ କଡ଼େଇ ବସାଇ ସେଥିରେ କିଛି ପାଣି ଦେଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। ପାଣି ଫୁଟିଲା ପରେ ସେଥିରେ ଲୁଣ , ଜିରା ଏବଂ ଦୁଇ ଚାମଚ ତେଲ ପକାନ୍ତୁ। ତେଲ ପକାଇ ସାରିଲା ପରେ ପୂର୍ବରୁ ଭିଜା ହୋଇଥିବା ବାସୁମତୀ ଚାଉଳ ପକାଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। ଭାତ ପାଣିରେ ତେଲ ପକାଇଲେ ଭାତ ଲାଗି ନ ରହି ଗୋଟା ଗୋଟା ରହିବ। ତା' ପରେ ଚାଉଳକୁ ୧୦ ମିନିଟ ଫୁଟିବା ଯାଏଁ ଛାଡ଼ି ଦିଅନ୍ତୁ। ମଝିରେ ମଝିରେ ଲହାକୁ ଗୋଳାଉଥିବା। ଏହା ପରେ ଭାତ ହୋଇଗଲା ପରେ ଏକ ପାତ୍ରକୁ ଛାଣି ରଖନ୍ତୁ। ଏହା ପରେ ଏକ କଡ଼େଇ ଗରମ କରି ସେଥିରେ ତେଲ ପକାନ୍ତୁ। ତେଲ ଗରମ ହେଲା ପରେ ସେଥିରେ କାଜୁ, କିସମିସ, କଳା ଅଙ୍ଗୁର , ଡ଼ାଳିମ୍ବ , ସେଓ ଏବଂ ଲୁଣ ପକାଇ ଅଳ୍ପ ଭାଜନ୍ତୁ। ତା ପରେ ସେଥିରେ ପୂର୍ବରୁ ଥିବା ଭାତ ପକାଇ ଭଲଭାବେ ଗେଳାଇ ଦିଅନ୍ତୁ।ଗୋଳାଇ ସାରିଲା ପରେ ସେଥିରେ ପିସ୍ତା ବାଦାମ, ଚେରୀ ଏବଂ ଆମ୍ବ ସଢା ପକାଇ ଗୋଳାଇ ଦିଅନ୍ତୁ। ତା ପରେ ପ୍ରସ୍ତୁତ ହୋଇଯିବ ଆପଣଙ୍କର ଫଳ ପଲାଉ।



### ..... ପରଦା ଖବର ......

# ଫିଲ୍ମ ବନ୍ଦରରେ ଦେଖିବାକୁ ମିଳିବ ବବି ଦେଓ୍ୱଲଙ୍କ ପାଗଳାମୀ




ପୁରା ଦେଶରେ ଧମାକେଦାର ଟିଜର ରିଲିଜ କରିବା ପରେ ଫିଲ୍ମ ବନ୍ଦରର ଅଫିସିଆଲ ଟ୍ରେଲର ରିଲିଜ ହୋଇଛି । ଅଢେଇ ମିନିଟର ଏହି ଟ୍ରେଲର ଦେଖି ଦର୍ଶକ ଉତ୍ସାହିତ ରହିଛନ୍ତି ।ଫିଲ୍ମର ନିର୍ଦ୍ଦେଶକ ଅନୁରାଗ କଶ୍ୟପ ଏବଂ ବବି ଦେଓ୍ୱଲ ପ୍ରଥମ ଥର ପାଇଁ ଏକାଠି କାମ କରୁଛନ୍ତି ଯ ଆନିମଲ ଏବଂ ଦ ବ୍ୟାଡଆସ୍ ଅଫ ବଲିଉଡ ଭଳି ସୁପରହିଟ୍ ଫିଲ୍ମ ପରେ ବବି ଦେଓ୍ୱଲ ପୁଣିଥରେ ଭିଲ୍ଲ ରୂପରେ ଦେଖିବାକୁ ମିଳିଛନ୍ତି । ତାଙ୍କ ନୂଆ ଅବତାର ଦେଖି ଫ୍ୟାନ୍ସ ଆଶ୍ଚର୍ଯ୍ୟ ହୋଇଛନ୍ତି ।ଟ୍ରେଲର ଦେଖିବା ପରେ ଦର୍ଶକଙ୍କ ଭିତରେ ଉତ୍ସୁକତା ବଢିଛି । ଆନିମଲ ଭଳି ବବି ଦେଓ୍ୱଲଙ୍କୁ ଅଭିନୟ ପାଇଁ ଖୋଲା ଆକାଶ ମିଳିଛି । ତେଣୁ ବବି ଏହି ସୁଯୋଗର ଫାଇଦା ଉଠାଇଛନ୍ତି । ଏହି ସ୍ଲାଇ-ଡାର୍କ କମେଡି ଥ୍ରୀଲର ଫିଲ୍ମରେ କେବଳ ବବି ଦେଓ୍ୱଲ ନୁହେଁ, ବରଂ ବହୁତ ବଢିଆ କଳାକାର ଅଭିନୟ କରିଛନ୍ତି। ସାନ୍ୟା ମଲହୋତ୍ରା, ରାଜ ବି ସେଟ୍ଟୀ, ସପନା ପବ୍ବି, ସବା ଆଜାଦ, ରିଦ୍ଧି ସେନ, ଜିତେନ୍ଦ୍ର ଜୋଶୀ, ଇନ୍ଦ୍ରଜିତ ଏବଂ ନାଗେଶ ଭୋସଲେଁ ଭଳି କଳାକାର ରହିଛନ୍ତି ।ବନ୍ଦର ଫିଲ୍ମର ନିର୍ଦ୍ଦେଶନା ଅନୁରାଗ କଶ୍ୟପ ଦେଇଥିବା ବେଳେ କାହାଣୀ ସୁଦୀପ ଶର୍ମା ଏବଂ ଅଭିଷେକ ବାନାର୍ଜୀ ଲେଖିଛନ୍ତି। ପୂର୍ବରରୁ ଏମାନେ ପାତାଲ ଲୋକ, କୋହରା ଏବଂ ଉଡତା ପଞ୍ଜାବ ଭଳି ଫିଲ୍ମ କରିସାରିଛନ୍ତି । ଫିଲ୍ମଟି ଆସନ୍ତା ଜୁନ୍ ୫ରେ ରିଲିଜ ହେବ ।

## ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବାର ଠିକ୍ ଉପାୟ

ସୂର୍ଯ୍ୟଙ୍କ ଜଳ ଦେବାର ଠିକ୍ ତରିକା ସମ୍ପର୍କରେ ଖୁବ୍ କମ ଲୋକ ଜାଣିଥିବେ । ହେଲେ ପ୍ରାୟ ୯୦ ଭାଗ ଲୋକ ସୂର୍ଯ୍ୟଙ୍କୁ ଜଳ ବା ଅର୍ଘ୍ୟ ଦେବାର ଠିକ୍ ତରିକା ଜାଣି ନାହାଁନ୍ତି । ଆଗରୁ ମୁନି-ଋଷିମାନେ ଯେଉଁ ଉପାୟରେ ସୂର୍ଯ୍ୟଦେବଙ୍କୁ ଜଳ ଅର୍ପଣ କରୁଥିଲେ ତାହାକୁ ଆଧୁନିକ ଯୁଗର ଡାକ୍ତରମାନେ ମଧ୍ୟ ଠିକ୍ ବୋଲି କହିଛନ୍ତି । ଯଦି ଆମେ ସୂର୍ଯ୍ୟଙ୍କୁ ଜଳ ଦେବାର ପ୍ରକୃତ ତରିକା ନ ଜାଣିବା ଏହା ଆମକୁ ଭଲ ଫଳ ଦେବା ପରିବର୍ତ୍ତେ ଖରାପ ଫଳ ଦେଇଥାଏ ।



ସୂର୍ଯ୍ୟଦେବ ଏକମାତ୍ର ଦେବତା ଯାହାଙ୍କୁ ଆମେ ଆଖିରେ ଦେଖି ପାରୁଛେ । ସୂର୍ଯ୍ୟଦେବ ପ୍ରକୃତି ଓ ଆମର ସ୍ୱାସ୍ଥ୍ୟର ଆଧାର ମଧ୍ୟ ଅଟନ୍ତି । ସୂର୍ଯ୍ୟଙ୍କର କିରଣରେ ବାକ୍ଟେରିଆ ଓ ଭାଇରସ ନଷ୍ଟ କରି ଆମକୁ ସବୁ ରୋଗରୁ ରକ୍ଷା କରିବାର ଶକ୍ତି ରହିଛି । ଆସନ୍ତୁ ଜାଣିବା ସୂର୍ଯ୍ୟଙ୍କୁ ଜଳ ଦେବାର ଠିକ୍ ନିୟମ । ସୂର୍ଯ୍ୟଙ୍କ ସପ୍ତ ରଂଗ କିରଣରୁ ଆମକୁ ଲାଭ ମିଳୁ, ଏଥିପାଇଁ ମୁନି-ଋଷିମାନେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିବାର ନିୟମ ବନାଇଛନ୍ତି । ଶାସ୍ତ୍ରରେ କୁହାଯାଇଛି ସୂର୍ଯ୍ୟଙ୍କ କିରଣ ଯେବେ ଆଖିକୁ କଷ୍ଟ ଦିଏ, ସେତେବେଳେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବାର ଲାଭ ନାହିଁ । ଜଳର ଗଡୁଥିବା ଧାର ଦେଇ ସୂର୍ଯ୍ୟଙ୍କୁ ଦେଖିବାର ନିୟମ ରହିଛି । ଯାହାଦ୍ୱାରା ଜଳର ଧାରରୁ ସୃଷ୍ଟି ୭ ରଂଗର କିରଣ ଆମର ଆଖି କଳା ପୁତୁଳା ଦେଇ ଶରୀର ଗ୍ରହଣ କରେ । ପ୍ରତିଦିନ ସୂର୍ଯ୍ୟଙ୍କୁ ଜଳ ଦେବା ଦ୍ୱାରା ୭ ରଂଗ ଆମର ଶରୀର ଗ୍ରହଣ କରି ଶରୀରରେ ସକରାତ୍ମକ ଶକ୍ତି ପ୍ରବାହିତ କରିଥାଏ । ଭଗବାନ ସୂର୍ଯ୍ୟଙ୍କୁ ଜଳ ଦେବାର ଠିକ ତରିକା ଗ୍ରହଣ କରାନଗଲେ ଶରୀର ଉପରେ ଖରାପ ପ୍ରଭାବ ପଡିପାରେ । ଏହାଦ୍ୱାରା ଆଖି ମଧ୍ୟ ଖରାପ ହୋଇପାରେ । ତେଣୁ ଜଳ ଧାର ଗଡ଼ିବା ପରେ ଜଳ ଧାର ମଧ୍ୟ ଦେଇ ସୂର୍ଯ୍ୟଙ୍କୁ ଦେଖିବା ନିୟମ ରହିଛି ।

# ବିବେକରୂପୀ ଜ୍ଞାନ ଦୂରକରେ ହୃଦୟର ଅନ୍ଧକାର

ଭଗବାନ ଶ୍ରୀରାମ ବେଳେ ବେଳେ ଗୁରୁ ବଶିଷ୍ଠଙ୍କ ଆଶ୍ରମକୁ ଯାଇ ତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁଥିଲେ। ଦିନେ ସତ୍‌ପୁରୁଷଙ୍କ ସହ ସତ୍‌ସଙ୍ଗ କରିବାର ମହତ୍ତ୍ୱ ବିଷୟରେ ଶ୍ରୀରାମ ପଚାରିଲେ । ତାଙ୍କୁ ବୁଝାଇବାକୁ ଯାଇ ଗୁରୁ ବଶିଷ୍ଠ କହିଲେ, ଯେପରି ଦୀପ ଅନ୍ଧାରକୁ ନଷ୍ଟ କରିଥାଏ, ସେହିପରି ବିବେକ ଜ୍ଞାନ ସମ୍ପନ୍ନ ମହାପୁରୁଷ ହୃଦୟରେ ଥିବା ଆନନ୍ଦରୂପୀ ଅନ୍ଧକାରକୁ ହଟାଇବା ଲାଗି ସମର୍ଥ ହୋଇଥାଏ । ସେଥିପାଇଁ ସମସ୍ତ ଧର୍ମଗ୍ରନ୍ଥରେ ପ୍ରତିଦିନ ସତ୍‌ସଙ୍ଗ ଏବଂ ଶାସ୍ତ୍ର ବ୍ୟାଖ୍ୟାନ କରିବା ପାଇଁ ପରାମର୍ଶ ଦିଆଯାଇଛି । ମହର୍ଷି ବଶିଷ୍ଠ ଆହୁରି କହିଥିଲେ ଯେ ବିବେକୀ ମହାପୁରୁଷମାନେ ଇନ୍ଦ୍ରିୟ ଅନୁଗ୍ରାହୀ ହୋଇଥାନ୍ତି, ବୈରାଗୀ ତଥା ପ୍ରତିକ୍ଷଣରେ ବ୍ରହ୍ମ ଚିନ୍ତନ କରିଥାନ୍ତି । ଏଭଳି ମହାପୁରୁଷଙ୍କ ଠାରେ ତମୋଗୁଣର ଅଭାବ ରହିଥାଏ, ରଜୋଗୁଣ ଠାରୁ ଏମାନେ ଦୂରରେ ରହିଥାନ୍ତି । ଏମାନଙ୍କ ହୃଦୟରେ ସଂସାର ପ୍ରତି ବୈରାଗ୍ୟ ସୁଦୃଢ଼ ଥାଏ । ପୁଣ୍ୟ ବଳରେ ଏଭଳି ସତ୍‌ପୁରୁଷଙ୍କ ସାନ୍ନିଧ୍ୟ ମିଳିବା ସମ୍ଭବ । ଆନନ୍ଦ ସ୍ୱରୂପ ଆତ୍ମାର ଅନୁଭୂତି ହେବା ଦ୍ୱାରା ସାଧକ ଧନ-ସମ୍ପତ୍ତି, ଭୋଗ-ବୈଭବ ତ୍ୟାଗ କରିବା ଲାଗି ସର୍ବଦା ତତ୍ପର ରହିଥାଏ । ଏଥର ଶ୍ରୀରାମ ପଚାରିଲେ, ଗୁରୁବର, ଏଭଳି ମହାପୁରୁଷଙ୍କ ସର୍ବୋତ୍କୃଷ୍ଟ ଗୁଣ କ'ଣ ? ବଶିଷ୍ଠ କହିଲେ, ସେହି ଗୁଣର ନାମ ହେଉଛି ବିବେକ । ବିବେକ ଅଧିକାରୀ ପୁରୁଷର ହୃଦୟରୂପୀ



ଗୁମ୍ଫା ଏଭଳି ହୋଇଥାଏ, ଯେପରି ନିର୍ମଳ ଆକାଶରେ ଚନ୍ଦ୍ର । ବିବେକ ହିଁ ଅଜ୍ଞାନୀ ଜୀବକୁ ଜ୍ଞାନ ପ୍ରଦାନ କରିଥାଏ । ଜ୍ଞାନସ୍ୱରୂପ ଆତ୍ମା ହିଁ ପରମେଶ୍ୱର । ଜ୍ଞାନରୂପୀ ସୂର୍ଯ୍ୟ ଉଦୟ ହେବା ମାତ୍ରେ ସଂସାର ରୂପୀ ରାତ୍ରୀ ବିତିଯାଇ ମନରେ ଥିବା ପିଶାଚ ନଷ୍ଟ ହୋଇଯାଇଥାଏ ।

# ବିଶାଳାକ୍ଷୀ ଶକ୍ତିପୀଠ, ବାରାଣସୀ

ସନାତନ ଧର୍ମରେ ସର୍ବଦା ଶକ୍ତିଙ୍କୁ ଉପାସନା କରାଯାଇଆସିଛି । ସେଥିପାଇଁ କୌଣସି ଦେବତାଙ୍କ ନାମ ଉଚ୍ଚାରଣ ପୂର୍ବରୁ ପ୍ରଥମେ ସେମାନଙ୍କ ଶକ୍ତିଙ୍କ ନାମ ନିଆଯାଇଥାଏ। 'କୃଷ୍ଣ ଚରିତ୍ର'ରେ ଥିବା ବର୍ଣ୍ଣନା ଅନୁଯାୟୀ, ଶ୍ରୀକୃଷ୍ଣଙ୍କ ଦିନଚର୍ଯ୍ୟାରେ ମା' ଦୁର୍ଗାଙ୍କ ଉପାସନା ସମ୍ମିଳିତ ଥିଲା। ଶ୍ରୀରାମ ମଧ୍ୟ ରାବଣ-ବଧ ପୂର୍ବରୁ ଶକ୍ତିପୂଜା କରିଥିଲେ । ବୈଦିକ ସାହିତ୍ୟ ବିଶେଷ କରି ଯଜୁର୍ବେଦ ଏବଂ ଅଥର୍ବବେଦରେ ଶକ୍ତିପୂଜାର ଉଲ୍ଲେଖ ରହିଛି । ଉପନିଷଦ୍‌ରେ ମଧ୍ୟ ଶକ୍ତିପୂଜାକୁ ଗୁରୁତ୍ୱ ଦିଆଯାଇଛି । ପୁରାଣରେ ତ' ସର୍ବତ୍ର ଶକ୍ତିଙ୍କ ମହତ୍ୱ ବର୍ଣ୍ଣନା କରାଯାଇଛି । ପୌରାଣିକ ଆଖ୍ୟାନ ଅନୁଯାୟୀ ଭଗବାନ ଶିବଙ୍କ ଅପମାନରେ କ୍ରୋଧିତ ହୋଇ ଦେବୀ ସତୀ ଦକ୍ଷ ପ୍ରଜାପତିଙ୍କ ଯଜ୍ଞକୁଣ୍ଡରେ ନିଜକୁ ଆହୂତି ଦେଲେ । ଏହାପରେ ଭଗବାନ ଶିବ ଅତ୍ୟନ୍ତ କ୍ରୋଧିତ ହୋଇପଡ଼ିଥିଲେ । ସେ ଦେବୀ ସତୀଙ୍କ ଶରୀରକୁ ନେଇ ସମଗ୍ର ବ୍ରହ୍ମାଣ୍ଡରେ ଘୁରିବୁଲିବାକୁ ଲାଗିଲେ । ଏହି ସମୟରେ ଶ୍ରୀହରି ବିଷ୍ଣୁ ନିଜ ସୁଦର୍ଶନ ଚକ୍ର ପ୍ରେରଣ କରି ସତୀଙ୍କ ଶରୀରକୁ କାଟି ଖଣ୍ଡ ଖଣ୍ଡ କରିଦେଇଥିଲେ । ଦେବୀ ଶକ୍ତିଙ୍କ



ଅଙ୍ଗ ଯେଉଁଠି ଖସିପଡ଼ିଥିଲା, ସେସବୁ ସ୍ଥାନ ଶକ୍ତିପୀଠ ନାମରେ ପ୍ରସିଦ୍ଧ ହୋଇଥିଲା। ଏଠାରେ କିଛି ଶକ୍ତିପୀଠ ସମ୍ପର୍କରେ ସୂଚନା ଦିଆଗଲା। କାଶୀରେ ଭଗବାନ ଶିବଙ୍କ ଉପାସନା ସହିତ ଶକ୍ତିର ଅଧିଷ୍ଠାତ୍ରୀ (ମାତା)ଙ୍କର ମଧ୍ୟ ପୂଜା କରାଯାଇଥାଏ। ଅଷ୍ଟ ଭୈରବ, ଛପନ ବିନାୟକଙ୍କ ସହିତ ୯ ଦେବୀ ଏବଂ ୯ ଗୌରୀଙ୍କୁ ମଧ୍ୟ ପୂଜା କରାଯାଏ। ଏମାନଙ୍କ ମଧ୍ୟରୁ ଜଣେ ବିଶାଳାକ୍ଷୀ ଗୌରୀ ନାମରେ ପ୍ରସିଦ୍ଧ । ତାଙ୍କର ମନ୍ଦିର ଗଙ୍ଗା ନଦୀ ତଟ ତଥା ଶ୍ରୀକାଶୀ ବିଶ୍ୱନାଥଙ୍କ ମନ୍ଦିର ନିକଟସ୍ଥ ମୀରଘାଟରେ ରହିଛି । ଲୋକ ବିଶ୍ୱାସ ଅନୁଯାୟୀ, ଏଠାରେ ଦେବୀ ସତୀଙ୍କ ମୁଖମଣ୍ଡଳ ଖସିପଡ଼ିଥିଲା। ଶ୍ରଦ୍ଧାଳୁମାନେ ବିଶ୍ୱାସ କରିଥାନ୍ତି ଯେ ଆଜି ମଧ୍ୟ ଦେବାଦିଦେବ ମହାଦେବ ଏହି ଶକ୍ତିପୀଠକୁ ପ୍ରତିଦିନ ବିଶ୍ରାମ କରିବା ଲାଗି ଆସିଥାନ୍ତି । ସେଥିପାଇଁ ପୂଜାରୀ ମନ୍ଦିରରେ ପଲଙ୍କ ସଜାଇଥାନ୍ତି ।

ଏହି ଶକ୍ତିପୀଠର ଇତିହାସ, କାଶୀ ନଗରୀ ପ୍ରତିଷ୍ଠା ହେବା ପୂର୍ବର। ମନ୍ଦିରର ମୁଖ୍ୟ ଦ୍ୱାର ଦେଇ ପ୍ରବେଶ କରିବା ମାତ୍ରେ ବିଶାଳାକ୍ଷୀ ଦେବୀଙ୍କ ଗର୍ଭଗୃହ ରହିଛି । ଏଠାରେ ଅଷ୍ଟଧାତୁରେ ନିର୍ମିତ ମହାଲକ୍ଷ୍ମୀ, ନବଗ୍ରହ ଏବଂ ବିଶାଳେଶ୍ୱର ମହାଦେବଙ୍କ ବିଗ୍ରହ ବିରାଜମାନ । ୧୯୦୮ ମସିହାରେ ନାଟ୍‌କୋଟି ଚେଟ୍ଟିଆର ଟ୍ରଷ୍ଟ ଏହି ମନ୍ଦିରକୁ ଦ୍ରାବିଡ଼ୀୟ ଶୈଳୀରେ ନବନିର୍ମାଣ କରିଥିଲା। ଛାତ ଉପରେ ନବଗ୍ରହଙ୍କ ଚିହ୍ନ ମଧ୍ୟ ଚିତ୍ରିତ କରାଯାଇଥିଲା।

ମହନ୍ତ ରାଜନାଥ ତିଓ୍ୱାରୀ ସୂଚନା ଦିଅନ୍ତି ଯେ ଭଗବତୀଙ୍କୁ ଧୂପ, ଦୀପ, ପୁଷ୍ପହାର, ମୋତି ଆଭୂଷଣ, ନବୀନ ବସ୍ତ୍ର ସହିତ କୁଙ୍କୁମ ମଧ୍ୟ ଅର୍ପଣ କରାଯାଇଥାଏ। ଭକ୍ତଜନଙ୍କୁ ପ୍ରସାଦ ସ୍ୱରୂପ କୁଙ୍କୁମ ଦିଆଯାଏ। ଭକ୍ତଗଣ ଏଠାରେ ଦାନ, ଜପ ଏବଂ ଯଜ୍ଞ ମଧ୍ୟ କରିଥାନ୍ତି ।

ମନ୍ଦିର ସକାଳୁ ୪ଟା ୩୦ମିନିଟ୍‌ରେ ଖୋଲିଥାଏ ଏବଂ ରାତି ସାଢ଼େ ୧୦ଟାରେ ପହଡ଼ ପଡ଼ିଥାଏ। ପ୍ରତିବର୍ଷ ଭାଦ୍ରବମାସ କୃଷ୍ଣ ପକ୍ଷର ତୃତୀୟା ତିଥିରେ ମାତାଙ୍କ ବାର୍ଷିକ ଶୃଙ୍ଗାର ଏବଂ ପ୍ରତ୍ୟେକ ୧୨ ବର୍ଷରେ ଥରେ କୁମ୍ଭାଭିଷେକ କରାଯାଇଥାଏ।

# ବୀର ଗୋଗା ଦେବଙ୍କ କଥା

ଗୋଗାଜୀ ହେଉଛନ୍ତି ରାଜସ୍ଥାନର ଲୋକ ଦେବତା, ଯାହାଙ୍କୁ 'ଜାହାରବୀର ଗୋଗା ରାଣା' ମଧ୍ୟ କୁହାଯାଏ । ରାଜସ୍ଥାନର ହନୁମାନଗଡ ଜିଲ୍ଲାର ଏକ ସହର ହେଉଛି



ଗୋଗାମେଡ଼ି। ଏଠାରେ ଭାଦ୍ରବ ପଞ୍ଚମୀ ଏବଂ ନବମୀରେ ଗୋଗା ଦେବତାଙ୍କ ମେଳା ଆୟୋଜନ ହୋଇଥାଏ। ତାଙ୍କୁ ଉଭୟ ହିନ୍ଦୁ ଏବଂ ମୁସଲମାନ ଧର୍ମର ଲୋକ ପୂଜା କରନ୍ତି। ଗୁଜୁରାଟ ରବାରୀ ଲୋକମାନେ ଗୋଗାଙ୍କୁ 'ଗୋଗା ମହାରାଜ' ନାମରେ ମଧ୍ୟ କୁହନ୍ତି।

ଗୋଗା ଦେବ ଗୁରୁ ଗୋରଖନାଥଙ୍କର ପରମ ଶିଷ୍ୟ ଥିଲେ । ସେ ଚୁରୁ ଜିଲ୍ଲାର ଦାଦ୍‌ରେଭା ଗ୍ରାମରେ ଖ୍ରୀଷ୍ଟାବ୍ଦ ୧୦୦୩ରେ ଜନ୍ମଗ୍ରହଣ କରିଥିଲେ। ସିଦ୍ଧ ବୀର ଗୋଗାଦେବଙ୍କ ଜନ୍ମସ୍ଥାନ ରାଜସ୍ଥାନର ଚୁରୁ ଜିଲ୍ଲାର ଦତ୍ତଖେଡ଼ା ଦାଦ୍ରେଭାରେ ଅବସ୍ଥିତ ଯେଉଁଠାରେ ସମସ୍ତ ଧର୍ମ ଓ ସମ୍ପ୍ରଦାୟର ଲୋକମାନେ ଦର୍ଶନ କରିବା ପାଇଁ ଦୂରଦୂରାନ୍ତରୁ ଆସିଥାନ୍ତି।

କାୟାମ ଖାନୀ ମୁସଲିମ ସମାଜ ତାଙ୍କୁ 'ଜୋହର ପୀର' ନାମରେ ଜାଣନ୍ତି ଏବଂ ସେହି ସ୍ଥାନକୁ ପ୍ରାର୍ଥନା ଓ ଆଶୀର୍ବାଦ ଭିକ୍ଷା କରିବାକୁ ଆସନ୍ତି । ଏହିପରି, ଏହି ସ୍ଥାନ ହିନ୍ଦୁ ଏବଂ ମୁସଲମାନ ଏକତାର ପ୍ରତୀକ। ମଧ୍ୟଯୁଗୀୟ ମହାନ ବ୍ୟକ୍ତି ଗୋଗାଜୀ ହିନ୍ଦୁ, ମୁସଲମାନ, ଶିଖ ଆଦି ସମସ୍ତ ସମ୍ପ୍ରଦାୟର ଶ୍ରଦ୍ଧା ଅର୍ଜନ କରିପାରିଥିଲେ ଏବଂ ଏକ ଧର୍ମନିରପେକ୍ଷ ଲୋକ ଦେବତାରୁ ପୀର ଭାବରେ ପ୍ରସିଦ୍ଧ ହୋଇଥିଲେ।

ଗୁରୁ ଗୋରଖନାଥଙ୍କ ବରଦାନରୁ ଗୋଗା ଦେବ ରାଜସ୍ଥାନର ଦାଦ୍‌ରେଭା (ଚୁରୁ) ଚୌହ୍ୱାନ ବଂଶର ରାଜପୁତ ଶାସକ ଜୈବର (ଜେବର ସିଂହ)ଙ୍କ ପତ୍ନୀ ବାଛଲଙ୍କ ଗର୍ଭରୁ ଭାଦ୍ରବ ନବମୀରେ ଜନ୍ମ ହୋଇଥିଲେ। ଚୌହ୍ୱାନ ରାଜବଂଶରେ ରାଜା ପୃଥ୍ୱୀରାଜ ଚୌହାନଙ୍କ ପରେ ଗୋଗା ଦେବ ଜଣେ ପ୍ରସିଦ୍ଧ ରାଜା ହୋଇଥିଲେ। ଗୋଗାଙ୍କ ରାଜ୍ୟ ସତଲୁଜ ଠାରୁ ହାନସୀ (ହରିୟାଣା) ପର୍ଯ୍ୟନ୍ତ ଥିଲା। ଲୋକମାନ୍ୟତା ଏବଂ ଲୋକକଥା ଅନୁଯାୟୀ ଗୋଗାଜୀଙ୍କୁ ସର୍ପମାନଙ୍କ ଦେବତା ମଧ୍ୟ ପୂଜା କରାଯାଏ। ଲୋକମାନେ ତାଙ୍କୁ ଗୋଗାଜୀ, ଗୁଗା ବୀର, ଜାହିର ବୀର, ରାଜା ମଣ୍ଡଳିକ୍ ଏବଂ ଜାହର ପୀର ନାମରେ ଡାକନ୍ତି । ସେ ଗୁରୁ ଗୋରଖନାଥଙ୍କର ଜଣେ ପ୍ରମୁଖ ଶିଷ୍ୟ ଥିଲେ।

# ଯୋଗାଣ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ : ମନ୍ତ୍ରୀ

ଭୁବନେଶ୍ୱର, ୨ ୨।୫(ମହାଭାରତ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ରାଜ୍ୟ ଯୋଗାଣ ନିଗମ ମିଳିତ ଆନୁକୂଲ୍ୟରେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ, ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ ବୁଧବାର ଦିନ ଲୋକସେବା ଭବନ କାନଭେନ ସେଂଟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି ।

ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ନିକଟରେ ରନ୍ଧନ ଗ୍ୟାସର କଳାବାଜରୀ ରୋକିବାରେ ଯୋଗାଣ ଅଧିକାରୀମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ସେହିଭଳି ପେଟ୍ରୋଲ-ଡିଜେଲ କଳାବଜାରୀ କରିଥିବା ଲୋକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଖାଲି ସେତିକି ନୁହେଁ ଚାଷୀମାନଙ୍କଠାରୁ ଠିକଣା ସମୟରେ ସେମାନଙ୍କଠାରୁ ଧାନ ସଂଗ୍ରହ, ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଜାରି ରଖିଛନ୍ତି । ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ସୁନିଶ୍ଚିତ କରିବାରେ ଯୋଗାଣ ଅଧିକାରୀଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ ବୋଲି ସେ କହିଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ନିଜ ଉଦ୍‌ବୋଧନରେ ସାଧାରଣ ଲୋକଙ୍କୁ ତ୍ୱରିତ ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ ଦ୍ୱାରା ଲୋକମାନଙ୍କ ନିକଟରେ ସରକାରଙ୍କ ଆଭିମୁଖ୍ୟ ପହଂଚିପାରିବ ବୋଲି ସେ ମତ ଦେଇଥିଲେ । ଖାଦ୍ୟ ସୁରକ୍ଷା ଯୋଜନାର ସମସ୍ତ ହିତାଧିକାରୀମାନଙ୍କ ଇ-କେଓ୍ୱାଇସି ୯୬ ପ୍ରତିଶତ ଶେଷ ହୋଇଛି । ଏହାକୁ ଶତପ୍ରତିଶତ କରିବା ପାଇଁ ସମସ୍ତଙ୍କର ପ୍ରଚେଷ୍ଟା ଜାରି ରଖିବାକୁ ସେ କହିଥିଲେ । ସେହିଭଳି ୧୪୪ଟି ସୁଲଭ ମୂଲ୍ୟ ଦୋକାନରେ ଶତପ୍ରତିଶତ ଇ-କେଓ୍ୱାଇସି



ଯାଂଚ ଶେଷ ହୋଇଛି ଓ ବାକିଥିବା ଅନ୍ୟ ସୁଲଭ ମୂଲ୍ୟ ଦୋକାନରେ ଏହି ପ୍ରକ୍ରିୟା ଶତପ୍ରତିଶତ ଛୁଇଁବ ବୋଲି ସେ ଆଶା ପ୍ରକାଶ କରିଥିଲେ । ସେହିଭଳି ଗତ ଖରିଫ ଋତୁରେ ପ୍ରାୟ ୧୯ ଲକ୍ଷ ଚାଷୀମାନଙ୍କଠାରୁ ୭୮ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଇନ୍‌ପୁଟ ସହାୟତା ବାବଦକୁ ପ୍ରାୟ ୨୪ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି ।

ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତୀ ବିଭିନ୍ନ ପ୍ରସଙ୍ଗ ଉପରେ ସମ୍ମିଳନୀରେ ଆଲୋଚନା କରିଥିବା ବେଳେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ସୁଦାମ ଚରଣ ମଣ୍ଡଳ, ସ୍ୱତନ୍ତ୍ର ଶାସନ ସଚିବ ପୁରନ୍ଦର ଧରୁଆ, ଶ୍ରୀଧର ନାୟକ, ଯୋଗାଣ ନିଗମ ସାଧାରଣ ପରିଚାଳକ ପ୍ରଭାତ ମହାପାତ୍ର, ଶ୍ରୀମତୀ ଏଲୋରା ସାମଲ, ଶ୍ରୀମତୀ ପ୍ରଣତି ପ୍ରିୟଦର୍ଶିନୀ ରାଉତ ପ୍ରମୁଖ ନିଜ ନିଜର ମନ୍ତବ୍ୟ ରଖିଥିଲେ । ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ ଓ ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ସମ୍ମିଳନୀରେ ଧାନକିଣା, ଇ-କେଓ୍ୱାଇସି ଓ ମଣ୍ଡି ପରିଚାଳନାରେ ପ୍ରଯୁକ୍ତି ବିଦ୍ୟା ଉପଯୋଗ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଜିଲ୍ଲାଗୁଡ଼ିକୁ ମନ୍ତ୍ରୀ ଶ୍ରୀ ପାତ୍ର ସମ୍ବର୍ଦ୍ଧିତ କରିଥିଲେ । ଧାନସଂଗ୍ରହ କ୍ଷେତ୍ରରେ ବରଗଡ଼, କଳାହାଣ୍ଡି ଓ ଗଞ୍ଜାମ ଜିଲ୍ଲାକୁ ସମ୍ବର୍ଦ୍ଧିତ କରିଥିବାବେଳେ ଇ-କେଓ୍ୱାଇସି କରିବାରେ ସଫଳତା ହାସଲ କରିଥିବା ଜିଲ୍ଲା ଭାବେ ସୁନ୍ଦରଗଡ଼, ଦେବଗଡ଼, ମୟୂରଭଞ୍ଜ ଜିଲ୍ଲା, ଜିପିଏସ୍ ଆଧାରିତ ଗାଡ଼ି-ଟ୍ରାକିଂ ପାଇଁ ଝାରସୁଗୁଡ଼ା, ଭଦ୍ରକ, ସୁନ୍ଦରଗଡ଼ ଏବଂ ମଣ୍ଡି ପରିଚାଳନା ଆପ୍ ବ୍ୟବହାର ଦିଗରେ ଉତ୍କର୍ଷ ଲାଭ କରିଥିବା ସୁବର୍ଣ୍ଣପୁର, ଯାଜପୁର ଓ ମୟୂରଭଞ୍ଜ ଜିଲ୍ଲାକୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ସମ୍ମିଳନୀରେ ଧାନସଂଗ୍ରହ ଗୁଣବତା, ଆକାଉଂଟସ୍, ସାଧାରଣ ବଂଟନ, ସାଧାରଣ ପରିଚାଳନା ଆଦି ପ୍ରସଙ୍ଗ ଉପରେ ଅଧିକାରୀମାନେ ଉପସ୍ଥାପନ କରିଥିଲେ । ସେହିଭଳି ଚାଷୀ ପଞ୍ଜିକରଣ ଓ ଯାଂଚ, ସାଧାରଣ ବଂଟନ, ସୁଲଭ ମୂଲ୍ୟ ଦୋକାନ ପରିଚାଳନା, ଇ-କେଓ୍ୱାଇସି ଯାଂଚ, ତଥ୍ୟ ଉପସ୍ଥାପନା, ଧାନ ସଂଗ୍ରହ ନୀତି ଆଦି ଉପରେ ବିଭିନ୍ନ ଜିଲ୍ଲାର ଯୋଗାଣ ଅଧିକାରୀମାନେ ସେମାନଙ୍କର ଉପସ୍ଥାପନା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାର ଯୋଗାଣ ଅଧିକାରୀ, ରାଜ୍ୟ ଯୋଗାଣ ନିଗମ ଏବଂ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଉପ ଶାସନ ସଚିବ ସରୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡ଼ିଶାକୁ ବିଶ୍ୱର ଅଗ୍ରଣୀ ପୁଞ୍ଜିନିବେଶ ସ୍ଥଳ ଭାବେ ଗଢ଼ି ତୋଳିବାକୁ ଉଦ୍ୟମ କର: ମନ୍ତ୍ରୀ

ଭୁବନେଶ୍ୱର, ୨ ୨।୫(ମହାଭାରତ): : ରାଜ୍ୟରେ ଆହୁରି ତ୍ୱରାନ୍ୱିତ ହେବ ଶିଳ୍ପ ଅଭିବୃଦ୍ଧି। ଇଣ୍ଡଷ୍ଟ୍ରିଆଲ୍ ପ୍ରମୋସନ ଆଣ୍ଡ ଇନଭେଷ୍ଟମେଂଟ କର୍ପୋରେସନ ଅଫ୍ ଓଡ଼ିଶା ଲିମିଟେଡ୍ (ଇପିକଲ୍)ର ସମୀକ୍ଷା ବୈଠକରେ ପୁଞ୍ଜିନିବେଶ ପ୍ରସ୍ତାବଗୁଡ଼ିକର ବାସ୍ତବ ରୂପାୟନ ଉପରେ ଗୁରୁତ୍ୱ ଦେଇଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ସମସ୍ତ ବିଭାଗୀୟ ନୋଡାଲ ଅଧିକାରୀଙ୍କୁ ଉଦ୍ୟୋଗୀ ମନୋଭାବ ଗ୍ରହଣ କରିବା ସହ ଶିଳ୍ପଗୁଡ଼ିକର ସହଜ କାର୍ଯ୍ୟକାରିତା ପାଇଁ ଅଧିକ ସକ୍ରିୟ ଭାବେ ସହାୟତା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।



ବୈଠକରେ ମନ୍ତ୍ରୀଚାଲୁ ରହିଥିବା ଶିଳ୍ପଭିତିକ କାର୍ଯ୍ୟକଳାପର ଅଗ୍ରଗତି, ପ୍ରକଳ୍ପ ଗୁଡ଼ିକର କ୍ଷେତ୍ରସ୍ତରୀୟ ସ୍ଥିତି ଏବଂ ଆଗାମୀ ଦିନରେ ହେବାକୁ ଥିବା ନିବେଶ ରୋଡ୍ ଶୋ' ନେଇ ସମୀକ୍ଷା କରିଥିଲେ। ଏହାସହ ରାଜ୍ୟରେ 'ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ' ବ୍ୟବସ୍ଥାରେ ସୁଧାର ଏବଂ ଶିଳ୍ପଗୁଡ଼ିକୁ ସାହାଯ୍ୟ କରିବା ପାଇଁ ସଫଳତାର ସହ କାର୍ଯ୍ୟକାରୀ ହୋଇଥିବା ଡିଜିଟାଲ୍ ବ୍ୟବସ୍ଥା ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା।

ଓଡ଼ିଶାକୁ ସାରା ବିଶ୍ୱରେ ଅଗ୍ରଣୀ ପୁଞ୍ଜିନିବେଶ ସ୍ଥଳ ଭାବେ ପ୍ରତିଷ୍ଠିତ କରିବା ଉପରେ ବୈଠକରେ ଜୋର ଦେଇଛନ୍ତି ମନ୍ତ୍ରୀ। ଏଥିପାଇଁ ତଥ୍ୟ-ଆଧାରିତ ନିବେଶକ ଚୟନ, ଜିଲ୍ଲାସ୍ତରୀୟ ସଂସ୍ଥାଗୁଡ଼ିକ ମାଧ୍ୟମରେ ପ୍ରକଳ୍ପ ଅନୁଧ୍ୟାନ ଏବଂ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ଆଉଟରିଚ୍ କାର୍ଯ୍ୟକ୍ରମ ଆୟୋଜନ ଉପରେ ସେ ଗୁରୁତ୍ୱ ଦେଇଥିଲେ। ମନ୍ତ୍ରୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଇପିକଲ୍ ର ପରିଚାଳନା ନିର୍ଦ୍ଦେଶକ ତଥା ଶିଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ଆବୋଲି ନରଭଣେଙ୍କ ସମେତ ଇପିକଲ୍ ର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## କୃତକାର୍ଯ୍ୟ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୨ ୨।୫(ମହାଭାରତ): : ଯୁକ୍ତ ୨ ଓ ଧନ୍ଦାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁଭେଚ୍ଛା ଜଣାଇଛନ୍ତି। ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି ଉଚ୍ଚଶିକ୍ଷା ମନ୍ତ୍ରୀ ଲେଖିଛନ୍ତି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ) ଦ୍ୱାରା ପରିଚାଳିତ +୨ ଓ ଧନ୍ଦାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ବିଦ୍ୟାର୍ଥୀଙ୍କୁ ଅସୁମାରୀ ଶୁଭେଚ୍ଛା। ସଭିଙ୍କର ଉଜ୍ଜ୍ୱଳ ଓ ସାର୍ଥକ ଭବିଷ୍ୟତ ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା । ଆପଣମାନଙ୍କୁ ସ୍ୱାଗତ କରିବାକୁ ଉଚ୍ଚଶିକ୍ଷା ବିଭାଗ ଉତ୍ସାହର ସହିତ ଅପେକ୍ଷାରତ। ପରୀକ୍ଷାରେ ଆଶାତୀତ ଫଳ ପ୍ରାପ୍ତ କରିପାରିନଥିବା ପରୀକ୍ଷାର୍ଥୀ ନିରାଶ ନ ହୋଇ ପରିଶ୍ରମ ଜାରି ରଖିବାକୁ ମୁଁ ଆଗ୍ରହ ଓ ନିବେଦନ କରୁଛି ।

## ଚାକିରି ଆଶାୟୀ ଏସସି/ଏସଟି ଯୁବକଯୁବତୀଙ୍କ ପାଇଁ ଷ୍ଟାଇପେଣ୍ଡ ସହ କମ୍ପ୍ୟୁଟର ତାଲିମ ସୁଯୋଗ

ଭୁବନେଶ୍ୱର, ୨ ୨।୫(ମହାଭାରତ): ଭୁବନେଶ୍ୱରସ୍ଥିତ ଏସସି/ଏସଟି ନେସନାଲ କ୍ୟାରିଅର ସର୍ଭିସ୍ ସେଂଟର ପକ୍ଷରୁ ଅନୁସୂଚିତ ଜାତି (ଏସସି) ଏବଂ ଅନୁସୂଚିତ ଜନଜାତି (ଏସଟି) ଯୁବକଯୁବତୀଙ୍କ ପାଇଁ ମାଗଣା ଏବଂ ଷ୍ଟାଇପେଣ୍ଡ ଆଧାରିତ କମ୍ପ୍ୟୁଟର ପାଠ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି । ଆସନ୍ତା ଜୁଲାଇ ପହିଲା ୨୦୨୬ ଠାରୁ ଏହି ପାଠ୍ୟକ୍ରମ ଆରମ୍ଭ ହେବ । ଯୁକ୍ତ ଦୁଇ ପରୀକ୍ଷାରେ ପାସ୍ କରିଥିବା ୧୮ରୁ ୩୦ ବର୍ଷ ବୟସର ପର୍ଯ୍ୟନ୍ତ ଏସସି/ଏସଟି ଛାତ୍ରଛାତ୍ରୀ ଏହିସବୁ ପାଠ୍ୟକ୍ରମର ଲାଭ ନେଇପାରିବେ। ସ୍ୱତନ୍ତ୍ର କୋଚିଂ ସ୍କିମ୍ କୋର୍ସ(୧୮ରୁ ୨୭ ବର୍ଷ), ଏନଆଇଇଏଲଆଇଟି ଜରିଆରେ 'ଓ' ଲେବୁଲ ପାଠ୍ୟକ୍ରମ, 'ଓ' ଲେବୁଲ କମ୍ପ୍ୟୁଟର ହାର୍ଡୱେର ମେଂଟେନାନ୍ସ ତାଲିମ, ଅଫିସ ଅଟୋମେସନ, ଏକାଉଂଟିଂ ଏବଂ ପବ୍ଲିଶିଂ ଆସିଷ୍ଟାନ୍ସ ପାଠ୍ୟକ୍ରମ, କମ୍ପ୍ୟୁଟର ଆପ୍ଲିକେସନ ଓ ବିଜନେସ୍ ଏକାଉଣ୍ଟିଂ ଆସୋସିଏଟ୍ ପାଠ୍ୟକ୍ରମ, ସାଇବର ସୁରକ୍ଷିତ ୱେବ୍ ଡେଭଲପମେଂଟ ଆସୋସିଏଟ୍ ଆଦି କୋର୍ସରେ ଛାତ୍ରଛାତ୍ରୀ ଏକ ବର୍ଷ ଯାଏ ତାଲିମ ନେଇପାରିବେ । ଏସବୁ ପାଠ୍ୟକ୍ରମରେ ତାଲିମ ସମ୍ପୂର୍ଣ୍ଣ ମାଗଣା ହୋଇଥିବା ବେଳେ ବହି ଓ ଅନ୍ୟାନ୍ୟ ପାଠପଢ଼ା ଉପକରଣ ମଧ୍ୟ ମାଗଣାରେ ଯୋଗାଇ ଦିଆଯିବ। ଏଥିସହିତ ଏକ ବର୍ଷ ପର୍ଯ୍ୟନ୍ତ ମାସିକ ୧ ହଜାର ଟଙ୍କା ଲେଖାଏଁ ଷ୍ଟାଇପେଣ୍ଡ ମିଳିବ । ସେହିପରି ଦୁଇ ମାସିଆ କମ୍ପ୍ୟୁଟର କନସେପ୍ଟ କୋର୍ସରେ ମଧ୍ୟ ଛାତ୍ରଛାତ୍ରୀ ନାମ ଲେଖାଇ ପାରିବେ। ତେବେ ଏଥିପାଇଁ କୌଣସି ଷ୍ଟାଇପେଣ୍ଡ ମିଳିବ ନାହିଁ । ବାର୍ଷିକ ୩ ଲକ୍ଷ ଟଙ୍କାରୁ କମ୍ ଆୟ ବର୍ଗର ଏସସି/ଏସଟି ପରିବାରର ପିଲାମାନେ ଏହାର ଲାଭ ନେଇପାରିବେ।

ଇଚ୍ଛୁକ ପ୍ରାର୍ଥୀମାନେ ଡବ୍ଲୁଡବ୍ଲୁଡବ୍ଲୁ.ଏନସିଏସ୍.ଜିଓଭି.ଇନ୍ କିମ୍ବା ଡବ୍ଲୁଡବ୍ଲୁଡବ୍ଲୁ.ଡିଜିଇ.ଜିଓଭି.ଇନ୍ ରେ ବିସ୍ତୃତ ବିବରଣୀ ଦେଖିବା ସହିତ ଫର୍ମ ଡାଉନଲୋଡ୍ କରିପାରିବେ । ଛାତ୍ରଛାତ୍ରୀ ନିଜ ପସନ୍ଦର ପାଠ୍ୟକ୍ରମରେ ନାମ ଲେଖା ନିମନ୍ତେ ଆବଶ୍ୟକ କାଗଜପତ୍ର ସହିତ ନିର୍ଦ୍ଧାରିତ ଫର୍ମରେ ୮ ଜୁନ୍ ୨୦୨୬ ସୁଦ୍ଧା ଆବେଦନ କରିପାରିବେ। ଆବେଦନ ଏବଂ ଅନ୍ୟାନ୍ୟ ସୂଚନା ପାଇଁ ଛାତ୍ରଛାତ୍ରୀ ଭୁବନେଶ୍ୱର ପୋଖରୀପୁଟ ଗଣ୍ଡମୁଣ୍ଡା ମଧୁସୂଦନ ପାର୍କ ସାମ୍ନାରେ ଥିବା ନେସନାଲ କ୍ୟାରିଅର ସର୍ଭିସ ସେଂଟର ଏବଂ ୬୨୬୩୭୬୧୮୨୫ ମୋବାଇଲ ନମ୍ବରରେ ମଧ୍ୟ ଯୋଗାଯୋଗ କରିପାରିବେ । ପ୍ରତ୍ୟେକ ଛାତ୍ରଛାତ୍ରୀ କେବଳ ଗୋଟିଏ ପାଠ୍ୟକ୍ରମରେ ନାମ ଲେଖାଇପାରିବେ ।

## ସମ୍ବଲପୁର ଓ ବରଗଡ ବିଧାୟକମାନଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

ଭୁବନେଶ୍ୱର, ୨ ୨।୫(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ସମ୍ବଲପୁର ଓ ବରଗଡ ଜିଲ୍ଲାର ବିଧାୟକମାନଙ୍କ ସହିତ ରବିଧାନ ସଂଗ୍ରହ ସମ୍ପର୍କରେ ଆଲୋଚନା କରିଛନ୍ତି । ବୈଠକରେ ମଣ୍ଡି ଭିତ୍ତିଭୂମି, ଟୋକେନ ପ୍ରଦାନ, ମିଲର୍?ମାନଙ୍କ ଧାନ ଉଠାଣ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ସମସ୍ତ ଅଞ୍ଚଳର ଚାଷୀମାନଙ୍କ ଠାରୁ ଧାନ କିଣିବା ପାଇଁ ସରକାରଙ୍କ ପ୍ରକ୍ରିୟା ଜାରି ରହିଛି । ଚାଷୀମାନଙ୍କ ଯେପରି କୌଣସି ଅସୁବିଧା ହେବ ନାହିଁ ଏବଂ ମିଲର୍?ମାନେ ଠିକ୍ ସମୟରେ ଧାନ ଉଠେଇବେ, ତା'ଉପରେ ସ୍ୱତନ୍ତ୍ର ଫୋକସ ରଖା ଯାଇଛି । ଚାଷୀମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ



ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଚାଷୀମାନଙ୍କର ଯାହାକିଛି ସମସ୍ୟା ରହିଛି, ତାହା ନିଶ୍ଚିତ ଦୂର କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବଶାଶ୍ୱତ ମିଶ୍ର ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ସଚିବ ସଞ୍ଜୟ ସିଂହ ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ସମ୍ବଲପୁର ବିଧାୟକ ଶ୍ରୀ ଜୟନାରାୟଣ ମିଶ୍ର, ବରଗଡ ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଏବଂ ବିଜେପୁର ବିଧାୟକ ସନତ କୁମାର ଗଡତିଆ ପ୍ରମୁଖ ଆଲୋଚନା କରିଥିଲେ ।

## ରାଜ୍ୟର ବିଭିନ୍ନ ପ୍ରକାରର ଉନ୍ନତ ଓ ଶଙ୍କର କିସମର ଆମ୍ବ ପ୍ରଦର୍ଶନକୁ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨ ୨।୫(ମହାଭାରତ): : ଭୁବନେଶ୍ୱରଠାରେ ଆୟୋଜିତ ଜୋନାଲ କନ୍‌ଫରେନ୍ସରେ ଆମ ରାଜ୍ୟର ବିଭିନ୍ନ ପ୍ରକାରର ଉନ୍ନତ ଓ ଶଙ୍କର କିସମର ଆମ୍ବ ପ୍ରଦର୍ଶିତ ହେବା ସହ ଜାତୀୟ ସ୍ତରରେ ଉଚ୍ଚ ପ୍ରଶଂସିତ ହେବା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ସଫଳତା ପାଇଁ ସେ ଓଡ଼ିଶାର ସମସ୍ତ ପରିଶ୍ରମୀ ଚାଷୀ ଭାଇଭଉଣୀ ଓ କୃଷି ଉଦ୍ୟୋଗୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ସାଧୁବାଦ ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ମୟୂରଭଞ୍ଜର ଆକର୍ଷଣୀୟ 'ସିମିଲଟନ୍ ସୁନ୍ଦରୀ', କେଉଁଝରର 'ବଳଦେବ', ବଲାଙ୍ଗିରର 'ଜାହାଙ୍ଗିର' ଓ ଢେଙ୍କାନାଳର 'ବେଲଗଜା' ସମେତ ବିଶ୍ୱପ୍ରସିଦ୍ଧ 'ମିଆଜାକି' ଏବଂ ଅନ୍ୟାନ୍ୟ ଉତ୍କୃଷ୍ଟ ଆମ୍ବ କିସମ ଆମ ଚାଷୀଙ୍କ ଦକ୍ଷତା ଓ ନିଷ୍ଠାର ପ୍ରମାଣ ଦେଇଛି। ସବୁଠାରୁ ଆନନ୍ଦର ବିଷୟ ଯେ, ନିକଟରେ ଢେଙ୍କାନାଳର 'ଆମ୍ରପଲ୍ଲୀ' ଆମ୍ବ ଲଣ୍ଡନ ବଜାରକୁ ରପ୍ତାନି ହୋଇ ଆମ ପାଇଁ ଗୌରବ ଆଣିଦେଇଛି। ଆମ ଚାଷୀଙ୍କ ଅକ୍ଲାନ୍ତ ପରିଶ୍ରମ, ଉପଯୁକ୍ତ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏବଂ କୃଷି ଉତ୍ପାଦକ ସଂଗଠନ ଗୁଡ଼ିକର ସଠିକ୍ ସମନ୍ୱୟ ଯୋଗୁଁ ଓଡ଼ିଶାର ଆମ୍ବ ଆଜି ଦେଶ ଓ ବିଦେଶ ବଜାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ରାଜ୍ୟର କୃଷକମାନେ ହିଁ ଆମ ଅର୍ଥନୀତିର ପ୍ରକୃତ ଶକ୍ତି। ଚାଷୀଙ୍କ ବିକାଶ, ସେମାନଙ୍କୁ ଆଧୁନିକ ଜ୍ଞାନକୌଶଳ ଯୋଗାଇଦେବା ଏବଂ ଉତ୍ପାଦିତ ସାମଗ୍ରୀର ସଠିକ୍ ମୂଲ୍ୟ ପ୍ରଦାନ କରିବା ସହ ଉଦ୍ୟାନ କୃଷିର ସାମଗ୍ରୀକ ଅଭିବୃଦ୍ଧି ପାଇଁ ଆମ ସରକାର ସଦାସର୍ବଦା ସଂକଳ୍ପବଦ୍ଧ। ଆମ କୃଷି କ୍ଷେତ୍ରର ଏହି ସଫଳତା ଆଗାମୀ ଦିନରେ ଏକ ସମୃଦ୍ଧ ଓଡ଼ିଶା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମୋର ଦୃଢ଼ ବିଶ୍ୱାସ।

## ଓଡିଶା ଅପରାଧ ଉପରମୁହାଁ, କୋମାରେ ପୋଲିସ : ବିଜେଡି

ଭୁବନେଶ୍ୱର, ୨ ୨।୫(ମହାଭାରତ): : ରାଜ୍ୟରେ ଅପରାଧ ଉପର ମୁହାଁ ହୋଇଥିଲା ବେଳେ ମନୋବଳ ହରାଇ ପୋଲିସ କୋମାରେ । ବ୍ରହ୍ମପୁରରେ ବିଚ୍ ବଜାରରେ ଅପରାଧୀମାନେ ଯେଉଁଭଳି ଭାବେ ଅମାନବୀୟ କାଣ୍ଡ ରଚିଲେ ତାହା ରାଜ୍ୟବାସୀଙ୍କ ମୁଣ୍ଡ ତଳକୁ କରିଛି । ପ୍ରତ୍ୟେକ ଦିନ ରାଜ୍ୟବାସୀ କେବଳ ଗୁଣ୍ଡାରାଜ ଓ ଅରାଜକତାର ଚିତ୍ର ଦେଖୁଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି ।

ଆଜି ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ ଓ ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି ରାଜ୍ୟରେ ଆଇନଶୃଙ୍ଖଳାର ଚରମ ଅଧୋଗତିକୁ ନେଇ ବିଜେପି ସରକାରକୁ କଡା ନିନ୍ଦା କରିଛନ୍ତି ।

ଶ୍ରୀ ବକ୍ସିପାତ୍ର କହିଛନ୍ତି, ପୋଲିସର ନିଷ୍କ୍ରିୟତା ଓ ଶାସକ ଦଳର ପ୍ରୋତ୍ସାହନରେ ଗଂଜାମ ଜିଲ୍ଲାରେ ଗତ ଏକମାସରେ ୧୦ରୁ ଅଧିକ ହତ୍ୟାକାଣ୍ଡ ସଂଗଠିତ ହୋଇଛି । ଗତ ସୋମବାର ଦିନ ଗିରିରୋଡରେ ଘଟିଥିବା ବର୍ବୋରଚିତ ଆକ୍ରମଣର ଦୁଇ ମୁଖ୍ୟ ଅଭିଯୁକ୍ତ ସ୍ଥାନୀୟ ବିଜେପି ବିଧାୟକଙ୍କ ସହଯୋଗୀ ହୋଇଥିବାରୁ ପୋଲିସ ତାଙ୍କୁ ଗିରଫ କରିବାକୁ ସାହାସ ଜୁଟାଇ ପାରୁନାହିଁ । ବ୍ରହ୍ମପୁର ପୋଲିସ ବିଜେପି ଦଳ ଦ୍ୱାରା ଏଭଳି ଚାପଗ୍ରସ୍ତ ଯେ, ପ୍ରତ୍ୟେକ ଦିନ ବିଧାୟକଙ୍କ ଘରେ ଏସ୍ପିଓଙ୍କୁ ହାଜିରା ଦେବାକୁ ପଡୁଛି । ସାଧାରଣ ଲୋକଟିଏ ଥାନାକୁ ଗଲେ ପୋଲିସ ପ୍ରଥମେ ତାଙ୍କୁ ପଚାରୁଛି ତୁମେ କେଉଁ ଦଳର ସମର୍ଥକ । ଏଫ୍‌ଆଇଆରରେ ନାଁ ଥିଲେ ମଧ୍ୟ ଶାସକ ଦଳର ଇଙ୍ଗିତରେ ତଦନ୍ତରେ ଅଭିଯୁକ୍ତଙ୍କ ନାଁ କଟାଯାଉଛି । ଏଥିପାଇଁ ଆଜି ବ୍ରହ୍ମପୁର ଓ ଗଂଜାମ ପୋଲିସ ଜିଲ୍ଲା ରାଜ୍ୟର କ୍ରାଇମ ହବ୍ ଭାବେ ଅପଖ୍ୟାତି ମୁଣ୍ଡାଇଛି ।

ଶ୍ରୀ ସାହୁ କହିଛନ୍ତି ଯେ, ଡବଲ ଇଂଜିନ ସରକାର କ୍ଷମତାକୁ ଆସିବା ପରେ ସାରା ରାଜ୍ୟରେ ବିଜେପି ନେତା ଓ ଅପରାଧୀଙ୍କ ମଧ୍ୟରେ ଏକ ଅନୈତିକ ବୁଝାବଣା ହୋଇ ପୋଲିସ ଉପରେ ଚାପ ପ୍ରୟୋଗ କରାଯାଉଛି । ଫଳସ୍ୱରୂପ ପୋଲିସ ମନୋବଳ ଭାଙ୍ଗିଯାଇଛି । ଯାହାର ଚିତ୍ର ପ୍ରତ୍ୟେକ ଦିନ ରାଜ୍ୟବାସୀ ଦେଖୁଛନ୍ତି । ନୟାଗଡରେ ଥାନା ମଧରେ ପୋଲିସକୁ ଆକ୍ରମଣ, ଭୁବନରେ ଥାନା ଆଇଆଇସିଙ୍କୁ ଆକ୍ରମଣ କରି ବାଲି ମାଫିଆମାନେ ଗାଡି ଛଡାଇନେବା, ଟାଙ୍ଗିରେ ପୋଲିସ ଉପସ୍ଥିତିରେ ପ୍ରଶାସନିକ ଅଧିକାରୀଙ୍କୁ ବିଜେପି ନେତାଙ୍କ ଦୁର୍ବ୍ୟବହାର ଘଟଣା ଦେଖିବାକୁ ମିଳିଛି । ପିଏସଓଙ୍କ ବନ୍ଧୁକ ଛଡାଇ ବିଜେପି ବିଧାୟକ ଫାଙ୍କା ଗୁଳିଚାଳନା କଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ । ଅପରାଧୀଙ୍କୁ ଏନ୍କାଉଣ୍ଟର ପାଇଁ ଯେଉଁଦିନ ପୋଲିସ ମହାନିର୍ଦ୍ଦେଶକ କହୁଛନ୍ତି, ସେହିଦିନ ହିଁ ବ୍ରହ୍ମପୁରରେ ଏହିଭଳି ବର୍ବୋଚିତ କାଣ୍ଡ ଘଟୁଛି ।

ଡ. ମହାନ୍ତି କହିଥିଲେ ଯେ, ନୟାଗଡରେ ଦୈନିକ ଖବରକାଗଜ ସକାଳର ସାମ୍ବାଦିକଙ୍କ ଉପରେ ମିଥ୍ୟା ଦୁଷ୍କର୍ମ ମାମଲା ରୁଜୁ ଓ ଖବରକାଗଜ ପୋଡିବା ଦୁର୍ଭାଗ୍ୟଜନକ । ବିଜେପି ନେତା ଅରିନ୍ଦମ ରାୟ, ସାମ୍ବାଦିକମାନଙ୍କ ପ୍ରତି ଯେଉଁ ଭାଷା ବ୍ୟବହାର କରୁଛନ୍ତି ତାହା ଆଦୌ ଗ୍ରହଣୀୟ ନୁହେଁ, ବିଜେପି ଏହାକୁ ନେଇ ସ୍ପଷ୍ଟୀକରଣ ଦେଉ । ଶାସକ ବିଜେପି ଦଳ ନେତାମାନଙ୍କ ଦ୍ୱାରା ଆଜି ସାମ୍ବାଦିକ ଓ ସାମ୍ବାଦିକତା ବିପଦରେ । ବ୍ରହ୍ମପୁର ଓ ଗଂଜାମ ପୋଲିସ ଜିଲ୍ଲାକୁ ଅପରାଧୀଙ୍କ ହାତରେ ଟେକି ଦେଇଛନ୍ତି ଡବଲ ଇଂଜିନ ସରକାର । ପୋଲିସ ମହାନିର୍ଦ୍ଦେଶକ ତୁରନ୍ତ ସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରନ୍ତୁ ଯଦ୍ୱାରା ସାଧାରଣ ଲୋକ ପୋଲିସ ଉପରେ ଭରସା ରଖିପାରିବେ ।

## ଟ୍ରକ ମାଲିକ ମାନଙ୍କ ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଓ ପରିବହନ ମନ୍ତ୍ରୀଙ୍କୁ ଆବେଦନ

ଭୁବନେଶ୍ୱର, ୨ ୨।୫(ମହାଭାରତ): ଟ୍ରକ ମାଲିକ ସଂଘ ପକ୍ଷରୁ ରାଜ୍ୟର ଟ୍ରକ ମାଲିକମାନଙ୍କ ଦୀର୍ଘଦିନର ସମସ୍ୟା, ଅନ୍ୟାୟ ଜୋରିମାନା, ଡିଜେଲ ମୂଲ୍ୟ ବୃଦ୍ଧି ଓ ନ୍ୟାୟସଙ୍ଗତ ପରିବହନ ଭଡ଼ା ଧାର୍ଯ୍ୟ କରିବା ଆଦି ଦାବି ନେଇ ମୁଖ୍ୟମନ୍ତ୍ରୀ ଓ ପରିବହନ ମନ୍ତ୍ରୀଙ୍କୁ ଏକ ଲିଖିତ ଆବେଦନ ପ୍ରଦାନ କରାଯାଇଛି। ଏହି ଆବେଦନରେ ଟ୍ରକ ମାଲିକମାନଙ୍କ ଦ୍ୱାରା ରାଜ୍ୟର ଅର୍ଥନୀତି, ଜରୁରୀ ସେବା, ଔଷଧ ପରିବହନ, ଖାଦ୍ୟ ସାମଗ୍ରୀ ଯୋଗାଣ ଓ ବିପଦ ସମୟରେ ଦିଆଯାଉଥିବା ସେବା ସମ୍ପର୍କରେ ଉଲ୍ଲେଖ କରାଯାଇଛି। ସେହିପରି ଟ୍ରକ ମାଲିକମାନଙ୍କ ଉପରେ ବଢୁଥିବା ଆର୍ଥିକ ଚାପ, ଅନ୍ୟାୟ ଜୋରିମାନା, ଭଡ଼ା ଅନିୟମିତତା ଓ ପ୍ରଶାସନିକ ଅବହେଳା ପ୍ରତି ଗଭୀର ଚିନ୍ତା ପ୍ରକାଶ କରାଯାଇଛି। ଉକ୍ତ ଚିଠିର ନକଲ ଓଡ଼ିଶାର ସମସ୍ତ ବିଧାୟକ, ସାଂସଦ ଓ ବିଭାଗୀୟ ପ୍ରଶାସନିକ ଅଧିକାରୀମାନଙ୍କୁ ମଧ୍ୟ ପ୍ରେରଣ କରାଯାଇଛି। ଟ୍ରକ ମାଲିକ ସଂଘ ଆଶା କରିଛି ଯେ, ସରକାର ଏହି ନ୍ୟାୟସଙ୍ଗତ ଦାବିଗୁଡ଼ିକୁ ଗୁରୁତର ସହିତ ବିଚାର କରି ଶୀଘ୍ର ସକରାତ୍ମକ ପଦକ୍ଷେପ ନେବେ। ଏ ବିଷୟରେ ଭୁବନେଶ୍ୱରରେ ଏକ ଜରୁରୀ ବୈଠକରେ ଆଲୋଚନା ହୋଇ ମୁଖ୍ୟମନ୍ତ୍ରୀ ଓ ପରିବହନ ମନ୍ତ୍ରୀଙ୍କ ବାସଭବନରେ ପ୍ରଦାନ କରାଯାଇଛି।

## ଆଠ ବର୍ଷ କାଳ ଚଣ୍ଡିଖୋଲ ଭୂତଳ ତୈଳ ସଂରକ୍ଷଣ ପ୍ରକଳ୍ପକୁ ପକାଇ ରଖିଥିଲ କାହିଁକି: ଭକ୍ତ

ଭୁବନେଶ୍ୱର; ୨୨।୫(ମହାଭାରତ): - ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶୁକ୍ରବାର ଦିନ ୟୁଏଇ ଗସ୍ତ ସମୟରେ ସ୍ୱାକ୍ଷରିତ ହୋଇଥିବା ପ୍ରମୁଖ ଚୁକ୍ତିନାମା ମଧ୍ୟରେ ଓଡ଼ିଶାର ଚଣ୍ଡିଖୋଲଠାରେ ପ୍ରସ୍ତାବିତ ରଣନୈତିକ ତୈଳ ସଂରକ୍ଷଣ ସୁବିଧା ସ୍ଥାନ ପାଇଛି। ଏହା କାର୍ଯ୍ୟକାରୀ ହେଲେ ଭାରତର ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବ ବୋଲି କୁହାଯାଇଛି। ଇଣ୍ଡିଆନ୍ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭସ୍ ଲିମିଟେଡ୍ ଏବଂ ଆବୁଧାବି ନ୍ୟାସନାଲ୍ ଅଏଲ୍ କମ୍ପାନୀ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣାପତ୍ର ଭାରତର ପେଟ୍ରୋଲିୟମ୍ ରିଜର୍ଭରେ ୩୦ ନିୟୁତ ବ୍ୟାରେଲ ପର୍ଯ୍ୟନ୍ତ ଅଶୋଧିତ ତୈଳ ସଂରକ୍ଷଣ କରାଯିବ ବୋଲି କୁହାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଗଲେ ଭାରତର ଅଶୋଧିତ ତୈଳ ସଂରକ୍ଷଣ କ୍ଷମତା ବୃଦ୍ଧି ପାଇବା ସହ ଏଠାରେ ୫,୦୦୦ ରୁ ଅଧିକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବ ଏବଂ ସ୍ଥାନୀୟ ଆର୍ଥିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବ ବୋଲି କୁହାଯାଇଛି।

ତେବେ ଏହି ପ୍ରକଳ୍ପ କାର୍ଯ୍ୟକାରିତାର ଅନେକ ଦିଗକୁ ନେଇ ଓଡିଶା କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି। ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଭକ୍ତ ଚରଣ ଦାସ ଏକ ପ୍ରେସ ବିବୃତିରେ କହିଛନ୍ତିଯେ, ଯାଜପୁର ଜିଲ୍ଲାର ଚଣ୍ଡିଖୋଲଠାରେ ଏହି ଭୂତଳ ତୈଳ ସଂରକ୍ଷଣ ପ୍ରକଳ୍ପକୁ ୨୦୧୮ ମସିହା ଜୁନ ମାସ ୨୭ ତାରିଖରେ କେନ୍ଦ୍ର କ୍ୟାବିନେଟ ଦ୍ୱାରା ୮,୭୪୩ କୋଟି ଟଙ୍କାର ଏହି ପ୍ରକଳ୍ପକୁ ଅନୁମୋଦନ କରାଯାଇଥିଲା ଏବଂ ଏଠାରୁ ୪ ନିୟୁତ ମେଟ୍ରିକ୍ ଟନ୍ ଭୂତଳ ଅଶୋଧିତ ତୈଳ ସଂରକ୍ଷଣ କ୍ଷମତା ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଥିଲା। ଏହାକୁ ଆଜି ସୁଦ୍ଧା ୮ ବର୍ଷ କାଳ କ'ଣ ପାଇଁ କାର୍ଯ୍ୟକାରୀ କରାଯାଇ ନଥିଲା ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ପ୍ରଥମତଃ, ଉକ୍ତ ପ୍ରକଳ୍ପକୁ ଗତ ୨୦୧୪ ମସିହାରେ ଏସପିଆର କାର୍ଯ୍ୟକ୍ରମର ପର୍ଯ୍ୟାୟ ୨ ସମ୍ପ୍ରସାରଣର ଅଂଶ ଭାବରେ ୨୦୧୭ ରେ ଚଣ୍ଡିଖୋଲଠାରେ ପ୍ରକଳ୍ପ ନିର୍ମାଣ କରିବାକୁ ଘୋଷଣା କରାଯାଇଥିଲା। ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ପୂର୍ବରୁ ଡଙ୍କାରୀ ପାହାଡ଼ ଅଂଚଳରେ ପ୍ରାୟ ୪୦୦ ଏକର ଜମି ଆବଂଟନ କରିସାରିଛନ୍ତି। ଏଠାରେ ଜମି ମାଲିକମାନଙ୍କୁ ବର୍ତ୍ତମାନ ସୁଦ୍ଧା ସଠିକ ଭାବେ କ୍ଷତିପୂରଣ ରାଶି ପ୍ରଦାନ କରାଯାଇନଥିବାରୁ ଏଥିଲାଗି ଜନ ଅସନ୍ତୋଷ ଲାଗି ରହିଛି। ସେ ପଟେ ଏହି ପ୍ରକଳ୍ପକୁ କାହିଁକି ଏତେ ବିଳମ୍ବ ପର୍ଯ୍ୟନ୍ତ କାହିଁକି ପକାଇ ରଖାଯାଇଥିଲା ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ୨୦୧୯ ମସିହା ନିର୍ବାଚନକୁ ଆଖି ଆଗରେ ରଖି ଏହି ପ୍ରକଳ୍ପକୁ କ୍ୟାବିନେଟ ଅନୁମୋଦନ କରିଥିଲା କି ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଦାସ କହିଛନ୍ତିଯେ, ଯଦି ସେହି ସମୟରେ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଇଥାନ୍ତା, ଆଜି ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଓଡିଶାରେ ତୈଳ ସଙ୍କଟ ଦୂର ହୋଇ ପାରି ଥାନ୍ତା। କିନ୍ତୁ ଏହାକୁ ରାଜନୈତିକ ଅଭସନ୍ଧି ରଖି ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଇ ନଥିଲା। ଶ୍ରୀ ଦାସ ଦାବି କରିଛନ୍ତି, ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବା ପୂର୍ବରୁ ସ୍ଥାନୀୟ ଅଂଚଳରେ ପରିବେଶ ନିୟନ୍ତ୍ରଣ ପ୍ରତି ଆବଶ୍ୟକ ଧ୍ୟାନ ଦିଆଯିବା ସହ ସ୍ଥାନୀୟ କ୍ଷତିଗ୍ରସ୍ତ ଲୋକଙ୍କ ଜମିର ଉଚିତ ମୂଲ୍ୟ ପ୍ରଦାନ କରାଯାଉ। ଏଥିସହ ଏଠାରେ ପ୍ରକଳ୍ପ ସ୍ଥାପନ ହେଲେ ଏଠାରେ ଯେଉଁ ପରିବେଶ ପ୍ରଦୂଷଣ ହେବ ଏଥିପାଇଁ ସରକାର ଓ ପ୍ରକଳ୍ପ କର୍ତ୍ତୃପକ୍ଷ ପୂର୍ବରୁ ପ୍ରତିକାର କରିବା ଦରକାର।

## ହାଇଦ୍ରାବାଦ ଠାରେ ସୋଆ ପକ୍ଷରୁ 'ଆଲିସିପ୍ ++ ୨.୦'

ଭୁବନେଶ୍ୱର୨ ୨।୫(ମହାଭାରତ): : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଗତ ଶୁକ୍ରବାର ହାଇଦ୍ରାବାଦ ଠାରେ ଆୟୋଜିତ ନେତୃତ୍ୱ କୈନ୍ଦ୍ରିକ ସମ୍ମିଳନୀ 'ଆଲିସିପ୍ ++ ୨.୦' ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ଶିଳ୍ପ, ମାନବ ସମ୍ବଳ ଓ ଶିକ୍ଷା କ୍ଷେତ୍ରର ବରିଷ୍ଠ ନେତୃବର୍ଗ ସାମିଲ ହୋଇ ବୃତିଗତ କ୍ଷେତ୍ରରେ ଜେନ୍-ଜି ବର୍ଗର ସମ୍ପୃକ୍ତି ଓ ନେତୃତ୍ୱ ଦକ୍ଷତାକୁ ନେଇ ଆଲୋଚନା କରାଯାଇଥିଲା। ଏହି ସମ୍ମିଳନୀରେ 'ପ୍ରାକ୍ଟିଇଜିଂ ଆଲିସିପ୍ ଇନ୍ ଜେନ୍-ଜି' ପ୍ରସଙ୍ଗରେ ଆଲୋଚନା କରାଯାଇଥିବା ବେଳେ ଏକ ୱାନ୍ ଟୁ ୱାନ୍ ମଧ୍ୟ କରାଯାଇଥିଲା।ଭାରତୀୟ ଆଥଲେଟିକ୍ ସଂଘର ସମ୍ପାଦକ ଡକ୍ଟର ଜି. ଶ୍ରୀନିବାସ ପଟ୍ଟନାୟକ ଯୋଗ ଦେଇ ଯୁବବର୍ଗଙ୍କ କ୍ଷେତ୍ରରେ ନେତୃତ୍ୱ, ଶୃଙ୍ଖଳା, ମାର୍ଗଦର୍ଶନ ଏବଂ ବିଶ୍ୱାସ ଓ ସହନଶୀଳତାର ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ।



କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ଯୋଗ ଦେଇ ବିଶ୍ୱବିଦ୍ୟାଳୟର ସଫଳତା ବଖାଣିବା ସହ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ। ଶିଳ୍ପ ଓ ଶିକ୍ଷା କ୍ଷେତ୍ରରେ ସହଭାଗିତା ଏବଂ ନେତୃତ୍ୱ, ନବୀକରଣ ଏବଂ ମିଳିତ ଅଗ୍ରଗତିକୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ସୋଆର କାର୍ଯ୍ୟଧାରା ସମ୍ପର୍କରେ ଅବଗତ କରାଇବା ହିଁ ଆଲିସିପ୍ ++ ୨.୦ର ମୁଖ୍ୟ ଉଦ୍ଦେଶ୍ୟ।

ସୋଆର ଡିନ୍ କର୍ପୋରେଟ ରିଲେସନ୍ସ ଆଣ୍ଡ ପ୍ଲେସ୍‌ମେଂଟ ଡକ୍ଟର ରାଜ କୁମାର ହୋତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ତଥ୍ୟ ଉପସ୍ଥାପନା କରିଥିଲେ। ଏହି ଅବସରରେ ଆୟୋଜିତ ଏକ ଆଲୋଚନାଚକ୍ରରେ ଅନୁଷ୍ଠାନ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ ଜେନ୍-ଜି ବୃତିଧାରୀ ଓ ଛାତ୍ରଛାତ୍ରୀମାନଙ୍କୁ ନେଇ କିଭଳି କାର୍ଯ୍ୟ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଲୋଚନାକୁ ଆଇଆଇଟି ଦିଲ୍ଲୀର ପ୍ରଫେସର ତଥା ସୋଆର ପୁରାତନ ଛାତ୍ର ପ୍ରଫେସର ସଞ୍ଜୟ ଧୀର ପରିଚାଳନା କରିଥିବା ବେଳେ ଏମର୍ଜିଂ ଟ୍ୟାଲେଂଟ ଲିଡ୍-ଇଣ୍ଡିଆ ଆଣ୍ଡ ଏପିଜେ ଅଫ୍ ଆକାମାଇ ଟେକ୍ନୋଲୋଜିସ୍ ପକ୍ଷରୁ ଶ୍ରୀମତି ରଚିତା ମହାଦେବ, ଏନ୍‌ସିସି ଲିମିଟେଡ୍‌ର ଉପସଭାପତି (ମାନବ ସମ୍ବଳ) ଶ୍ରୀ ବିକ୍ରମ କେ. ନାୟକ, ହାଇଦ୍ରାବାଦ ସ୍ଥିତ କେଓଲିସ୍‌ର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଡକ୍ଟର ରୀନା ଦାସ ଏବଂ ରେକିଟର ମାନବ ସମ୍ବଳ ମୁଖ୍ୟ (ଗ୍ଲୋବାଲ ହବ୍) ଶ୍ରୀମତି ଇଷାଦର୍ଶୀ ପି. ମିଶ୍ର ସାମିଲ ହୋଇ ନିଜର ମତ ରଖିଥିଲେ। ଏହି ଆଲୋଚନାଚକ୍ରରେ କାର୍ଯ୍ୟକାରୀଙ୍କ ରୂପାନ୍ତରଣ, ମନସ୍ତାତ୍ତ୍ୱିକ ସୁରକ୍ଷା, ସମାବେଶୀ ନେତୃତ୍ୱ, ନିୟୋଜନ, ମାର୍ଗଦର୍ଶନ, ଜ୍ଞାନ ଆହରଣର ଇଚ୍ଛାଶକ୍ତି, କ୍ୟାମ୍ପସରୁ କର୍ପୋରେଟ ରୂପାନ୍ତରଣ ଏବଂ ଏଭଳି ଏକ କାର୍ଯ୍ୟକ୍ଷେତ୍ର ପରିବେଶ ସୃଷ୍ଟି କରିବା ଯେଉଁଠାରେ ବୃତିଗତ ଜେନ୍-ଜି ମାନେ ସଶକ୍ତ ହୋଇ ଉତ୍ତମ ପରିବେଶରେ କାର୍ଯ୍ୟ କରିପାରିବେ ସେ ନେଇ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସୋଆର ଉପନିର୍ଦ୍ଦେଶିକା ସୁଶ୍ରୀ କାଜଲ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ହାଇଦ୍ରାବାଦର କର୍ପୋରେଟ ଜଗତର ନେତୃତ୍ୱ, ମାନବ ସମ୍ବଳ ଅଧିକାରୀ ଏବଂ ଶିକ୍ଷା କ୍ଷେତ୍ରର ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ।

## ସମ୍ଭାବନା, ସଂକଟ ଓ ଆହ୍ୱାନ

ଏକବିଂଶ ଶତାବ୍ଦୀର ତୃତୀୟ ଦଶକରେ ଓଡିଶା ଆଜି ଏଭଳି ଏକ ସନ୍ଧିକ୍ଷଣରେ ଉପନୀତ, ଯେଉଁଠି ପୁରାତନ ଗୌରବର ସ୍ମୃତି ଏବଂ ଆଧୁନିକ ପ୍ରଗତିର ଆକାଂକ୍ଷା ମଧ୍ୟରେ ଏକ ଅଦୃଶ୍ୟ ଦ୍ୱନ୍ଦ ଚାଲିଛି। ବର୍ତ୍ତମାନର ସାମାଜିକ-ରାଜନୈତିକ ଏବ ଅର୍ଥନୈତିକ ପରିଦୃଶ୍ୟକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଜଣାପଡେ ଯେ ରାଜ୍ୟ ଏକ ବଡ ଧରଣର ରୂପାନ୍ତରଣ ପ୍ରକ୍ରିୟା ଦେଇ ଗତି କରୁଛି, ଯେଉଁଠାରେ ସଫଳତାର ଚମକ ଯେତିକି ରହିଛି, ଅସମାହିତ ସମସ୍ୟାର ଅନ୍ଧକାର ମଧ୍ୟ ସେତିକି ଗଭୀର। ଶିଳ୍ପାୟନ, ଭିତିଭୂମିର ବିକାଶ ଏବଂ ବୈଷୟିକ ପ୍ରଗତି କ୍ଷେତ୍ରରେ ଓଡିଶା ଲମ୍ଭା ଡେଇଁଥିଲେ ହେଁ, ମୌଳିକ ସାମାଜିକ ସୂଚକାଙ୍କ, ଗ୍ରାମୀଣ ଅର୍ଥନୀତି ଏବଂ ଆଂଚଳିକ ଅସ୍ମିତାର ସୁରକ୍ଷା ଭଳି ପ୍ରସଙ୍ଗଗୁଡିକ ଆଜି ବି ପ୍ରଶ୍ନବାଚୀ ସୃଷ୍ଟି କରୁଛନ୍ତି। ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିକୁ ଯଦି ଆମେ ଆଲୋଚନାର ପରିସରକୁ ନେବା, ତେବେ ଖଣି ଓ ମେଟାଲ୍ କ୍ଷେତ୍ରରେ ଓଡିଶା ଏକ ବିଶ୍ୱସ୍ତରୀୟ ହବ୍ ଭାବେ ଉଭା ହୋଇଛି ଏବଂ ବୃହତ୍ ପୁଞ୍ଜିନିବେଶକୁ ଆକର୍ଷିତ କରିବାରେ ସଫଳ ହୋଇଛି, ମାତ୍ର ଏହି ପୁଞ୍ଜି-କେନ୍ଦ୍ରିକ ଶିଳ୍ପାୟନ ରାଜ୍ୟର ବେକାରୀ ସମସ୍ୟାର ସ୍ଥାୟୀ ସମାଧାନ କରିବାରେ ସମ୍ପୂର୍ଣ୍ଣ ସମର୍ଥ ହୋଇନାହିଁ, ଯେଉଁଥିପାଇଁ ପ୍ରତିବର୍ଷ ଲକ୍ଷ ଲକ୍ଷ ଶ୍ରମିକ ଓ ମେଧାବୀ ଯୁବକଯୁବତୀ ଦାଦନ ଖଟିବାକୁ ବା ବୃତିଗତ ସୁଯୋଗ ସନ୍ଧାନରେ ବାହାର ରାଜ୍ୟକୁ ପଳାୟନ କରୁଛନ୍ତି, ଯାହା ମାନବ ସମ୍ବଳର ଅପଚୟକୁ ଦର୍ଶାଉଛି। କୃଷି କ୍ଷେତ୍ରର ସ୍ଥିତି ମଧ୍ୟ ବିଶେଷ ଆଶାଜନକ ନୁହେଁ, କାରଣ ରାଜ୍ୟର ଶତକଡା ଷାଠିଏରୁ ଅଧିକ ଜନସଂଖ୍ୟା ଜୀବିକା ପାଇଁ କୃଷି ଉପରେ ନିର୍ଭର କରୁଥିଲେ ହେଁ ଜଳସେଚନର ଅଭାବ, ଶୀତଳ ଭଣ୍ଡାର ଅସମକ୍ଷିତ ବ୍ୟବସ୍ଥା, ବଜାର ସଂଯୋଗୀକରଣର ଅଭାବ ଏବଂ ଅଦିନିଆ ବର୍ଷା ବା ବତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟାୟ ଚାଷୀକୁ ସର୍ବଦା ଋଣବୋଝ ଓ ମାନସିକ ଚାପ ମଧ୍ୟକୁ ଠେଲି ଦେଉଛି, ଯାହାର ପରିଣାମସ୍ୱରୁପ ଗ୍ରାମୀଣ ଅର୍ଥନୀତି ସଙ୍କୁଚିତ ହେବାରେ ଲାଗିଛି। ସାମାଜିକ କ୍ଷେତ୍ରକୁ ଦେଖିଲେ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ଅତି ମୌଳିକ ସେବାର ସରକାରୀକରଣ ଓ ଆଧୁନିକୀକରଣ ପାଇଁ ବହୁବିଧ ଯୋଜନା ଓ ଭିତିଭୂମିର ବିକାଶ କରାଯାଉଥିଲେ ସୁଦ୍ଧା, ଗ୍ରାମାଚଂଳ ଓ ଉପାନ୍ତ ଅଂଚଳରେ ଡାକ୍ତର ଓ ଶିକ୍ଷକମାନଙ୍କର ସ୍ଥାୟୀ ଅଭାବ କାରଣରୁ ଗରିବ ଲୋକେ ଉପଯୁକ୍ତ ସେବାରୁ ବଂଚିତ ହେଉଛନ୍ତି ଏବଂ ବିଭିନ୍ନ ସମୟରେ ଘଟୁଥିବା ଚିକିତ୍ସାଳୟର ଅଘଟଣ ବା ପ୍ରଶାସନିକ ଅବହେଳା ଜନସାଧାରଣଙ୍କ ସୁରକ୍ଷା ବ୍ୟବସ୍ଥା ଉପରେ ଏକ ବଡ ପ୍ରଶ୍ନଚିହ୍ନ ଲଗାଉଛି। ରାଜନୈତିକ ବାତାବରଣରେ ମଧ୍ୟ ଏକ ବ୍ୟାପକ ପରିବର୍ତନ ପରିଲକ୍ଷିତ ହେଉଛି, ଯେଉଁଠାରେ ବହୁବର୍ଷର ସ୍ଥିରତା ପରେ ଏବେ ଏକ ନୂତନ ପ୍ରତିଯୋଗିତାମୂଳକ ଓ ଜଟିଳ ରାଜନୀତିର ସୂତ୍ରପାତ ହୋଇଛି, ଯେଉଁଥିରେ ଶାସନଗତ ସ୍ୱଚ୍ଛତା, ଗଣତାନ୍ତ୍ରୀକ ସ୍ୱଚ୍ଛତା, ଗଣତାନ୍ତ୍ରୀକ ମୂଲ୍ୟବୋଧ ଏବଂ ନିଷ୍ପତି ଗ୍ରହଣ ପ୍ରକ୍ରିୟାରେ ସାଧାରଣ ଲୋକଙ୍କ ଭାଗିଦାରୀକୁ ନେଇ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି, କିନ୍ତୁ ଏହି ପ୍ରକ୍ରିୟାରେ ଅନେକ ସମୟରେ ଅମଲାତନ୍ତ୍ରର ଅତ୍ୟଧିକ ପ୍ରଭାବ ଗଣତାନ୍ତ୍ରୀକ ବିକେନ୍ଦ୍ରୀକରଣକୁ ଦୁର୍ବଳ କରୁଥିବା ଅଭିଯୋଗ ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି 'ଓଡିଆ ଅସ୍ମିତା' ବା ଆଂଚଳିକ ପରିଚୟକୁ ସୁରକ୍ଷା, କାରଣ ବର୍ତମାନର ଜଗତୀକରଣ ଏବଂ ସାଂସ୍କୃତିକ ଆକ୍ରମଣ ମଧ୍ୟରେ ଓଡିଆ ଭାଷାର ପ୍ରୟୋଗ ଶାସନ ଓ ଶିକ୍ଷା କ୍ଷେତ୍ରରେ ଆଶାନୁରୂପ ଭାବେ ବୃଦ୍ଧି ପାଇପାରିନାହିଁ, ଯାହା ଫଳରେ ଯୁବପିଢି ନିଜର ସାହିତ୍ୟିକ ଓ ଐତିହାସିକ ଚେରଠାରୁ ଦୂରେଇ ଯାଉଛନ୍ତି। ବିଭିନ୍ନ ଜିଲ୍ଲା ଯଥା କଟକ, କେନ୍ଦୁଝର କିମ୍ବା ପଶ୍ଚିମ ଓ ଦକ୍ଷିଣ ଓଡିଶାର ବିଭିନ୍ନ ପ୍ରାନ୍ତରେ ଘଟୁଥିବା ସ୍ଥାନୀୟ ସମସ୍ୟା ଓ ଦୁର୍ଘଟଣାଗୁଡିକ ପ୍ରଶାସନିକ ଜବାବଦେହିତାର ଶିଥିଳତାକୁ ପଦାରେ ପକାଉଛି ଏବଂ ବିକାଶର ପ୍ରକ୍ରିୟା କେବଳ କେତେକ ନିର୍ଦ୍ଦିଷ୍ଟ ସହରାଚଂଳରେ ସୀମିତ ନରହି କିପରି ସମଗ୍ର ରାଜ୍ୟରେ ସମାନ ଭାବେ ବଂଟନ ହୋଇପାରିବ, ତାହା ବର୍ତମାନର ସବୁଠାରୁ ବଡ ଦାବି ହୋଇଛି। ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଏହି ପ୍ରଦେଶରେ ଜଳ, ଜଙ୍ଗଲ, ଜମି ଓ ଖଣିଜ ଦ୍ରବ୍ୟର ମାତ୍ରାଧିକ ଦୋହନ ପରିବେଶୀୟ ସନ୍ତୁଳନ ବିଗାଡୁଥିବାବେଳେ ଜଳବାୟୁ ପରିବର୍ତନର ପ୍ରଭାବ ସ୍ୱରୁପ ବାରମ୍ବାର ଗ୍ରୀଷ୍ମ ପ୍ରବାହ ଓ ବନ୍ୟା-ବାତ୍ୟାର ପ୍ରକୋପ ଓଡିଶାର ଅର୍ଥନୀତିକୁ ପଛକୁ ଟାଣୁଛି। ଏହି ସମସ୍ତ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଓଡିଶାର ଯୁବ ସମାଜ ମଧ୍ୟରେ ବୈଜ୍ଞାନିକ ଗବେଷଣା ଷ୍ଟାର୍ଟ-ଅପ୍ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆଗକୁ ବଢିବାର ଏକ ସକାରାତ୍ମକ ପ୍ରବୃତି ଦେଖାଦେଇଛି, ଯାହାକୁ ସରକାରୀ ଓ ବେସରକାରୀ ସ୍ତରରେ ଉପଯୁକ୍ତ ମାର୍ଗଦର୍ଶନ ଓ ପୃଷ୍ଠପୋଷକତା ଯୋଗାଇଦେଲେ ଓଡିଶା କେବେଳ ଶ୍ରମିକ ଯୋଗାଣକାରୀ ରାଜ୍ୟ ନୁହେଁ, ବରଂ ଜ୍ଞାନଭିତିକ ଅର୍ଥନୀତିରେ ଏକ ପ୍ରମୁଖ କେନ୍ଦ୍ର ପାଲଟିପାରିବ। ଭୁବନେଶ୍ୱର ଭଳି ପ୍ରଗତିଶୀଳ ସହରର କଳେବର ବୃଦ୍ଧି ପାଉଥିବା ସମୟରେ ଆମକୁ ମନେ ରଖିବାକୁ ହେବ ଯେ, ପ୍ରକୃତ ଓଡିଶା ତାର ଗାଁଗୁଡିକରରେ ବାସ କରେ ଏବଂ ସେହି ଗ୍ରାମୀଣ ଜନଜୀବନର କ୍ରୟଶକ୍ତି, ସ୍ୱାସ୍ଥ୍ୟ ସୁରକ୍ଷା ଓ ଶିକ୍ଷାର ସ୍ତର ଉନ୍ନତ ନହେବା ପର୍ଯ୍ୟନ୍ତ କୌଣସି ବିକାଶକୁ ସର୍ବାଙ୍ଗୀନ ବୋଲି କୁହାଯାଇପାରିବ ନାହିଁ। ବର୍ତମାନର ସାମଗ୍ରିକ ସ୍ଥିତିକୁ ସୁଧାରିବା ପାଇଁ ହେଲେ ରାଜନୈତିକ ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱକୁ ଉଠି ଓଡିଶାର ସ୍ୱାର୍ଥ, ଭାଷା, ସଂସ୍କୃତି ଓ ଜନସାଧାରଣଙ୍କ ସ୍ୱାଭିମାନକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ହେବ, ଯେଉଁଥିରେ ପ୍ରଶାସନିକ ସ୍ୱଚ୍ଛତା, ଦୁର୍ନୀତିମୁକ୍ତ ବ୍ୟବସ୍ଥା ଏବଂ ନିମ୍ନ ସ୍ତରରୁ ନେତୃତ୍ୱ ସୃଷ୍ଟି କରିବାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପଡିବ। ଏକ ସମୃଦ୍ଧ, ସଶକ୍ତ ଓ ସ୍ୱାଭିମାନୀ ଓଡିଶା ଗଠନ ପାଇଁ ସରକାର, ବିରୋଧୀ ଦଳ, ସାମାଜିକ ସଂଗଠନ ଏବଂ ପ୍ରତ୍ୟେକ ନାଗରିକଙ୍କ ସମ୍ମିଳିତ ପ୍ରୟାସ ହିଁ ଏକମାତ୍ର ବିକଳ୍ପ, ଯାହା ଆଗାମୀ ଦିନରେ ଓଡିଶାକୁ ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠିତ କରିପାରିବ।

# ଅଠର ନଳାର ପୋଲ

### ବିକ୍ରମ ମହାପାତ୍ର

ଶ୍ରୀପୁରୁଷୋତ୍ତମ ଚେତନାର ଶ୍ରେଷ୍ଠ କେନ୍ଦ୍ରବିନ୍ଦୁ ହେଉଛନ୍ତି ଶ୍ରୀଜଗନ୍ନାଥ। ଯେପରି ଔଷଧ ମନୁଷ୍ୟ ଜୀବନ ଉପରେ ପ୍ରଭାବ ପକାଇଥାଏ, ସମାଜ, ସତସଙ୍ଗ ମଧ୍ୟ ପ୍ରଭାବ ପକାଇଥାଏ ଏବଂ ଶ୍ରୀଜଗନ୍ନାଥ ଦର୍ଶନ, ସଂସ୍କୃତି, ସାହିତ୍ୟ, ରୀତିନୀତି, ତଦନୁସାରେ ଅତ୍ୟଧିକ ବିସ୍ତୃତ ଭାବରେ ପ୍ରଭାବିତ କରିଥାଏ। ଶ୍ରୀଜଗନ୍ନାଥଙ୍କ ଚେତନା ପରିସରକୁ ଯିଏ ଥରେ ମାତ୍ର ସ୍ୱର୍ଶ କରିଛି, 'ସେ ଦେବତ୍ୱ ଲାଭ କରିଛି ବୋଲି ଲୋକେ କହନ୍ତି; ଏହା କେବଳ ଭାବ ଓ ଭକ୍ତି ଦ୍ୱାରା ସମ୍ଭବ ହୋଇପାରେ। ଶାସ୍ତ୍ର କହେ, 'ନ ଦେବ ବିଦ୍ୟତେ କାଷ୍ଠେ ନ ପାଷାଣେ ନ ମୃଣ୍ମଂୟେ, ଭାବେ ତିଷ୍ଠନ୍ତି ଦେବତାଃ ତସ୍ମାତ୍ ଭାବୋହି କେବଳମ୍;' ଶ୍ରୀଜଗନ୍ନାଥଙ୍କ ସ୍ୱର୍ଶ ଶିଳା ହୁଏ ଶାଳଗ୍ରାମ, ଦାରୁ ହୁଏ ଦେବତା, ପତର ହୋଇଯାଏ ପଥର। ଅର୍ଥାତ୍ କୋମଳ ହୃଦୟ ପରିଣତ ହୁଏ ଶିଳାଶୈଳ ସଂଘାତ ସହାକାରୀ। ଯେଉଁ ରଥରେ ପ୍ରଭୁ ବିଜେ କରନ୍ତି ସେ ଦେବୋପତ, ଯେଉଁ ପଥ (ବଡ଼ଦାଣ୍ଡ)ରେ ପ୍ରଭୁଙ୍କର ରଥ ଗଡ଼ିଯାଏ, ସେ ହୁଏ ମୁକ୍ତିପଥ, ସେବା ଓ ସେବକଙ୍କର ମିଳନ ପୀଠ। ସ୍ନେହ, ସୌହାର୍ଦ୍ଦ୍ୟର ବିପଣୀ। ଶ୍ରୀଜଗନ୍ନାଥ ଧର୍ମର ମହତ୍ତ୍ୱ ପ୍ରଖ୍ୟାପନ କରି କୁହାଯାଇଛି ଏହି ଧର୍ମ ହେଉଛି ସନାତନ ଧର୍ମ, ଏହାର ପୁଣ୍ୟକ୍ଷେତ୍ର ହେଉଛି ଶ୍ରୀପୁରୁଷୋତ୍ତମ, ଦେବତା ହେଉଛନ୍ତି ଶ୍ରୀଜଗନ୍ନାଥ, ମାଳା ହରିନାମ, ତୀର୍ଥ ତୀର୍ଥରାଜ ସମୁଦ୍ର, ଧ୍ୟାନ ପରମବ୍ରହ୍ମ, ଜ୍ଞାନ ଓ ଆତ୍ମଜ୍ଞାନ, ଭକ୍ତିର ନାମ ସ୍ମରଣ ମଣୋହୀ ନିର୍ମାଲ୍ୟ, ବିବହାର ହେଉଛି ବୈକୁଣ୍ଠ। ଏହି ଧର୍ମର ସମଦର୍ଶୀ ବ୍ରହ୍ମ ଭାବୁର ପ୍ରତୀୟମାନ ହୁଏ ଯେ ଏହା ସନାତନ ବିଶ୍ୱଧର୍ମ। ଏ ସହର ସହ କେବଳ ଶ୍ରୀକ୍ଷେତ୍ରବାସୀ ନୁହନ୍ତି, ଓଡ଼ିଶାର ପ୍ରତ୍ୟେକ କୋଣ ଅନୁକୋଣରେ ବସବାସ କରୁଥିବା ଓଡ଼ିଆଙ୍କ ଭାଗବତ ସମ୍ପର୍କ ରହିଛି।

ପୁରୀ ସହର ପ୍ରବେଶପଥରେ ରହିଛି ଅଠରନଳା ପୋଲ । ଏହି ପୋଲରେ ରହିଛି ୧୮ଟି ନଳା । ୧୮ ସଂଖ୍ୟାକୁ ତାନ୍ତ୍ରିକମାନେ ଅଧିକ ଗୁରୁତ୍ୱ ଦେଉଥିବାରୁ ପୋଲକୁ ନେଇ ଆଉ କିଛି କାହାଣୀ ରହିଥାଇପାରେ ବୋଲି ଅନେକ ଅନୁମାନ କରୁଛନ୍ତି । ତେବେ ମାଦଳାପାଞ୍ଜି ଅନୁଯାୟୀ ୯ମରୁ ୧୦ମ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏହି ଅଠରନଳା ପୋଲ ନିର୍ମାଣ ହୋଇଥିଲା। ସହର ଉପକଣ୍ଠରେ ଥିବା ଏକ ନଦୀ ଯାହାର ନାମ ମଧୁପୁର ନଦୀ, ହଳୁହଳିଆ ନଦୀ ଅବା ମଙ୍ଗଳା ନଈ – କୂଳରେ ପହଞ୍ଚିବା ପରେ ତାହା ଡଙ୍ଗା ବା ଭେଳାରେ ପାରି ହୋଇ ଯାତ୍ରୀମାନେ ପୁରୀରେ ପ୍ରବେଶ କରୁଥିଲେ। ଶ୍ରୀକ୍ଷେତ୍ର ସହ ଉତ୍କଳ ଅବା ଭାରତବର୍ଷକୁ ଯୋଡ଼ିବା ପାଇଁ ସେତେବେଳେ ଏକମାତ୍ର ସଡ଼କପଥ ଭାବେ ଏହାକୁ ନିର୍ମାଣ କରାଯାଇଥିଲା । ଶ୍ରୀକ୍ଷେତ୍ରକୁ ଆସିବା ପାଇଁ ଏହି ପୋଲଟି ଏକମାତ୍ର ମାଧ୍ୟମ ଥିଲା । ଚୂନ ଏବଂ ଗୁଡ଼ ଦ୍ୱାରା ଅଠରନଳା ପୋଲ ନିର୍ମାଣ କାର୍ଯ୍ୟ କରାଯାଇଥିବା ବେଳେ ଏହା ୧୧୦୦ ବର୍ଷ ଧରି ରହିବା ସହ ଏହା ଉପରେ ପ୍ରତ୍ୟେକ ଦିନ ପୁରୀ ସହରକୁ ବହୁ ସଂଖ୍ୟାରେ ଭରିଯାନ ଚଳାଚଳ କରିବା ଆଶ୍ଚର୍ଯ୍ୟର କଥା । ପୋଲଟିର କାରୁକାର୍ଯ୍ୟ ପର୍ଯ୍ୟଟକଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ବାସିନ୍ଦାଙ୍କୁ ଏହା ବେଶ୍ ଆକୃଷ୍ଟ କରିଥାଏ । ଏ ନେଇ ଜଗନ୍ନାଥ ସଂସ୍କୃତି ଗବେଷକ ତଥା ଶ୍ରୀମନ୍ଦିର ପୁରୋହିତ ସିଦ୍ଧେଶ୍ୱର ମହାପାତ୍ର କୁହନ୍ତି, '୧୮ ସଂଖ୍ୟା ସହ ଏହି ଐତିହାସିକ ପୋଲର କୌଣସି ସମ୍ବନ୍ଧ ରହିଥିବା କିଛି ଲିଖିତ ପ୍ରମାଣ ନାହିଁ ।

କିନ୍ତୁ ଏହା ପଛରେ ଏକ ବଡ଼ କାହାଣୀ ରହିଛି । ଅଠରନଳା ବିଶିଷ୍ଟ ଆଉ ୨ଟି ପୋଲ ମଧ୍ୟ ରହିଛି । ଯାଜପୁରର ମନ୍ଦାକିନୀ ନଦୀ ଉପରେ ଗୋଟିଏ ରହିଥିବା ବେଳେ ଅନ୍ୟଟି ଖୋର୍ଦ୍ଧା ଜିଲ୍ଲା ଗାଙ୍ଗୁଆ ନଦୀ ଉପରେ ଅଠରନଳା ବିଶିଷ୍ଟ ପୋଲ ରହିଛି । ଏଣୁ ୧୮ ସଂଖ୍ୟାର ଗୁରୁତ୍ୱ ରହିଥିବା ଅନୁମାନ କରାଯାଏ । ଏହା ସହିତ ଜଡ଼ିତ ଅନ୍ୟ ଏକ କିମ୍ବଦନ୍ତୀ ରହିଛି । ପୂର୍ବ କାଳରେ ୧୮ଟି ସନ୍ତାନ ଜନ୍ମ ଦେଉଥିବା ମହିଳା ଏହି ପୋଲ ସହ ସଙ୍ଗାତ ବସୁଥିଲେ । ସଙ୍ଗାତ ବସିଲେ ପିଲାମାନଙ୍କ ସହ ପରିବାର ସୁଖରେ ରହୁଥିବା ବିଶ୍ୱାସ କରାଯାଏ । ପୋଲର ପ୍ରବେଶ ପଥରରେ ଏକ ଘାଟଘର ଥିଲା । ଏଠାରେ ପୁରୀକୁ ପ୍ରବେଶ କରୁଥିବା ଲୋକଙ୍କ ପରିଚୟ ରଖାଯାଉଥିଲା । ସେଠାରେ ଏକ ବଡ଼ କବାଟ (ବଡ଼ଦୁଆର) ରହିଥିଲା । ଏହି ବଡ଼ଦୁଆର ସର୍ବଦା ବନ୍ଦ ରହୁଥିଲା । ଆଗନ୍ତୁକଙ୍କ ପରିଚୟ ଓ ଆସିବାର ଅଭିପ୍ରାୟ ଲେଖାଯିବା ପରେ ଏହି ଦୁଆର ଖୋଲାଯାଉଥିଲା ।

ସେତେବେଳେ ଏତେ ଗାଡ଼ି ନଥିବାରୁ ଏହାକୁ ଖୋଲାବନ୍ଦ କରିବାରେ ଅସୁବିଧା ହେଉନଥିଲା । ପରେ ଗାଡ଼ିସଂଖ୍ୟା ବଢ଼ିବା ସହ ରାଜା ଶାସନ ଚାଲିଯିବାରୁ ଏହି ଦୁଆରକୁ ଉଠାଇ ଦିଆଗଲା । ଏହା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ମାତ୍ର ଏଥିରେ କରାଯାଇଥିବା କଳାକୃତି ଏବେ ବି ଜୀବନ୍ତ ରହିଛି । ଏହି ପୋଲକୁ ସରକାର ଜାତୀୟ ସମ୍ପତ୍ତି ଭାବେ ଘୋଷଣା କରି ସୁରକ୍ଷା ଦେବାକୁ ଅଣ୍ଟା ଭିଡ଼ିଛନ୍ତି । ଏହି ଅଠରନଳା ପୋଲଟିକୁ ଦୀର୍ଘସ୍ଥାୟୀ କରିବାକୁ ଏହା ଉପରେ ଭାରିଯାନ ଚଳାଚଳ ବନ୍ଦ କରାଯାଇଛି । ଅଠରନଳାର ସୃଷ୍ଟି ସମ୍ବନ୍ଧରେ ଜଣାଯାଏ ଯେ ଉତ୍କଳର ମହାରାଜା ମତ୍ସ୍ୟ କେଶରୀ (ସମୟ ଖ୍ରୀ: ୯୭୫ ଠାରୁ ଖ୍ରୀ: ୯୯୫ ପର୍ଯ୍ୟନ୍ତ) ଏହାର ନିର୍ମାତା। ସେ ଏହି ପୋଲି ମଧୁପୁର ନଦୀ, ଯାହାର ଡାକନାମ ହୁଳୁହୁଳିଆ ବା ମଙ୍ଗଳା ନଈ, ଉପରେ ନିର୍ମାଣ କରାଇଥିଲେ। ଏହି ପୋଲରେ ଥିବା ଅଠରଟି ନଳା ବା ଫୁକାରମାନଙ୍କରେ ଖିଲାଣ କାମ ନହୋଇ ପଥର ମାନଙ୍କ ଦ୍ୱାରା ଲହଠି ମୁଦ କରାଯାଇ ତିଆରି କରାଯାଇଥିଲା। ଓଡ଼ିଶାର ନିପୁଣ କାରିଗରମାନଙ୍କର ହସ୍ତକର୍ମ ଓ ଶିଳ୍ପକଳା ଯେ ସହସ୍ରାଧିକ ବର୍ଷ ଅତୁଟ ରହିପାରେ, ଅଠରନଳାର ତାହାର ମୂର୍ତ୍ତିମନ୍ତ ନିଦର୍ଶନ।


ଚଣ୍ଡୀମନ୍ଦିର ରାସ୍ତା, କଟକ-୧, ଦୂରଭାଷ :୯୪୩୭୦୨୧୬୧୫

E-mail : abhisekmohapatra1999@gamil.com


# ସ୍ୱାବଲମ୍ବୀ ସମସ୍ତେ ହେବାକୁ ଚେଷ୍ଟା ଆରମ୍ଭ କରନ୍ତୁ

### ଉତ୍କଳାନନ୍ଦ ଅଜୟ କୁମାର ବେହେରା

କୁହାଯାଉଛି ଭାରତ ବର୍ଷରେ ୧୪୦ କୋଟି ଲୋକ, ଏ ଦେଶର ଖାଦ୍ୟ ଆଦି ଅତି ଦରକାରଦ୍ରବ୍ୟ ସବୁ ଯାହା ଦରକାର ଏ ଦେଶରେ ତାହା ପର୍ଯ୍ୟାପ୍ତ ଉତ୍ପାଦାନ ହେଉନାହିଁ। ସବୁ ସ୍ଥଳର ଜଳବାୟୁ ଓ ମାଟି ନିର୍ଦ୍ଦିଷ୍ଟ ଶସ୍ୟ ପନିପରିବା ଚାଷ ପାଇଁ ଯୋଗ୍ୟ ନୁହେଁ। ବୁଦ୍ଧିମାନ ମନୁଷ୍ୟ ମାନେ କିପରି ଏପରି ବୈଷମ୍ୟ ଦୂର ହୋଇପାରିବ ଏହା ଚେଷ୍ଟା ଚଳାଉଛନ୍ତି, ଦେଶ ସ୍ୱାଧୀନତା ହାସଲ ପୂର୍ବରୁ ଅନେକ ଲୋକ ବର୍ଷରେ ବହୁ ଦିନ ପେଟ ପୂର୍ଣ୍ଣ ଭୋଜନ କରିପାରୁ ନଥିଲେ, ମୁଲିଆ ଶ୍ରେଣୀ ଲୋକେ ଗାଁ ମହାଜନଙ୍କ ପାଖରୁ ଧାନ ଦେଢ଼ି ଫେରସ୍ତ ସୂତ୍ରରେ କରଜ ଆଣୁଥିଲେ, ଯାହା ପୂର୍ଣ୍ଣ ସମୟ ପରିଶ୍ରମ କରିବି ବର୍ଷ ତମାମ ନିଜେ ନିଜ କୁଟୁମ୍ବ ପିଲାଙ୍କୁ ଭୋଜନ ଯୋଗାଇବା ଅସମ୍ଭବ ହେଉଥିଲା ଗାଁ ମହାଜନ ସାହୁକାର ମାନେ ଋଣର ବାସ୍ନା ସୁଙ୍ଘାଇ ଭାତିଆମୁଲିଆ, ହଳିଆ କରାଇବା ପୁଣି ତାଙ୍କ ଜମିବାଡ଼ି ଭିଟାମାଟିକୁ କଣ୍ଟ କବଲା, ହ୍ୟାଣ୍ଡନୋଟ କରାଇ ନେଇ ସରଳରେ ଜମି ହଡ଼ପ କରାଉଥିଲେ, ଏକ ଶତ ଟଙ୍କା କରଜ ଦେଇ ମାସକୁ ଦଶ ଟଙ୍କା ସୁଧ ନେଇ ନେଇ ବହୁ ମାସ ଚାଲିଲେ ବି ମୂଳ ଋଣ ସେମିତିକା ଅକ୍ଷୟ ରହୁଥିଲା, ଋଣ ଦାତା ଏତେ କଠୋର ଯେତେବେଳେ ଋଣ ଖାତାକ ନେଉଥିଲେ ଋଣ ଅର୍ଥ ପୂର୍ଣ୍ଣ ଲେଖା ରଖି ତହିଁରୁ ମିଛେଇ ଖିଆ ଅର୍ଥ କାଟି ରଖୁଥିଲେ ଏପରି କରୁର ବ୍ୟବସ୍ଥାକୁ କଂଗ୍ରେସ ସରକାର ବେଳେ ଇନ୍ଦିରାଗାନ୍ଧୀ ବ୍ୟାଙ୍କ ଜାତୀୟ କରଣ କରିବା ସହ ଗ୍ରାମ୍ୟ ମହାଜନୀ ପ୍ରଥା ଆଇନୀ ଲଗାଇ ବନ୍ଦ କରିଥିଲେ।

ଅନେକ ରିକ୍ସା ଧନୀ ଲୋକମାନେ କିଣି, ତାଙ୍କ ପଇସାରୁ ପଇସା କାଢ଼ିବା ପାଇଁ କିଛି ରିକ୍ସା ଚାଳକଙ୍କୁ ସମୟଚୁକ୍ତିରେ ବା ଭଡ଼ାର ଅଂଶ ଚୁକ୍ତିରେ ରିକ୍ସା ଚଳାଇବାକୁ ଦେଉଥିଲେ ଏଥିରେ କଠିନ ପରିଶ୍ରମକାରୀ ରିକ୍ସା ଚାଳକ ଗଣ୍ଡେ ଭଲ ଖାଦ୍ୟ ଖାଇବା ଭଲ ମୋଟା ଶୋଟା ବସ୍ତ୍ର, ପରିବାର ପାଇଁ କିଣିବା, ପିଲାଙ୍କୁ ଶିକ୍ଷା ଦେବା ଏକ ପ୍ରକାର ଅସମ୍ଭବ ଥିଲା, ବ୍ୟାଙ୍କ ଜାତୀୟ କରଣ ପରେ ଅନେକ ଉପକାର ସାଧାରଣ ମୁଲିଆ ଶ୍ରମଜୀବୀ ଲୋକଙ୍କ ହୋଇଯାଇଛି। ପାରମ୍ପରିକ ଧାନ ଚାଷର ଧାରା କୃଷି ଗବେଷଣା କେନ୍ଦ୍ର ସ୍ଥାପିତ ହେବା କୃଷି ପାଇଁ ଉଚ୍ଚ ଶିକ୍ଷାର ପ୍ରଚଳନ ଦ୍ୱାରା ପରିବର୍ତ୍ତନ ହୋଇ ଏପରି ଧାନ ଚାଉଳର ଏବେ ଅଭାବ ଅନୁଭବ ହେଉନାହିଁ। କିନ୍ତୁ ଦିନ ଥିଲା ଲୋକେ ନିକଟ ବଙ୍ଗ ରାଜ୍ୟକୁ ପେଟ ପୋଷ, କୁଟୁମ୍ବ ପୋଷ, ପାଇଁ ଶ୍ରମିକ ରୂପେ, ସବାରୀ ବାହକ, ଗୋ ପାଳକ, ଦୁଗ୍ଧ ଦୁହାଁଳି କାର୍ଯ୍ୟ, ଘରେ ଘରେ ଜଳ ଯୋଗାଣ ପାଇଁ କାନ୍ଧରେ ବାହୁଙ୍ଗୀରେ ପେୟ ଜଳ, ସ୍ନାନ, ଶୌଚ ଜଳ ସଂଗ୍ରହ କରି ଯୋଗାଇ, ଜୀବିକା ଚଳାଉଥିଲେ, ଭଦ୍ରଖ, ବାରିକପୁର, ଭଣ୍ଡାରୀ ପୋଖରୀ ଏ ନାମରେ ଲୁଚିଛି ଲୋକଙ୍କୁ ଭଦ୍ର ସଜାଇବା ବୃତ୍ତି, ଯାହା ଖିଅର କରିବା, ବିବାହ ଉମପନୟନ କାର୍ଯ୍ୟରେ ପୂଜାପାଠ କାର୍ଯ୍ୟରେ, ଦୂତ ସମ୍ବାଦ ବାହକ କାର୍ଯ୍ୟରେ, ମୃତାହରେ ଶୁଦ୍ଧି କାର୍ଯ୍ୟରେ ସମ୍ଭ୍ରାନ୍ତ ଗୃହସ୍ଥଙ୍କ ଦରକାରୀ ଖବର, ନିମନ୍ତ୍ରଣ, ସୁପାରୀ ଚାଲାଣ ଏପରିକି ଶୁଭ ଅଶୁଭ ସମ୍ବାଦ ବାହକ ସାଜୁଥିଲେ, କୁହାଯାଏ ବାରିକ ମୁଠି ଟଙ୍କା ଛଅଟି ଅର୍ଥାତ୍ ସର୍ବନିମ୍ନ ପୁଞ୍ଜିରେ ରୋଜଗାର ଧନ୍ଦାକୁ, ଖୁର କତୁରୀ ଧରି ଜାଣିଲେ ପେଟ ଅପୋଷା ରହେନାହିଁ ହେଲେ ଏକ ଜାଗାରେ ଅନେକ ରହିଲେ ଭଲ ବୃତ୍ତି ଚାଲି ପାରିବ ନାହିଁ ବୋଲି ସେମାନେ କଲିକତା ପରି ସହରମୁହାଁ ହୋଇ କୃତ ଚଳାଉଥିଲେ। ଏବେ ଉକ୍ତ ସ୍ଥାନର ଲୋକେ ଦାରିଆପାରିରେ ବୃତ୍ତିରେ ବି ଅଛନ୍ତି ସେଲୁନ କରି ଅନେକ ରୋଜଗାରୀ। ଅନେକ କୃଷିଜୀବୀ ବଙ୍ଗାଳିବାବୁ ମାନଙ୍କ ଚାଷଜମିରେ ଚାଷ କୃଷି କରିବାକୁ, ମାଳୀମାନେ ବାବୁ ମାନଙ୍କର ସାହେବ ମାନଙ୍କର ଉପବନ ଉଦ୍ୟାନରେ ବହୁ ପ୍ରକାର ଫୁଲ ଫଳ ଚାଷ କରୁଥିଲେ।

ମାଳୀ କାମ ନିଯୋଗରେ କେନ୍ଦ୍ରାପଡ଼ାର ଜଣେ ବ୍ୟକ୍ତି ବିରଳା କମ୍ପାନୀଙ୍କ ମାଳୀ ରୂପେ ମୁତୟନ ହୋଇ ଦିଲ୍ଲୀ ବିରଳା ଭବନର ଉଦ୍ୟାନରେ କାର୍ଯ୍ୟରତ ଥିଲେ ନାଥୁରାମ ଗଡ଼ସେ ଯେତେବେଳେ ଗାନ୍ଧିଜୀଙ୍କୁ ଗୁଳି ମାରି ହୋଇହାଲ୍ଲା ମଧ୍ୟରେ ସ୍ଥାନ ପରିତ୍ୟାଗ କରି ଖସିଯାଉଥିଲେ ସେତେବେଳେ କେନ୍ଦ୍ରାପଡ଼ାର ମାଳୀକାମକାରୀ ବ୍ୟକ୍ତି ହିଁ ଗଡ଼ସେଙ୍କୁ ଆୟତ କରିଥିଲେ, ମାଳୀ କାମ କରି ଓଡ଼ିଆ କେବେ ହେଲେ ମାଲିକଙ୍କ ଅପ୍ରିୟ ହୋଇ ନାହାନ୍ତି। ବର୍ଦ୍ଧମାନରେ ଓଡ଼ିଆ କୃଷକ ଅନେକ ଚାଷ କ୍ଷେତ୍ରରେ ବଂଶାନୁ କ୍ରମିକ କାମକରି ସେଠାରେ କାଳକ୍ରମେ ସ୍ଥାୟୀ ବାସିନ୍ଦା ହୋଇଯାଇଛନ୍ତି। ଗୋପାଳନ ଗୋଚରଣ ଏ କାମ କିଛି ଜଣ କରୁଥିଲେ ବିଭିନ୍ନ କଳକାରଖାନାରେ କାମ କରୁଥିଲେ, ଝୋଟ ଚଟ କଳ, ଲୁଗାବୁଣା ପ୍ରଥମେ ହାତତନ୍ତ ପରେ ପରେ କଳ ତନ୍ତି ଲୁଗାବୁଣା ସୂତା ଆଦି କାରଖାନାରେ କାମ କରୁଥିଲେ। ବନ୍ଦର ଡକ ଶ୍ରମିକ ଖଲାସୀ କାମ କରୁଥିଲେ, ଅନେକ ମୁକ୍ତାର ଓକିଲ କୋର୍ଟ କଚେରୀରେ କାମ କରୁଥିଲେ, ରାଇଟର୍ସ ବିଲଡିଂରେ କିଛି ତଳିଆ କର୍ମଚାରୀ ଥିଲେ, ପୋସ୍ତା ବଡ଼ ବଜାରରେ ଗୋଦାମ ମାନଙ୍କରେ କଣ୍ଟା ବାଲା ବାହକ ଥିଲେ, ବଡ଼ ବଜାର ଥାନାରେ ଓଡ଼ିଆରେ ଅଭିଯୋଗ ନିଆଯାଉଥିଲା। ପଣ୍ଡିତ ଗୋପବନ୍ଧୁ ଦାଶ ତତ୍କାଳ ପୋସ୍ତା ଓଡ଼ିଆ ଶ୍ରମିକ ୟୁନିଅନ ପାଇଁ ଅନେକ ମଙ୍ଗଳକର କାର୍ଯ୍ୟ କରିଛନ୍ତି, ତାଙ୍କ ସ୍ମାରକୀରେ ତଳା ପଟ୍ଟୀ ନାମି ଉତ୍କଳମଣି ଗୋପବନ୍ଧୁ ସାରଣୀ ଦିଆଯାଇଥିଲା। ବିଖ୍ୟାତ ଆନନ୍ଦ ବଜାର ପତ୍ରିକାର ପରିବେଶ ରୂପେରହି ତିର୍ତ୍ତୋଲ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ପାତିରାମ ପରିଜା ବହୁ ଓଡ଼ିଆଙ୍କୁ ଖବରକାଗଜ ହକର ରୂପେ ମୁତୟନ କରିଥିଲେ, ଆସନ୍ତାକାଲି ମାସିକ ପତ୍ରିକା ତାଙ୍କ ସାନଭାଇଙ୍କ ଦ୍ୱାରା ମୁଦ୍ରଣ ହୋଇ କଲିକତାରୁ ବାହାରୁ ଥିଲା ପରେ ପରେ ନବରବି ଛପାଯାଇ ବାହାରୁଥିଲା। ଯହିଁରେ ବହୁ ମୁଦ୍ରାକର ଓଡ଼ିଆ କାର୍ଯ୍ୟ ପାଇଥିଲେ ଶାଶ୍ୱତ ମୁଦ୍ରଣୀ, ଅଙ୍ଗଲୋ ଓଡ଼ିଆ ପ୍ରେସ ପରି ଛାପାଖାନାରେ ଓଡ଼ିଆ କାମ କରୁଥିଲେ।

ବହୁ ଓଡ଼ିଆ ହୋଟେଲ ଓଡ଼ିଆ ରନ୍ଧନର ସ୍ୱାଦିଷ୍ଟ ଖାଦ୍ୟ ଓଡ଼ିଆ ରୋଷେୟା ପ୍ରସ୍ତୁତ କରୁଥିଲେ। ଏ ସମୟରେ ଧର୍ମତଲାର ଚାନ୍ଦିନୀ ଚୌକ ଅଞ୍ଚଳରେ ଅଛି କେଇ ପିଢ଼ିର ଓଡ଼ିଆ ହୋଟେଲ ମଡ୍ରର୍ଣ୍ଣ ଇଟିଙ୍ଗ ହାଉସ, ଏଥିରେ ମାଲିକ ଓ ଅନେକ କର୍ମଚାରୀ ଓଡ଼ିଆ। ଏତେ ଓଡ଼ିଆ ଏବେଳରେ ଅଛନ୍ତି ଓଡ଼ିଆ ହାଇସ୍କୁଲ ଚାଲିଛି। ଜଗନ୍ନାଥ ମନ୍ଦିର ବିଭିନ୍ନ ଅଞ୍ଚଳରେ ରହିଛି ଯହିଁରେ ପ୍ରଥମରୁ ଓଡ଼ିଆ ପରମ୍ପରାରେ ଦେବ ସେବକ ଗଣ ପୁରୀ ଶ୍ରୀମନ୍ଦିର ପ୍ରଥାରେ ବହୁ କାଳରୁ କରି ଆସୁଛନ୍ତି। ଏ ସମୟରେ ଗୁଜୁରାଟର ସୁରତରେ ଅନେକ ଓଡ଼ିଶା ଲୋକ ଭଲ ଭଲ ରୋଜଗାରରେ ଅଛନ୍ତି ସମଗ୍ର ପୃଥିବୀରେ ଓଡ଼ିଶାର ଲୋକେ ବୃତ୍ତି ପାଇଁ ପହଞ୍ଚି ସାରିଛନ୍ତି। ହେଲେ ଏ ସମୟରେ ଯେତେଲୋକ ଅଛନ୍ତି ଯେତେ ଭିତିଭୂମି ଅଛି ତାକୁ ଉଚିତ ମାର୍ଗରେ ବିନିଯୋଗକାରୀ ଆଗାମୀ ବର୍ଦ୍ଧିତ ଜନସଂଖ୍ୟା ପାଇଁ ପ୍ରସ୍ତୁତ ରହିବା ଦାୟିତ୍ୱ ଉଭୟ ଜନତା ଓ ସରକାରଙ୍କର ରହିବା ଜରୁରୀ। ଦାସତ୍ୱବୋଧ, ପରାଶ୍ରୟୀ ଭାବ, ଋଣ ବିମୁକ୍ତ ରହି କିପରି ଭଲକରି ଜୀବନଯାପନ ବିନା ଚାପ ଚୋରୀ ଠକେଇରୁ ମୁକ୍ତ ରହି ହୋଇ ହେବ ଏହା ସମୂହ ଉଦ୍ୟମ ହେବା ଆବଶ୍ୟକ। ଅନ୍ୟ ଦେଶ ଆମକୁ କେବେ ବି ନାଲ ଆଖି ବଣିକ ଦ୍ରବ୍ୟ ପାଇଁ ନ ଦେଖାଉ। ନିଜ ଦ୍ରବ୍ୟ ଉତ୍ପାଦନ ସବୁପ୍ରକାରରେ କରିବା ଉଦ୍ୟମ ଆରମ୍ଭ ହେଉ, ସଂକଳ୍ପ ହେଉ। ଆଜି ବଙ୍ଗ ରାଜ୍ୟରୁ ପଳାଇ ଆସି ବିଭିନ୍ନ ରାଜ୍ୟରେ ବିଭିନ୍ନ ସ୍ଥାନରେ ଥିବା ଲୋକଙ୍କୁ ତଡ଼ା ଯାଉଛି, ଯଦି ଏପରି ଅବସ୍ଥା ଭବିଷ୍ୟତକୁ ଆମ ଲୋକଙ୍କ ପାଇଁ ଲାଗୁହେବ ତେବେ ପରିସ୍ଥିତି ନିଶ୍ଚେ ଅସମ୍ଭାଳ ହେବ, ଏହାର ପରିସ୍ଥିତି ବୁଝି ନାନାଦି ପ୍ରଗତିଶୀଳ ଯୋଜନା ଏବେଠାରୁ ଆରମ୍ଭ କରାଯାଉ।


ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩


## ଐତିହାସିକ ଲବଣ ସତ୍ୟାଗ୍ରହ ସଂଗ୍ରାମୀ ସ୍ମୃତି ପୀଠ କୁହୁଡ଼ି

### ଅମିୟ କୁମାର ପଟ୍ଟନାୟକ

ଭାରତର ସ୍ୱାଧୀନତା ସହିତ ବହୁ ପ୍ରସିଦ୍ଧ ଘଟଣାବଳୀ ମଧ୍ୟରୁ ୧୯୩୦ ମସିହା ଲବଣ ସତ୍ୟାଗ୍ରହ ପ୍ରମୁଖ ଅଂଶ ବିଷେଶ। ତନ୍ମଧ୍ୟରୁ ପୁରୀ ଜିଲ୍ଲାର ଅସ୍ତରଙ୍ଗ ନିକଟସ୍ଥ କୁହୁଡ଼ି ଏହି ସତ୍ୟାଗ୍ରହ ଇତିହାସର ଏକ ମୁକସାକ୍ଷୀ। ଗାନ୍ଧିଜୀ ପ୍ରଥମେ ଚିନ୍ତା କରିଥିଲେ ସାଧାରଣ ଜନତାଙ୍କର ମୌଳିକ ସମସ୍ୟାର ସମାଧାନ ପାଇଁ ଲବଣ ଆଇନ ବିରୁଦ୍ଧରେ ଆନ୍ଦୋଳନ କରାଯିବା ଏକାନ୍ତ ଜରୁରୀ। ତେଣୁ ଲୁଣ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ହୋଇଥିବାରୁ ଚାଷ ସହିତ ଅନେକ ଚାଷୀଙ୍କର ଲୁଣମରା ଥିଲା ସହଜାତ ବୃତ୍ତି। ସେମାନଙ୍କର ଏହା ଥିଲା ବଂଶାନୁକ୍ରମିକ ବୃତ୍ତି। କିନ୍ତୁ ବ୍ରିଟିଶ ସରକାର ଲୁଣ ମାରିବା ନିଷେଧ କରି ଅନ୍ୟାୟ ଭାବେ ଏହା ଉପରେ କର ବସାଇଲେ। ଫଳରେ ସାଧାରଣ ଜନତାଙ୍କ ଉପରେ ବୋଝ ପଡିଲା। ୧୯୨୩ ମସିହାବେଳକୁ ଏହି କର ବଢି ଦୁଇଗୁଣା ହେଲା। ଲୋକମାନେ କର ଦେବାପାଇଁ ଅସମର୍ଥ ହେଲେ। ସେଥିପାଇଁ ସାମୂହିକ ସ୍ତରରେ ଅସନ୍ତୋଷ ବୃଦ୍ଧି ପାଇଲା। ତେଣୁ ୧୯୨୯ରେ ଲାହୋର ନଦୀ କୂଳରେ କଂଗ୍ରେସର ପୂର୍ଣ୍ଣ ସ୍ୱରାଜ ପ୍ରସ୍ତାବ ଗ୍ରହଣକୁ ଅନୁସରଣ କରି ଗାନ୍ଧିଜୀ ସାଧାରଣ ଲୋକମାନଙ୍କ ଦୁଃଖ ଲାଘବ କରିବା ପାଇଁ ଇଂରେଜ ସରକାରର ଅନ୍ୟାୟ ଭାବେ ବସାଯାଇଥିବା ଜିଜିଆ କର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ୧୯୩୦ ସମିହା ମାର୍ଚ୍ଚ ୧୨ ତାରିଖ ଦିନ ପ୍ରତ୍ୟୁଷରୁ ଗୁଜୁରାଟର ସାବରମତୀ ଆଶ୍ରମଠାରୁ ୭୮ ଜଣ ସତ୍ୟାଗ୍ରହୀଙ୍କୁ ସାଙ୍ଗରେ ନେଇ ୨୪ ଦିନରେ ୨୪୧ ମାଇଲ୍ ପଥ ଦାଣ୍ଡି ଯାତ୍ରା କରିଥିଲେ। ସେହି ସମୟରେ ସାବରମତୀ ଆଶ୍ରମରେ ଥିବା ଓଡିଶାର ଅନ୍ୟତମ ସଂଗ୍ରାମୀ ସ୍ୱର୍ଗତ ମୋତି ବାଗ୍ ଦାସ ଏଥିରେ ଯୋଗ ଦେଇଥିଲେ। ଗାନ୍ଧିଜୀ ଆରବସାଗର ତଟରେ ଦାଣ୍ଡି ଅଭିମୁଖେ ଯାତ୍ରା କରି ୧୯୩୦ ମସିହା ଏପ୍ରିଲ ୬ ତାରିଖ ପ୍ରତ୍ୟୁଷରୁ ସ୍ନାନ ସାରି ପ୍ରଥମେ ମୁଠାଏ ଲୁଣ ସଂଗ୍ରହ କଲେ। ଏହିଠାରୁ ବିଧିବଦ୍ଧ ଭାବେ ଆଇନ୍ ଅମାନ୍ୟ କରି ଲବଣ ସତ୍ୟାଗ୍ରହର ଶୁଭାରମ୍ଭ କରାଗଲା। ଓଡିଶାବାସୀ ଗାନ୍ଧିଜୀଙ୍କ ଆହ୍ୱାନରେ ଅନୁପ୍ରାଣୀତ ହୋଇ ଇଞ୍ଚୁଡି, କୁଜଙ୍ଗ, ହୁମା ଓ ପୁରୀ ଜିଲ୍ଲାର ଅସ୍ତରଙ୍ଗ ନିକଟସ୍ଥ କୁହୁଡିଠାରେ ଲବଣ ସତ୍ୟାଗ୍ରହକୁ ସଫଳ କରାଇଥିଲେ। ପ୍ରାଦେଶିକ କଂଗ୍ରେସ କମିଟିର ନିଷ୍ପତ୍ତି ଅନୁଯାୟୀ ଅନେକ ନେତୃସ୍ଥାନୀୟ ବ୍ୟକ୍ତି ବିଭିନ୍ନ ସ୍ଥାନରେ ଆନ୍ଦୋଳନରେ ସାମିଲ ହେଲେ। ପୁରୀ ଜିଲ୍ଲାର କୁହୁଡିଠାରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ନେତୃତ୍ୱରେ ଲୁଣ ମରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଲବଣ ସତ୍ୟାଗ୍ରହର ପୂର୍ବଦିନ ଅର୍ଥାତ ୧୯୩୦ ମସିହା ମଇ ୨୦ ତାରିଖ ଦିନ ଓଳଙ୍ଗରଠାରେ ଲୁଣ ମରାଯିବା ପାଇଁ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସେହିଦିନ ପୁରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ସ୍ୱେଚ୍ଛାସେବକ ଏଠାରେ ଆସି ପହଞ୍ଚିଥିଲେ। ସେମାନଙ୍କ ରହିବା ଓ ଖାଇବା ନିମନ୍ତେ ଓଳଙ୍ଗର ଗ୍ରାମର ମୁଖ୍ୟ ବ୍ୟକ୍ତି ସ୍ୱର୍ଗତ ଭୂବନାନନ୍ଦ ସ୍ୱାଇଁ ସମସ୍ତ ଦାୟିତ୍ୱ ତୁଲାଇଥିଲେ। (କ୍ରମଶଃ)

# ଜନସଂଖ୍ୟା ନୀତି

### ସୌଭାଗ୍ୟ ରଂଜନ ମହାନ୍ତି

ଆନ୍ଧ୍ରପଦେଶର ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁଙ୍କ ଦ୍ୱାରା ନିକଟରେ ଘୋଷଣା କରାଯାଇଥିବା ନୂତନ ଜନସଂଖ୍ୟା ପରିଚାଳନା ନୀତି ଏବଂ ଅଧିକ ସନ୍ତାନ ଜନ୍ମ କଲେ ନଗଦ ଅର୍ଥରାଶି ପ୍ରଦାନ କରିବାର ନିଷ୍ପତି ସମଗ୍ର ଦେଶରେ ଏକ ଭିନ୍ନ ଏବଂ ଗମ୍ଭୀର ବିତର୍କ ସୃଷ୍ଟି କରିଛି, ଯାହା ଭାରତର ପାରମ୍ପରିକ ପରିବାର ନିୟନ୍ତ୍ରଣ ଆଭିମୁଖ୍ୟକୁ ସମ୍ପୂର୍ଣ୍ଣ ରୂପେ ବଦଳାଇବାକୁ ଚେଷ୍ଟା କରୁଛି। ଗୋଟିଏ ସମୟରେ ଯେତେବେଳେ ଭାରତ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ 'ଆମେ ଦୁଇ ଆମର ଦୁଇ' କିମ୍ବା 'ଏକ ସନ୍ତାନ' ନୀତି ଉପରେ ଜୋର ଦେଇ ଆସୁଥିଲା, ସେତେବେଳେ ଜଣେ ବରିଷ୍ଠ ତଥା ଅଭିଜ୍ଞ ମୁଖ୍ୟମନ୍ତ୍ରୀଙ୍କର ଏଭଳି ଆଭିମୁଖ୍ୟ ସମସ୍ତଙ୍କୁ ଚକିତ କରିଛି। ମୁଖ୍ୟମନ୍ତ୍ରୀ ନାଇଡୁ ଶ୍ରୀକାକୁଲମ ଜିଲ୍ଲାର ନରସନ୍ନାପେଟାଠାରେ ଆୟୋଜିତ ଏକ ଜନସଭାରେ ସ୍ପଷ୍ଟ ଭାବରେ ଘୋଷଣା କରିଛନ୍ତି ଯେ ତୃତୀୟ ସନ୍ତାନର ଜନ୍ମ ପାଇଁ ସରକାର ୩୦,୦୦୦ ଟଙ୍କା ଏବଂ ଚତୁର୍ଥ ସନ୍ତାନର ଜନ୍ମ ପାଇଁ ୪୦,୦୦୦ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିବେ, ଯାହା ପୂର୍ବରୁ ଦ୍ୱିତୀୟ ସନ୍ତାନ ପାଇଁ ପ୍ରସ୍ତାବିତ ୨୫,୦୦୦ ଟଙ୍କାର ପ୍ରୋତ୍ସାହନଠାରୁ ଅଧିକ। ଏହି ନୀତି ପଛରେ ଥିବା ବାସ୍ତବତା ଓ ଆଶଙ୍କାକୁ ଦେଖିଲେ ଜଣାପଡେ ଯେ ଆନ୍ଧ୍ରପ୍ରଦେଶର ମୋଟ ପ୍ରଜନନ ହାର ବା ଟୋଟାଲ ଫର୍ଟିଲିଟି ରେଟ୍ (ଟିଏଫଆର) ବିଗତ ଦଶନ୍ଧିଗୁଡିକରେ ବହୁତ ହ୍ରାସ ପାଇଛି ଯାହା ୧୯୯୩ ମସିହାରେ ୩.୦ ଥିବାବେଳେ ବର୍ତମାନ ମାତ୍ର ୧.୫ କୁ ଖସି ଆସିଛି, ଯେଉଁଠି ଜନସଂଖ୍ୟାର ସନ୍ତୁଳନ ରକ୍ଷା କରିବା ପାଇଁ ସର୍ବନିମ୍ନ ପ୍ରତିସ୍ଥାପନ ହାର ୨.୧ ରହିବା ଆବଶ୍ୟକ। ମୁଖ୍ୟମନ୍ତ୍ରୀଙ୍କ କହିବା ଅନୁଯାୟୀ ଯଦି ଏହି ହାର କ୍ରମାଗତ ଭାବେ ହ୍ରାସ ପାଇ ଚାଲେ, ତେବେ ରାଜ୍ୟରେ କାର୍ଯ୍ୟକ୍ଷମ ବୟସର ବା ଯୁବ ଜନଶକ୍ତିର ସଂଖ୍ୟା ବହୁ ପରିମାଣରେ କମିଯିବ ଏବଂ ବୃଦ୍ଧବୃଦ୍ଧାଙ୍କ ସଂଖ୍ୟା ବୃଦ୍ଧି ପାଇବ, ଯାହା ସୁଦୂରପ୍ରସାରୀ ଅର୍ଥନୈତିକ ଅଭିବୃଦ୍ଧିକୁ ମନ୍ଥର କରିଦେବ। ଜାପାନ, ଦକ୍ଷିଣ କୋରିଆ ଏବଂ ଇଟାଲୀ ଭଳି ବିକଶିତ ଦେଶଗୁଡିକରେ ଦଖାଦେଇଥିବା ଜନସଂଖ୍ୟା ହ୍ରାସ ଜନିତ ସଙ୍କଟ ଓ ଶ୍ରମିକ ଅଭାବର ଉଦାହରଣ ଦେଇ ସେ ଦର୍ଶାଇଛନ୍ତି ଯେ ଭାରତ ତଥା ବିଶେଷ କରି ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକ ଏହି ସମସ୍ୟାର ସମ୍ମୁଖୀନ ହେବାକୁ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ସେ ପିଲାମାନଙ୍କୁ ପରିବାରର ବୋଝ ନଭାବି ଦେଶର ସମ୍ପତି ଭାବେ ବିବେଚନା କରିବାକୁ ଆହ୍ୱାନ ଦେଇଛନ୍ତି, ଯାହା ଆଗାମୀ ଦିନରେ ଦେଶର ଶ୍ରମଶକ୍ତିକୁ ମଜବୁତ କରିବ। ଏହି ପ୍ରସ୍ତାବିତ ଜନସଂଖ୍ୟା ପରିଚରାଳନା ନୀତି କେବଳ ଏକକାଳୀନ ନଗଦ ଅର୍ଥ ପ୍ରଦାନ ମଧ୍ୟରେ ସୀମିତ ନୁହେଁ, ବରଂ ଏଥିରେ ପାଂଚ ବର୍ଷ ପର୍ଯ୍ୟନ୍ତ ମାସିକ ୧୦୦୦ ଟଙ୍କାର ପୁଷ୍ଟିହୀନତା ସହାୟତା, ୧୮ବର୍ଷ ପର୍ଯ୍ୟନ୍ତ ମାଗଣା ଶିକ୍ଷା, ମହିଳାମାନଙ୍କ ପାଇଁ ୧୨ ମାସର ମାତୃତ୍ୱ ଛୁଟି ଏବଂ ପିତାଙ୍କ ପାଇଁ ଦୁଇ ମାସର ପିତୃତ୍ୱ ଛୁଟି ଭଳି ବ୍ୟାପକ ପୋଷଣ-ଶିକ୍ଷା-ସୁରକ୍ଷା ପ୍ୟାକେଜ ସାମିଲ କରାଯାଇଛି, ଯାହା ମାତୃତ୍ୱ, ଶକ୍ତି, କ୍ଷେମ, ନୈପୁଣ୍ୟ ଏବଂ ସୀବନୀ ନାମକ ପାଂଚଟି ମୁଖ୍ୟ ସ୍ତମ୍ଭ ଉପରେ ଆଧାରିତ। ତେବେ ଏହି ନୀତିକୁ ନେଇ ଦେଶରେ ରାଜନୈତିକ ଓ ସାମାଜିକ ସ୍ତରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି, ଯେଉଁଠାରେ ସମାଲୋଚକ ଏବଂ ବିରୋଧୀ ଦଳଗୁଡିକ ଏହାକୁ ଏକ ଅବାସ୍ତବ, ଦୂରୁହ ଏବଂ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବାର ଏକ ରଣନୀତି ବୋଲି ଅଭିହିତ କରିଛନ୍ତି। ବିରୋଧୀଙ୍କ ମତରେ , ରାଜ୍ୟର ଆର୍ଥିକ ସ୍ଥିତିକୁ ବିଚାର ନକରି ଏଭଳି ବଡ ଧରଣର ନଗଦ ଅର୍ଥ ପ୍ରଦାନର ପ୍ରତିଶ୍ରୁତି ପୂରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ ଏବଂ ସରକାର ନିଜର ବିଫଳତାକୁ ଲୁଚାଇବା ପାଇଁ ଏଭଳି ବିତର୍କ ସୃଷ୍ଟି କରୁଛନ୍ତି। ଏହା ସହିତ ଏହି ପ୍ରଶ୍ନ ମଧ୍ୟ ଉଠୁଛି ଯେ ଯେଉଁଠି ଦେଶରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନିଯୁକ୍ତିର ସୁଯୋଗ ସୀମିତ ରହିଛି, ସେଠାରେ କେବଳ ଆର୍ଥିକ ଲୋକ ଦେଖାଇ ଅଧିକ ପିଲା ଜନ୍ମ କରିବା ପାଇଁ ପ୍ରୋତ୍ସାହିତ କରିବା କେତେଦୂର ଯୁକ୍ତିଯୁକ୍ତ କାରଣ ଅଧିକ ଜନସଂଖ୍ୟା ଅର୍ଥନୈତିକ ସମ୍ପତି ହେବା ପରିବର୍ତେ ଯଦି ଉପଯୁକ୍ତ ଶିକ୍ଷା ଓ ନିଯୁକ୍ତି ନପାଏ ତେବେ ତାହା ଦେଶ ପାଇଁ ବୋଝ ପାଲଟିଯିବାର ଆଶଙ୍କା ରହିଛି। ଅନ୍ୟପଟେ, ଏହି ଜନସଂଖ୍ୟା ନୀତି ପଛରେ ଲୁଚି ରହିଥିବା ସବୁଠାରୁ ବଡ ରାଜନୈତିକ କାରଣ ହେଉଛି ଆଗାମୀ ଦିନରେ ଦେଶରେ ହେବାକୁ ଥିବା ସଂସଦୀୟ ନିର୍ବାଚନ ମଣ୍ଡଳୀର ପୁନଃନିର୍ଦ୍ଧାରଣ ବା ଡିଲିମିଟେସନ୍ ପ୍ରକ୍ରିୟା ଯାହା ଜନସଂଖ୍ୟା ଆଧାରରେ ସ୍ଥିର କରାଯିବ। ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକ ବିଗତ ଦଶନ୍ଧିଗୁଡିକରେ ସଫଳତାର ସହ ପରିବାର ନିୟନ୍ତ୍ରଣ ବୃଦ୍ଧି ପାଇଛି ଯାହାଦ୍ୱାରା ଆଗାମୀ ପୁନଃନିର୍ଦ୍ଧାଣରେ ଦକ୍ଷିଣ ଭାରତର ସଂସଦୀୟ ଆସନ ସଂଖ୍ୟା କମିଯିବାର ଏବଂ ସେମାନଙ୍କର ରାଜନୈତିକ ପ୍ରତିନିଧିତ୍ୱ ତଥା କେନ୍ଦ୍ରୀୟ ପାଣ୍ଠି ବଂଟନରେ ପ୍ରଭାବ ହ୍ରାସ ପାଇବାର ଏକ ବଡ ଆଶଙ୍କା ରହିଛି। ଚନ୍ଦ୍ରବାବୁ ନାଇଡୁଙ୍କ ଏହି ପଦକ୍ଷେପକୁ ଆଇଏସଏସ ମୁଖ୍ୟ ମୋହନ ଭାଗବତଙ୍କ ବିଚାରାଧାରା ସହିତ ମଧ ଯୋଡି ଦେଖାଯାଉଛି, ଯେଉଁଥିରେ ପ୍ରତିଟି ଭାରତୀୟ ପରିବାରରେ ଅତି କମରେ ତିନୋଟି ସନ୍ତାନ ରହିବା ଆବଶ୍ୟକ ବୋଲି କୁହାଯାଇଥିଲା। ଏହି ସମଗ୍ର ନୀତି ବାସ୍ତବରେ ଦେଶର ଭବିଷ୍ୟତ ଯୁବ କାର୍ଯ୍ୟକ୍ଷମ ବାହିନୀକୁ ସୁରକ୍ଷିତ କରିବାର ଏକ ଦୂର ଦୃଷ୍ଟିସମ୍ପନ ପ୍ରୟାସ ନା ଏହା କେବଳ ପୁନଃନିର୍ଦ୍ଧାରଣ ରାଜନୈତିକ ପ୍ରଭାବକୁ ରୋକିବାର ଏକ ଆଂଚଳିକ ରଣନୀତି ଏବଂ ଏହାର ଆର୍ଥିକ ବୋଝ, ରାଜ୍ୟ କୋଷାଗାର ଉପରେ କିଭଳି ପ୍ରଭାବ ପକାଇବ, ତାହା ଆଗାମୀ ସମୟରେ ହିଁ ସ୍ପଷ୍ଟ ହେବ, ମାତ୍ର ଏହା ଭାରତର ଜନସଂଖ୍ୟା ବିଜ୍ଞାନ ଏବଂ ନୀତି ନିର୍ଦ୍ଧାରଣକୁ ଏକ ନୂଆ ମୋଡ ଦେଇଛି ଏଥିରେ କୌଣସି ସନ୍ଦେହ ନାହିଁ।


ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨ ମୋବାଇଲ ନଂ-୯୪୩୭୯୯୪୩୭୯

# ଜିଲ୍ଲାସ୍ତରୀୟ ଏସଆଇଆର ସମୀକ୍ଷା ବୈଠକ



ବଲାଙ୍ଗିର, (ମହାଭାରତ) : ଭାରତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁସାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଝଓଜ) ଓଡ଼ିଶା–୨୦୨୬ ପ୍ରକ୍ରିୟାକୁ ସଫଳ ଓ ସ୍ୱଚ୍ଛ କରିବା ପାଇଁ ଆଜି ଜିଲ୍ଲାପାଳଙ୍କ ସଭାଗୃହରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଓ ଜିଲ୍ଲା ନିର୍ବାଚନ ଅଧିକାରୀ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଅଧ୍ୟକ୍ଷତା କରିଥିଲେ, ଯେଉଁଥିରେ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ହୋଇ ଝଓଜ ପ୍ରକ୍ରିୟାକୁ ସୁଚାରୁ ଓ ସ୍ୱଚ୍ଛ ଭାବରେ କାର୍ଯ୍ୟକାରିତା କରିବା ପାଇଁ ଆଲୋଚନା କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ଟିଟିଲାଗଡ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାରେ ନିର୍ଭୁଲ ଓ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତିକୁ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି ଜିଲ୍ଲାପାଳ । ୧୮ ବର୍ଷରୁ ଅଧିକ ବୟସର ଯୁବ ଭୋଟରମାନଙ୍କ ନାମ ଶତପ୍ରତିଶତ ପଞ୍ଜୀକୃତ କରିବାକୁ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ଭୋଟର ତାଲିକାରୁ ମୃତ ଓ ସ୍ଥାନାନ୍ତରିତ ବ୍ୟକ୍ତିଙ୍କ ନାମ ବାଦ କରିବା, ତଥା ତ୍ରୁଟିପୂର୍ଣ୍ଣ ନାମ ଓ ଠିକଣା ସଂଶୋଧନ ପାଇଁ ଆସୁଥିବା ଆବେଦନଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମାରେ ଯାଞ୍ଚ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଭୋଟର ତାଲିକାର ସଠିକତା ଓ ପାରଦର୍ଶିତା ନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ଭୋଟଗ୍ରହଣ କେନ୍ଦ୍ର ପାଇଁ ରାଜନୈତିକ ଦଳମାନଙ୍କୁ ବୁଥ୍ ଲେଭେଲ ଏଜେଣ୍ଟ (ଇଖଇ) ନିଯୁକ୍ତ କରିବାକୁ କୁହାଯାଇଛି । ଏହି ଇଖଇ ମାନଙ୍କର ତାଲିକା ଦାଖଲ କରିବାକୁ ରାଜନୈତିକ ଦଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବୁଥ୍ ଲେଭେଲ ଏଜେଣ୍ଟମାନେ ବୁଥ୍ ଲେଭେଲ ଅଫିସର (ଇଖଢ) ମାନଙ୍କ ସହ ସମନ୍ୱୟ ରଖି ଖସଡା ଭୋଟର ତାଲିକାରେ ଆବଶ୍ୟକ ସଂଶୋଧନ, ନୂତନ ନାମ ସମ୍ମିଳନ ଓ ବିଲୋପ କାର୍ଯ୍ୟରେ ସହଯୋଗ କରିବେ । ସେହିପରି, ରଜଙମାନଙ୍କୁ ସ୍ୱେଚ୍ଛାସେବୀଙ୍କ ତାଲିକା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଇଖଢ ଓ ସ୍ୱେଚ୍ଛାସେବୀଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି । ସ୍ୱତନ୍ତ୍ର ସଘନ ସଂଶୋଧନ (ଝଓଜ) ଓଡ଼ିଶା–୨୦୨୬ର ଯୋଗ୍ୟତା ତାରିଖ ୦୧ ଜୁଲାଇ ୨୦୨୬ ରହିଥିବାବେଳେ, ପ୍ରସ୍ତୁତି, ପ୍ରଶିକ୍ଷଣ ଓ ମୁଦ୍ରଣ କାର୍ଯ୍ୟ ୨୦ ମେ'ରୁ ୨୯ ମେ ପର୍ଯ୍ୟନ୍ତ ସମ୍ପନ୍ନ ହେବ । ୩୦ ମେରୁ ୨୮ ଜୁନ ପର୍ଯ୍ୟନ୍ତ ବିଏଲଓମାନେ ଘରେ ଘରେ ଯାଇ ପରିଗଣନା ଫର୍ମ ପୂରଣ ଓ ଯାଞ୍ଚ କାର୍ଯ୍ୟ କରିବେ । ମତଦାନ କେନ୍ଦ୍ରଗୁଡିକର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ ୨୮ ଜୁନ ସୁଦ୍ଧା ସମ୍ପନ୍ନ ହେବ । ଖସଡ଼ା ଭୋଟର ତାଲିକା ୦୫ ଜୁଲାଇରେ ପ୍ରକାଶିତ ହେବା ସହ, ଦାବି ଓ ଆପତ୍ତି ଦାଖଲ ସମୟ ୦୫ ଜୁଲାଇରୁ ୦୪ ଅଗଷ୍ଟ ପର୍ଯ୍ୟନ୍ତ ରହିବ । ନୋଟିସ ଜାରି କରିବା ଓ ଦାବି–ଆପତ୍ତିର ନିଷ୍ପତ୍ତି ୦୫ ଜୁଲାଇରୁ ୦୨ ସେପ୍ଟେମ୍ବର ପର୍ଯ୍ୟନ୍ତ କରାଯିବ । ଚୂଡ଼ାନ୍ତ ଭୋଟର ତାଲିକା ୦୬ ସେପ୍ଟେମ୍ବର ୨୦୨୬ରେ ପ୍ରକାଶିତ ହେବ । ବୈଠକ ଶେଷରେ ଡେପୁଟି କଲେକ୍ଟର (ନିର୍ବାଚନ) ସୂର୍ଯ୍ୟକାନ୍ତ ପରିଡା ଧନ୍ୟବାଦ ଜଣାଇଥିଲେ । ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଅଧିକାରୀବୃନ୍ଦ ଓ ସାମ୍ବାଦିକମାନେ ଉପସ୍ଥିତ ଥିଲେ ।

## ବିଚ ରାସ୍ତାରେ ଦୁଇଜଣ ଯୁବକଙ୍କୁ ନିର୍ଘାତ ମାଡ଼

କପ୍ତିପଦା, (ମହାଭାରତ ) : ମାସେ ପୂର୍ବରୁ ଥାନାର ଦ୍ୱାରସ୍ଥ ହୋଇ ଘଟଣା କୁ ହାଲୁକା ଢଙ୍ଗରେ ଛାଡି ଦିଆଯାଇଥିଲା । ହେଲେ ଘଟଣା ବେଳର ସାଙ୍ଘାତିକ ଭିଡିଓ ସାମ୍ନାକୁ ଆସିବା ପରେ ସମସ୍ତେ କାବା । ଆଉ ଭିଡିଓ ଦେଖିବା ପରେ ପୋଲିସ ତଦନ୍ତ କୁ ନେଇ ଉଠିଛି ବଡ଼ ପ୍ରଶ୍ନ । ରାସ୍ତା ପାଲଟିଲା ରେସଲିଂ ରିଙ୍ଗ । ପୋଲିସକୁ ନାହିଁ ଭୟ, ଥାନା ଠାରୁ ୫ ଶହ ମିଟର ଦୂରରେ ସ୍ପଷ୍ଟ ଦିବାଲୋକରେ ବିଚ ରାସ୍ତାରେ ଗୁଣ୍ଡାଗିରି । ଉଦଳା ଥାନା ଏନଏସି ୫ ନମ୍ବର ୱାର୍ଡରେ ଯୁବକଙ୍କ ଗୁଣ୍ଡାଗିରିର ଭିଡିଓ ସାମ୍ନାକୁ ଆସିଛି । ସଂଘବଦ୍ଧ ଭାବେ ଆସିଲେ ଆଉ ଦୁଇ ଯୁବକଙ୍କୁ ନିର୍ଘାତ ମାରିଲେ । ଯିଏ ଯେମିତି ପାରିଲା ବାଡେଇ ଚାଲିଲା । ମୁଥ, ଚାପୁଡ଼ା ଠାରୁ ଆରମ୍ଭ କରି ଦୁଇ ଯୁବକଙ୍କୁ ୩ ରୁ ଅଧିକ ଯୁବକ ଗୋଡେଇ ଗୋଡେଇ ନିର୍ଘାତ ମାଡ଼ ମାରୁଥିବାର ଭିଡିଓ ସାମ୍ନାକୁ ଆସିଛି । ଯେଉଁ ଭିଡିଓରେ ଦୁଇ ଜଣ ଯୁବକଙ୍କୁ ୩ ରୁ ୪ ଜଣ ଯୁବକ ଅତି ଅମାନୁଷିକ ଭାବେ ବିଚ ରାସ୍ତାରେ ଜନଗହଳିପୂର୍ଣ୍ଣ ସ୍ଥାନରେ ମାଡ଼ ମାରୁଥିବା ଦେଖାଯାଇଛି । ଏପରିକି ମାଡ଼ ମାରି ଯୁବକଙ୍କୁ ରକ୍ତାକ୍ତ ମଧ୍ୟ କରି ଦେଇଛନ୍ତି । ଆଉ ସଂଘବଦ୍ଧ ଭାବେ ଆସିଥିବା ଯୁବକ ମାନେ ଗୋଡ଼ାଇ ଗୋଡ଼ାଇ ମାରିବା ଏବଂ ସ୍ଥାନୀୟ ଲୋକେ ଦେଖଣାହାରି ପାଲଟିଥିଲେ । ସେପଟେ ଏହି ଭିଡିଓ ପଛର ସତ ହେଲା, ଗତ ଏପ୍ରିଲ ୮ ତାରିଖରେ ଉଦଳା ଏନଏସି ୫ ନମ୍ବର ୱାର୍ଡ ର ଯୁବକ ଅଶ୍ୱିନୀ ଅଭିଷେକ ନାୟକ ଏବଂ ହିମାଂଶୁ ଶେଖର ବେହେରା ୫ ନମ୍ବର ୱାର୍ଡରେ ଚାଲିଥିବା ଏକ ରାସ୍ତା କାମ ନିକଟକୁ ଯାଇଥିଲେ । ସେଠାରେ ପହଂଚି କାମ ଆରମ୍ଭ ହୋଇଥିବା ବେଳେ ଫଳକ ନ ଲଗାଇ କଣ ପାଇଁ କାମ ଚାଲିଛି ଏବଂ କିଏ ଠିକାଦାର ଏହି କାମ କରୁଛନ୍ତି ବୋଲି ସେଠାରେ କାମ କରୁଥିବା ଶ୍ରମିକମାନଙ୍କୁ ପଚାରିଥିଲେ । ଏହି ଖବର ଠିକାଦାର ରଞ୍ଜନ କୁମାର ପାତ୍ରଙ୍କ ନିକଟରେ ପହଂଚିବା ପରେ ସେ ନିଜର କିଛି ସହଯୋଗୀଙ୍କୁ ସାଙ୍ଗରେ ନେଇ କାମ ଚାଲିଥିବା ସ୍ଥାନରେ ପହଂଚିଥିଲେ । ସେଠାରେ ଉପସ୍ଥିତ ଥିଲା ଦୁଇ ଯୁବକ ଅଶ୍ୱିନୀ ଓ ହିମାଂଶୁଙ୍କୁ ଅନ୍ଧାଦୁନିଆ ମାଡ ମାରି ଲହୁଲୁହାଣ କରିଥିଲେ । ଯାହାକୁ ନେଇ ଗୁରୁତର ଦୁଇ ଯୁବକ ଉଦଳା ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହେବା ସହିତ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ । ଯେଉଁଥିରେ ଠିକାଦାର ରଞ୍ଜନ ପାତ୍ର, ଜଗବନ୍ଧୁ ପାତ୍ର ଏବଂ ମନୋଜ ବେହେରାଙ୍କ ନାମ ରହିଥିଲା । ଅନ୍ୟପଟେ ମାଡ ମାରି ଲହୁଲୁହାଣ କରିଥିବା ଠିକାଦାର ରଞ୍ଜନ ପାତ୍ର ଆକ୍ରମଣରେ ଗୁରୁତର ଦୁଇ ଯୁବକଙ୍କ ନାମରେ ଥାନାରେ ଏକ ପାଲଟା ଅଭିଯୋଗ କରିଥିଲେ । ପୋଲିସ ୩ ଗୋଟି ଅଲଗା ଅଲଗା ମାମଲା ରୁଜୁ କରି ଉଭୟ ପକ୍ଷଙ୍କୁ ଥାନାରୁ ବେଲ ଦେଇଥିଲେ । ଆଉ ଠିକାଦାର ରଞ୍ଜନ ପାତ୍ର ସଂଘବଦ୍ଧ ଆକ୍ରମଣ ଘଟଣା କୁ ମିଛ ବୋଲି କହିଥିଲେ । ତେବେ ଏହି ଭାଇରଲ ଭିଡିଓ ସାମ୍ନାକୁ ଆସିବା ପରେ ପୋଲିସର କାର୍ଯ୍ୟ ଦକ୍ଷତା କୁ ନେଇ ଉଠିଛି ପ୍ରଶ୍ନ । ପୋଲିସ ଏକ ମାସ ତଳେ ଏହି ଘଟଣା କୁ କିଭଳି ତଦନ୍ତ କରିଥିଲା, ଯେ ଏଭଳି ଭୟଙ୍କର ଆକ୍ରମଣ ଘଟଣା ଜାଣି ପାରି ନ ଥିଲା । ପୋଲିସ ଯଦି ଉଭୟ ପକ୍ଷ ଙ୍କୁ ଥାନାରୁ ବେଲ ଦେଇଛି, ତେବେ ଭାଇରଲ ଭିଡିଓରେ ଥିବା ଅନ୍ୟ ଯୁବକଙ୍କ ନାମରେ ପୋଲିସ କେଶ ରୁଜୁ କରିଥିଲା ନା ନାହିଁ, ସେମାନଙ୍କୁ ବେଲ ଦିଆଯାଇଥିଲା କି ନାହିଁ ଏମିତି ଅନେକ ପ୍ରଶ୍ନ ଏବେ ପୋଲିସ ଆଗରେ ଛିଡା ହୋଇଛି । ପୋଲିସ କୌଣସି ରାଜନୈତିକ ଚାପରେ ଥାଇ ନା ଉପର ଠାଉରିଆ ଭାବେ ଘଟଣାର ତଦନ୍ତ କରିଥିଲା ତାହାର ଉତ୍ତର କିଏ ଦେବ ।

## କେବେ ଥମିବ କାଳବୈଶାଖୀର ତାଣ୍ଡବ

ଲକ୍ଷ୍ମୀପୁର, (ମହାଭାରତ ) : କେବେ ଥମିବ କାଳବୈଶାଖୀର ତାଣ୍ଡବ ? କେବେ ଲୋକମାନେ ଭୟ ଓ ଚିନ୍ତାରୁ ମୁକ୍ତି ପାଇବେ ? ପ୍ରତିଦିନ ପ୍ରବଳ ପବନ ସହ ବର୍ଷା ହୋଇ ସାଧାରଣ ଲୋକଙ୍କ ଜୀବନ ଓ ଜୀବିକାକୁ ଅସ୍ତବ୍ୟସ୍ତ କରିଦେଉଛି । ଦିନକୁ ଦିନ କାଳବୈଶାଖୀ ନିଜର ଭୟଙ୍କର ରୂପ ଦେଖାଇ ଅନେକ ଗରିବ ପରିବାରଙ୍କ ଘରଦ୍ୱାର ଭାଙ୍ଗିଦେବା ସହିତ ଧନସମ୍ପତ୍ତିକୁ ମଧ୍ୟ ନଷ୍ଟ କରିଚାଲିଛି । କେତେକ ସ୍ଥାନରେ ଜୀବନହାନି ଘଟୁଥିବାରୁ ଲୋକମାନଙ୍କ ମନରେ ଭୟର ପରିବେଶ ସୃଷ୍ଟି ହୋଇଛି । ଏଭଳି ପରିସ୍ଥିତି ମଧ୍ୟରେ ଶୁକ୍ରବାର ପୁଣି କାଳବୈଶାଖୀର ଭୟଙ୍କର ତାଣ୍ଡବ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ସିଙ୍ଗାରାମ, ପରଡ଼ିଗୁଡା ଓ କୁମ୍ଭାରଗୁଡା ଗ୍ରାମରେ । ପ୍ରବଳ ପବନରେ ଅନେକ ଘରର ଆଦବେଷ୍ଟ ଉଡିଯାଇଥିବା ବେଳେ ଗାଁରେ ଲାଗିଥିବା ସୋଲାର ବ୍ୟବସ୍ଥା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । କେତେକ ପରିବାର ଖୋଲା ଆକାଶ ତଳେ ରହିବାକୁ ବାଧ୍ୟ ହୋଇଥିବା ଜଣାପଡ଼ିଛି । ଖବର ପାଇ ସାଙ୍ଗେସାଙ୍ଗେ ଲକ୍ଷ୍ମୀପୁର ଅଞ୍ଚଳର ଶିକ୍ଷିତ ଯୁବ ସମାଜସେବୀ ପପୁନ ହିକକା ପ୍ରଭାବିତ ଗ୍ରାମଗୁଡିକରେ ପହଞ୍ଚି ସ୍ଥିତି ପରଖିଥିଲେ । ଅଧିକାଂଶ ପରିବାର ଗରିବ ଶ୍ରେଣୀରୁ ଆସୁଥିବାରୁ ତାଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ଥିବା ବେଳେ ଘର ଭାଙ୍ଗିଯିବା ଘଟଣା ତାଙ୍କୁ ଅଧିକ ଚିନ୍ତାରେ ପକାଇଦେଇଛି । ପପୁନ ହିକକା ସୋସିଆଲ ମିଡିଆ ମାଧ୍ୟମରେ ପ୍ରଶାସନଙ୍କୁ ତୁରନ୍ତ କ୍ଷୟକ୍ଷତିର ଅନୁଧ୍ୟାନ କରି ପ୍ରଭାବିତ ପରିବାରଙ୍କୁ ସହାୟତା ଓ କ୍ଷତିପୂରଣ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି । ତେବେ ଏହି ଦୁଃଖୀ ପରିବାରମାନଙ୍କ ଦୁଃଖ ପ୍ରତି ପ୍ରଶାସନ କେତେ ତତ୍ପରତା ଦେଖାଉଛି, ତାହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି ।

## କେବେ ଥମିବ କାଳବୈଶାଖୀର ତାଣ୍ଡବ ? ଘର ଉଡାଇ ଲୋକଙ୍କ ଜୀବନକୁ କରୁଛି ଛାର୍ ଖାର୍



ଲକ୍ଷ୍ମୀପୁର, (ମହାଭାରତ) : କେବେ ଥମିବ କାଳବୈଶାଖୀର ତାଣ୍ଡବ ? କେବେ ଲୋକମାନେ ଭୟ ଓ ଚିନ୍ତାରୁ ମୁକ୍ତି ପାଇବେ ? ପ୍ରତିଦିନ ପ୍ରବଳ ପବନ ସହ ବର୍ଷା ହୋଇ ସାଧାରଣ ଲୋକଙ୍କ ଜୀବନ ଓ ଜୀବିକାକୁ ଅସ୍ତବ୍ୟସ୍ତ କରିଦେଉଛି । ଦିନକୁ ଦିନ କାଳବୈଶାଖୀ ନିଜର ଭୟଙ୍କର ରୂପ ଦେଖାଇ ଅନେକ ଗରିବ ପରିବାରଙ୍କ ଘରଦ୍ୱାର ଭାଙ୍ଗିଦେବା ସହିତ ଧନସମ୍ପତ୍ତିକୁ ମଧ୍ୟ ନଷ୍ଟ କରିଚାଲିଛି । କେତେକ ସ୍ଥାନରେ ଜୀବନହାନି ଘଟୁଥିବାରୁ ଲୋକମାନଙ୍କ ମନରେ ଭୟର ପରିବେଶ ସୃଷ୍ଟି ହୋଇଛି । ଏଭଳି ପରିସ୍ଥିତି ମଧ୍ୟରେ ଶୁକ୍ରବାର ପୁଣି କାଳବୈଶାଖୀର ଭୟଙ୍କର ତାଣ୍ଡବ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ସିଙ୍ଗାରାମ, ପରଡ଼ିଗୁଡା ଓ କୁମ୍ଭାରଗୁଡା ଗ୍ରାମରେ । ପ୍ରବଳ ପବନରେ ଅନେକ ଘରର ଆଦବେଷ୍ଟ ଉଡିଯାଇଥିବା ବେଳେ ଗାଁରେ ଲାଗିଥିବା ସୋଲାର ବ୍ୟବସ୍ଥା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । କେତେକ ପରିବାର ଖୋଲା ଆକାଶ ତଳେ ରହିବାକୁ ବାଧ୍ୟ ହୋଇଥିବା ଜଣାପଡ଼ିଛି । ଖବର ପାଇ ସାଙ୍ଗେସାଙ୍ଗେ ଲକ୍ଷ୍ମୀପୁର ଅଞ୍ଚଳର ଶିକ୍ଷିତ ଯୁବ ସମାଜସେବୀ ପପୁନ ହିକକା ପ୍ରଭାବିତ ଗ୍ରାମଗୁଡିକରେ ପହଞ୍ଚି ସ୍ଥିତି ପରଖିଥିଲେ । ଅଧିକାଂଶ ପରିବାର ଗରିବ ଶ୍ରେଣୀରୁ ଆସୁଥିବାରୁ ତାଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ଥିବା ବେଳେ ଘର ଭାଙ୍ଗିଯିବା ଘଟଣା ତାଙ୍କୁ ଅଧିକ ଚିନ୍ତାରେ ପକାଇଦେଇଛି । ପପୁନ ହିକକା ସୋସିଆଲ ମିଡିଆ ମାଧ୍ୟମରେ ପ୍ରଶାସନଙ୍କୁ ତୁରନ୍ତ କ୍ଷୟକ୍ଷତିର ଅନୁଧ୍ୟାନ କରି ପ୍ରଭାବିତ ପରିବାରଙ୍କୁ ସହାୟତା ଓ କ୍ଷତିପୂରଣ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି । ତେବେ ଏହି ଦୁଃଖୀ ପରିବାରମାନଙ୍କ ଦୁଃଖ ପ୍ରତି ପ୍ରଶାସନ କେତେ ତତ୍ପରତା ଦେଖାଉଛି, ତାହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ନାଳନ୍ଦା ବିଦ୍ୟା ମନ୍ଦିର ତରଫରୁ ମେଧାରତ୍ନ - ୨୦୨୬ ଓ ଉତ୍କର୍ଷ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ

ବ୍ରହ୍ମପୁର, (ମହାଭାରତ) : ସ୍ଥାନୀୟ ଜୟପ୍ରକାଶ ନଗର ସ୍ଥିତ ନାଳନ୍ଦା ବିଦ୍ୟା ମନ୍ଦିର ପକ୍ଷରୁ ମେଧାରତ୍ନ -୨୦୨୬ ପ୍ରତିଯୋଗିତା ହୋଇଯାଇଛି. ମାଟ୍ରିକ ପରୀକ୍ଷା ରେ ନିଜର ଉତ୍କର୍ଷ ପ୍ରତିପାଦନ କରି ୮୦% ରୁ ଉର୍ଦ୍ଧ ମାର୍କ ରଖିଥିବା ପ୍ରାୟ ୩୫୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଏହି ପରୀକ୍ଷା ରେ ଅବତୀର୍ଣ୍ଣ ହୋଇଥିଲେ.ତନ୍ମଧ୍ୟରୁ ସରସ୍ୱତୀ ଶିଶୁ ମନ୍ଦିର, ସୋରଡ଼ା ର ସଚିନ୍ଦ୍ର ପାଢ଼ୀ ପ୍ରଥମ ସ୍ଥାନ ଅଧିକାର କରି ୩୦୦୦୦ ଟଙ୍କା ପୁରସ୍କାର ରାଶି ପାଇଥିଲେ. ସରସ୍ୱତୀ ଶିଶୁ ମନ୍ଦିର, ନିମଖଣ୍ଡି ର ଛାତ୍ରୀ ସ୍ନେହାରାଣୀ ପ୍ରଧାନ ଦ୍ୱିତୀୟ ସ୍ଥାନରେ ରହି ୨୧୦୦୦ ଟଙ୍କା ପୁରସ୍କାର ରାଶି ଅର୍ଜନ କରିଥିଲେ. ସରସ୍ୱତୀ ଶିଶୁ ମନ୍ଦିର ଶିବାନନ୍ଦ ନଗର (ରଙ୍ଗେଇଲୁଣ୍ଡା )ର ଛାତ୍ର କାହ୍ନୁ ଚରଣ ମହାନ୍ତି, ଏସ ଏସ ଭି ଏମ ଭଞ୍ଜନଗର ର ଛାତ୍ର ଆନନ୍ଦ କୁମାର ସେଠି, ଏସ ଏସ ଭି ଏମ ଗୋଶାଣୀ ନୂଆଁଗାଁ ର ଛାତ୍ର ନରସିଂହ ଆପଟ ଯଥାକ୍ରମେ ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରି ସ୍ଥାନ ଅଧିକାର କରି ୧୨୦୦୦ଟଙ୍କା, ୧୧୦୦୦ଟଙ୍କା ଓ ୧୦୦୦୦ ଟଙ୍କା ପୁରସ୍କାର ରାଶି ଅର୍ଜନ କରିଥିଲେ । ଚଳିତ ଯୁକ୍ତ ଦୁଇ ପରୀକ୍ଷା ରେ ୯୦ ପ୍ରତିଶତରୁ ଉର୍ଦ୍ଧ ମାର୍କ ରଖି ଉତୀର୍ଣ୍ଣ ହୋଇଥିବା ଅନୁଷ୍ଠାନ ର ୧୧୪ ଜଣ କୃତି ଛାତ୍ରଛାତ୍ରୀ ଙ୍କୁ ଯୁକ୍ତ ଦୁଇ ବିଜ୍ଞାନ ଉତ୍କର୍ଷ ସମ୍ମାନ -୨୦୨୬ ରେ ସମ୍ମାନିତ କରା ଯାଇଥିଲା । ମାଟ୍ରିକ ପରୀକ୍ଷା ରେ ଇ୧ ଗ୍ରେଡ୍ ରଖି ଉତୀର୍ଣ୍ଣ ହୋଇଥିବା ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାର ସମସ୍ତ ଛାତ୍ରଛାତ୍ରୀ ଙ୍କୁ ମାଟ୍ରିକ ଉତ୍କର୍ଷ ସମ୍ମାନ -୨୦୨୬ ରେ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ଚେୟାରମ୍ୟାନ ଭଗବାନ ସାହୁଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ତିନୋଟି ଜିଲ୍ଲାରୁ ପ୍ରାୟ ୮୦୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଯୋଗଦାନ କରିଥିଲେ. ଅନୁଷ୍ଠାନ ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଷ୍ଟାଫ ଉକ୍ତ କାର୍ଯ୍ୟକ୍ରମ କୁ ପରିଚାଳନା ରେ ସହଯୋଗ କରିଥିଲେ ।

## ଓଡ଼ିଶା ଅମଲା ସଂଘର ତ୍ରୟବାର୍ଷିକି ସମ୍ମିଳନିକୁ ନେଇ ତେଜିଲା ରାଜନୀତି

ଓଡ଼ିଶା ଅମଲା ସଂଘର ରାଜ୍ୟ ନେତୃବୃନ୍ଦ ଙ୍କ ଅରାଜକତା, ଏକଛତ୍ରବାଦ ଓ ମନମୁଖୀ କାର୍ଯ୍ୟ ସମ୍ପର୍କରେ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଦ୍ୱାରା ବାରମ୍ବାର ବୈଠକ ହେବା ସହିତ ଏହା ବିଭିନ୍ନ ଗଣ ମାଧ୍ୟମ ରେ ପ୍ରଚାର ପ୍ରସାର ହୋଇଥିଲା, ତ୍ରୟବାର୍ଷିକି ସମ୍ମିଳନି କୋରାପୁଟ ଜିଲ୍ଲା ରେ କରିବା ପାଇଁ ଦିର୍ଘ ୨ ବର୍ଷ ଧରି ଦାବି ହୋଇ ଆସୁଥିବା ବେଳେ ରାଜ୍ୟ ସଂଘ କୋରାପୁଟ ଜିଲ୍ଲା ରେ ତ୍ରୟବାର୍ଷିକି ସମ୍ମିଳନି କରିବା ନେଇ ପ୍ରତିଶ୍ରୁତି ଦେଇ ଆସୁଥିଲେ ପରି ଶେଷରେ ରାଜ୍ୟ ସଂଘ ର କିଛି ନେତୃବୃନ୍ଦ ଲୁକ୍କାୟତ ବୈଠକ କରି ତ୍ରୟବାର୍ଷିକି ସମ୍ମିଳନି ପୁରି ଠାରେ କରିବା ନିମନ୍ତେ ସ୍ଥିର କରି କର୍ମକର୍ତ୍ତା ଚୟନ କରିଦେଇଥିବା ଖବର ପାଇବା ପରେ ବିଭିନ୍ନ ଜିଲ୍ଲା ରେ ଏହାକୁ ତିବ୍ର ବିରୋଧ କରାଯାଇଥିଲା, ଏଥିରେ କୋରାପୁଟ ଜିଲ୍ଲା ମଧ୍ୟ ତିବ୍ର ବିରୋଧ କରିବା ସହିତ ଶ୍ରୀ ଶଶୀଭୂଷଣ ଦାଶ୍ ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘ ଜୟପୁର ଠାରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ ଓ କୋରାପୁଟ ଜିଲ୍ଲା ରେ ୨୩.୦୫.୨୦୨୬ ଓ ୨୪.୦୫.୨୦୨୬ ( ଛୁଟି ଦିନରେ) ତ୍ରୟବାର୍ଷିକି ସମ୍ମିଳନି କରିବା ନେଇ ଗୃହ ବିଭାଗ ସଚିବ ଙ୍କୁ ପତ୍ର ଲେଖିଥିଲେ ଓ ଅନୁମତି ମାଗିଥିଲେ, ଅପର ପକ୍ଷରେ ରାଜ୍ୟ ସଂଘ ର କିଛି କୁ ଚକ୍ରାନ୍ତ କାରି ନେତୃବୃନ୍ଦ ଚକ୍ରାନ୍ତ କାରିତା ୨୬ ଓ ୨୭ ମେ ୨୦୨୬ ରେ ପୁରୀଠାରେ ତ୍ରୟବାର୍ଷିକି ସମ୍ମିଳନି କରିବା ନେଇ ଗୃହ ବିଭାଗ ରୁ ଅନୁମତି ନେଇଛନ୍ତି, ଏହାକୁ ବିଭିନ୍ନ ଜିଲ୍ଲା ପକ୍ଷରୁ ବିରୋଧ କରାଯିବା ସହିତ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଦୃଢ଼ ପ୍ରତିବାଦ କରାଯାଇଥିବା ଶ୍ରୀ ଶଶୀଭୂଷଣ ଦାଶ୍ ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘ ଗଣ ମାଧ୍ୟମ କୁ ସୂଚନା ଦେଇଥିଲେ, ଏଥିରେ ରାଜସ୍ୱ ଅମଲା ମାନେ ଓ ଜଣେ ଅବସରପ୍ରାପ୍ତ ରାଜସ୍ୱ ଅମଲା ଏ ସବୁ ସମସ୍ୟା କରୁଥିବା କହିଛନ୍ତି, ଓଡ଼ିଶା ସରକାର ତା ୦୬.୦୧.୨୦୨୬ ରିଖ ରେ ରାଜସ୍ୱ ବିଭାଗକୁ ସ୍ୱତନ୍ତ୍ର କ୍ୟାଡ଼ର ର ମାନ୍ୟତା ଦେଇଥିଲେ ତେଣୁ ରାଜସ୍ୱ ଅମଲା ମାନେ ଯେଉଁ ମାନେ ଓଡ଼ିଶା ଅମଲା ସଂଘ ର ବିଭିନ୍ନ ପଦ ପଦବୀ ରେ ଅଛନ୍ତି ସେହିଦିନ ଠାରୁ ତାଙ୍କୁ ଓଡ଼ିଶା ସଂଘ ରୁ ବାହାର କରିଦେବା କଥା କିନ୍ତୁ ବର୍ତମାନ ସୁଦ୍ଧା ସେମାନେ କେମିତି ଓଡ଼ିଶା ସଂଘ ରେ ଅଛନ୍ତି ବୋଲି ଶ୍ରୀ ଦାଶ୍ ପ୍ରଶ୍ନ କରିଛନ୍ତି, ସେମାନେ ୨ ଟି ସଂଘ ରୁ ଫାଇଦା ନେଉଥିବା କଥା ସେ କହିଛନ୍ତି ପୁଣି ଅଗଷ୍ଟ ୨୦୨୫ ରେ ରାଜସ୍ୱ ଅମଲା ସଂଘ ର ଆନ୍ଦୋଳନ ରେ ଏମାନେ ଓଡ଼ିଶା ଅମଲା ସଂଘ ର ବିଭିନ୍ନ ପଦ ପଦବୀ ରେ ରହି ମଧ୍ୟ ରାଜସ୍ୱ ଅମଲା ସଂଘ ର ଆନ୍ଦୋଳନ କୁ ସମର୍ଥନ କରୁଥିବା କଥା ଦୋହରାଇଛନ୍ତି, ଜଣେ ମାତ୍ର ବ୍ୟକ୍ତି ଯିଏକି ରାଜସ୍ୱ ଅମଲା ସଂଘ ର ଆନ୍ଦୋଳନ କୁ ବିରୋଧ ପ୍ରଦର୍ଶନ କରିବା ସହିତ ରାଜ୍ୟ ର ବିଭିନ୍ନ ସ୍ଥାନରେ ସାମ୍ବାଦିକ ସମ୍ମିଳନୀ କରିଥିବା ଶ୍ରୀ ଦାଶ୍ କହିଛନ୍ତି, ଓଡ଼ିଶା ଅମଲା ସଂଘ ରାଜସ୍ୱ ଅମଲା ସଂଘ ର ବିରୋଧି ହୋଇଥିବା ସ୍ଥଳେ ରାଜସ୍ୱ ଅମଲା କିପରି ଓଡ଼ିଶା ଅମଲା ସଂଘ ର ତ୍ରୟୋବାର୍ଷିକି ସମ୍ମିଳନି ରେ ଯୋଗଦାନ କରିବେ ବୋଲି ପ୍ରଶ୍ନ କରିବା ସହିତ ରାଜସ୍ୱ ଅମଲା ମାନଙ୍କୁ ସ୍ୱତନ୍ତ୍ର ଛୁଟି ପ୍ରଦାନ ନ ଦେବା ନିମନ୍ତେ ସଂଘ ର ସାଧାରଣ ସମ୍ପାଦକ ଗୃହ ବିଭାଗ ସଚିବ ଓ ରାଜସ୍ୱ ବିଭାଗ ସଚିବ ଙ୍କୁ ପତ୍ର ଲେଖିଛନ୍ତି, ଯେହେତୁ ରାଜସ୍ୱ ଅମଲା ସଂଘ ୨୦୦୮ ମସିହାରୁ ତାର ସ୍ୱତନ୍ତ୍ର ସଂଘ ହୋଇ ସାରିଛି ଓ ଗୃହ ବିଭାଗ ଏହାକୁ ସ୍ୱିକୃତି ଦେଇଛନ୍ତି ସେମାନେ ଓଡ଼ିଶା ଅମଲା ସଂଘ ରେ ରହି ପାରିବେନି ବୋଲି ସେ କହିଛନ୍ତି, ଓଡ଼ିଶା ଅମଲା ସଂଘ ର ଅରାଜକତା କୁ ନେଇ ଶ୍ରୀ ଦାଶ୍ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା ସୂଚନା ଦେଇଥିଲେ !

## କଳାହାଣ୍ଡିରେ ପୁଣି ଦାଦନ ଯନ୍ତ୍ରଣା:ମୃତ୍ୟୁର ପାଞ୍ଚ ଦିନପରେ ଗାଁକୁ ଫେରିଲା ଶବ.

କଳାହାଣ୍ଡି, ୨୨/୦୫:(ମହାଭାରତ )କଳାହାଣ୍ଡି ଜିଲ୍ଲାରେ ଦିନକୁ ଦିନ ଦାଦନ ଶ୍ରମିକଙ୍କ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଥିବାବେଳେ ପୁଣି ଜଣେ ଶବ ହୋଇ ଫେରିଛି ଦାଦନ ଶ୍ରମିକ ।ପରିବାର ପ୍ରତିପୋଷଣ ପାଇଁ ଆନ୍ଧ୍ରପ୍ରଦେଶଦକୁ ଦାଦନ ଖଟିବାକୁ ଯାଇଥିବାବେଳେ ଶ୍ରମିକଙ୍କ ମୃତ ଘଟିଛି ।ସୂଚନା ଅନୁସାରେ ଆନ୍ଧ୍ରପ୍ରଦେଶ ରାଜ୍ୟର ନାଳଗୋପୁରମ ଥାନା ଆନନ୍ଦପୁରମ ଜିଲ୍ଲାର ଭାବନାନଗେଶ ଅଞ୍ଚଳରେ କାମ କରୁଥିଲେ ।ତାଙ୍କ ରହୁଥିବା ସ୍ଥାନରେ ରବିବାର ସକାଳ ୧୦ ଘଣ୍ଟା ସମୟରେ ଗାଧେଇବା ପାଇଁ ଯାଇଥିଲେ ହେଁ ସେହି ସ୍ଥାନରେ ହିଁ ତାଙ୍କ ମୃତ୍ୟୁ ଘଟିଥିଲା ।ମୃତ ପୂର୍ବରୁ ନିଜ ସ୍ତ୍ରୀ ସହିତ କିଛି ସମୟ ଫୋନ୍ ଯୋଗେ କଥାବାର୍ତ୍ତା ହୋଇଥିଲେ । ହେଲେ ଫୋନ୍ ରେ କଥା ହୋଇ କିଛି ସମୟ ପରେ ତୁମ ସ୍ୱାମୀର ମୃତ୍ୟୁ ହୋଇଛି ବୋଲି ଏକ ଫୋନ୍ ଆସିଥିଲା । ଫୋନ୍ ରେ ସ୍ୱାମୀର ମୃତ ଖବର ଶୁଣିବାପରେ ଚମକି ପଡ଼ିଥିଲେ ସ୍ତ୍ରୀ ଓ ପରିବାର ।ସେ ପରିବାରରେ ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ରହିଥିବାବେଳେ ବର୍ତମାନ ସ୍ତ୍ରୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି ।ଏପଟେ ସ୍ତ୍ରୀ ସହିତ ଫୋନରେ କଥା ହୋଇ କିଛି ସମୟ ପରେ ହଠାତ କିପରି ସ୍ୱାମୀର ମୃତ୍ୟୁ ହେଲା ।ଏହା ହତ୍ୟା କରାଯାଇଥିବା ସନ୍ଦେହରେ ସ୍ତ୍ରୀ ଓ ପରିବାର ବର୍ଗ ।ମୃତ ବ୍ୟକ୍ତି ଜଣକ ହେଲେ ଭବାନୀପାଟଣା ସଦରଥାନା ଅନ୍ତର୍ଗତ ଶଗଡ଼ । ପଞ୍ଚାୟତର ତଳରାଚୁଗୁଡା ଗ୍ରାମର ଦୁଃଖୀ ହରିଜନ ବୋଲି ଜଣାପଡ଼ିଛି ।ଆନ୍ଧ୍ରପ୍ରଦେଶ ରାଜ୍ୟର ନାଳଗୋପୁରମ ଥାନାରେ ବୁଧବାର ଶବ ବ୍ୟବଚ୍ଛେଦ ପରେ ଆଜି ଗୁରୁବାର ଦିନ ୧୨ ଘଣ୍ଟିକା ସମୟରେ ଗାଁକୁ ପହଞ୍ଚିଥିଲା ଶବ । ଏନେଇ ନିଜ ଗାଁ ତଳରାଚୁଗୁଡ଼ାକୁ ଶବ ପହଞ୍ଚିବା ପରେ ଗାଁ ମଶାଣିରେ ଶବ ସତ୍କାର କରାଯାଇଥିବା ବେଳେ ପୁରା ଗାଁ ଶୋକାକୁଳ ପରିବେଶ ଖେଳି ଯାଇଥିବା ସହ ପରିବାରର କାନ୍ଦ ବୋବାଳିରେ ଫାଟି ପଡୁଛି ଗାଁ । ମୃତ ବ୍ୟକ୍ତିଙ୍କ ସ୍ତ୍ରୀ ସହ ଛୋଟଛୋଟ ତିନି ପୁଅ ଓ ଗୋଟେ ଝିଅ ରହିଛନ୍ତି ।ପରିବାରରେ ଆଉ କେହି ନ'ଥିବାରୁ ଏବେ ସ୍ତ୍ରୀ ସୁଲୋଚନାଙ୍କ ମୁଣ୍ଡରେ ଉକ୍ତ ପୁଅ ଝିଅ ପ୍ରତିପୋଷଣର ଚିନ୍ତା ।ତେବେ ସରକାର ତଥା ପ୍ରଶାସନ ପକ୍ଷରୁ କୌଣସି ସହାୟତା ଯୋଗାଇ ଦେବାକୁ ଦାବୀ ହେଉଛି ।

## ସଫଳତାର ଶୀର୍ଷରେ ନାଳନ୍ଦା ବିଦ୍ୟା ମନ୍ଦିର

ବ୍ରହ୍ମପୁର, (ମହାଭାରତ) : ଚଳିତ ବର୍ଷ ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶ ପାଇଛି. ସ୍ଥାନୀୟ ଜୟପ୍ରକାଶ ନଗର ସ୍ଥିତ ନାଳନ୍ଦା ବିଦ୍ୟା ମନ୍ଦିର ର ୪୮୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ସ୍ଥଳେ ସତ ପ୍ରତିଶତ ରିଜଲ୍ଟ ସହ ସମସ୍ତ ବିଦ୍ୟାର୍ଥୀ ଉତୀର୍ଣ୍ଣ ହୋଇଛନ୍ତି. ୪୮୪ ଜଣ ପ୍ରଥମ ଶ୍ରେଣୀ ରେ ଉତୀର୍ଣ୍ଣ ହୋଇଥିବା ବେଳେ ୧୧୪ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତ ରୁ ଉର୍ଦ୍ଧ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି. ୨୫୯ ଜଣ ବିଦ୍ୟାର୍ଥୀ ୫୦୦ ରୁ ଉର୍ଦ୍ଧ ମାର୍କ ରଖି ଅନୁଷ୍ଠାନ ର ଗୌରବ କୁ ଦ୍ୱିଗୁଣିତ କରିଛନ୍ତି. ଅନୁଷ୍ଠାନ ର ଛାତ୍ର ଅଂଶୁମାନ ଷଡ଼ଙ୍ଗୀ ସର୍ବାଧିକ ୫୯୫(୯୯.୧୬ % ) ମାର୍କ ରଖି ଟପର ହୋଇଥିବା ବେଳେ ରାଜ୍ୟ ସ୍ତରରେ ଚତୁର୍ଥ ସ୍ଥାନ ବଜାୟ ରଖି କୃତିତ୍ୱ ଅର୍ଜନ କରିଛନ୍ତି. ଭବିଷ୍ୟତ ରେ ଏକ ଭଲ ଇଞ୍ଜିନିୟର ରୂପେ ନିଜକୁ ଗଢି ତୋଳି ଦେଶର ସେବା କରିବାକୁ ଲକ୍ଷ ରଖିଥିବା ନିଜ ପ୍ରତିକ୍ରିୟା ରେ ପ୍ରକାଶ କରିଛନ୍ତି.ଅନୁଷ୍ଠାନ ର ବିଦ୍ୟାର୍ଥୀ ଦୀପା ରାଣୀ ପୋଲାଇ (୫୯୨),ରିତେଶ କୁମାର ଭୂୟାଁ (୫୯୧),ଦୀପିକା ରାଣୀ ମୁନି (୫୯୦),ବର୍ଷା ରାଣୀ ଚୌଧୁରୀ (୫୯୦) ମାର୍କ ରଖି ସଫଳତାର ସହ ଉତ୍ତୀର୍ଣ ହୋଇଛନ୍ତି. ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ର ଛାତ୍ରୀ ଶିକ୍ଷାନୁଷ୍ଠାନ ର ଉତ୍ତମ ଶିକ୍ଷାଦାନ ପ୍ରଣାଳୀ, ସମୟାନୁବର୍ତିତା କୁ ନିଜର ସଫଳତାର ଚାବିକାଠି ବୋଲି ପ୍ରକାଶ କରିଛନ୍ତି. ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଶିକ୍ଷାନୁଷ୍ଠାନ ରେ ଖୁସିର ବାତାବରଣ ସୃଷ୍ଟି ହେବା ସହ ମିଷ୍ଟାର୍ଣ୍ଣ ବଣ୍ଟନ କରି ଛାତ୍ର ଛାତ୍ରୀ ଓ ଅନୁଷ୍ଠାନ ର କର୍ମଚାରୀ ନିଜର ଖୁସି ଜାହିର କରିଥିଲେ. କଲେଜ ର ଅଧ୍ୟକ୍ଷ ଭଗବାନ ସାହୁ, ଉପଦେଷ୍ଟା ବସନ୍ତ କୁମାର ମହାପାତ୍ର, ଉରଢ ରାମଚନ୍ଦ୍ର ଦାସ ଏବଂ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ବିଦ୍ୟାର୍ଥୀ ମାନଙ୍କୁ ଶୁଭେଚ୍ଛା ଜଣେଇବା ସହ ସମସ୍ତଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି.

# ନୟାଗଡ଼ ପରେ ଓଡ଼ଗାଁ ବିଜେଡିରେ କମ୍ପନ : ଅଧ୍ୟକ୍ଷଙ୍କୁ ଘାରିଲାଣି ଗାଦିଚ୍ୟୁତ ଭୟ, ପାଣିପୋଇଲା ଠାରେ କଲେ ଗୁପ୍ତ ବୈଠକ









ନୟାଗଡ, ( ମହାଭାରତ ) : ନୟାଗଡ଼ ବ୍ଲକ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ବିଜେଡି ଛାଡ଼ି ବିଜେପିରେ ଯୋଗଦେବା ପରେ ବିଜେଡି ଦୁର୍ଗ ଧୀରେ ଧୀରେ ଭୁଶୁଡ଼ିବାକୁ ଲାଗିଛି । କାଳେ ବିଜେପି ପ୍ରତିଶୋଧ ନେବାକୁ ଯାଇ ଓଡ଼ଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା କରି ପଦ ଛଡ଼ାଇ ନେବ ଏବେ ସେହି ଭୟ ଘାରିଛି । ପାଣିପୋଇଲା ଠାରେ ଏକ ଗୁପ୍ତ ବୈଠକ କରି ଜନ ପ୍ରତିନିଧି ମାନଙ୍କୁ ଏକାଠି ରଖିବାକୁ ମନ୍ତ୍ରଣା ଦେଇଛନ୍ତି ନେତା । ଓଡ଼ଗାଁ ବ୍ଲକ୍ ?ର ୩୬ଟି ପଞ୍ଚାୟତ ମଧ୍ୟରୁ ନୟାଗଡ଼ ନିର୍ବାଚନମଣ୍ଡଳୀର ୧୮ ଟି ପଞ୍ଚାୟତରେ ବିଧାୟକ ଅରୁଣ କୁମାର ସାହୁଙ୍କ ପ୍ରଭାବ ରହିଛି । କାଳେ କିଏ ଦଳ ଛାଡ଼ି ବିଜେପି ମୁହାଁ ହେବ ସେଥିପାଇଁ ଦଳ ସଜାଡ଼ିବାକୁ ଉଦ୍ୟମ କରାଯାଇଛି । ଗତ ପାଞ୍ଚ ଦିନ ତଳେ ୧୮ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ୧ ନମ୍ବର ଓ ୨ ନମ୍ବର ଜିଲ୍ଲା ପରିଷଦ ସଭ୍ୟାଙ୍କ ପରିବାରଙ୍କୁ ନେଇ ପାଣିପୋଇଲା ଠାରେ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା । ୪ ବର୍ଷ ମଧ୍ୟରେ ଆଜି ପର୍ଯ୍ୟନ୍ତ କୌଣସି ବନ୍ଧୁ ମିଳନ ହୋଇ ନଥିବା ବେଳେ ହଠାତ୍ ସମସ୍ତଙ୍କୁ ନେଇ ଏପରି କାର୍ଯ୍ୟକ୍ରମ କରିବା ଚର୍ଚ୍ଚାର ବିଷୟ ପାଲଟିଛି । କିଭଳି ବିଜେଡି ସଂଗଠନ ମଜଭୁତ ରହିବ, କାହା କଥାରେ ପରିଚାଳିତ ନ ହୋଇ ଏକାଠି ରହିବା ଏବଂ ଲୋଭରେ ନପଡ଼ି ଏକତ୍ର ରହିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ବଡ଼କଥା ହେଉଛି ନୟାଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ବିଜେଡି ଛାଡ଼ି ବିଧିବଦ୍ଧ ଭାବେ ବିଜେପି ରେ ମିଶିବା ପରେ ନୟାଗଡ଼ ବ୍ଲକ୍ ର ୪୫ ଜଣ ସରପଞ୍ଚ ଓ ସମିତିସଭ୍ୟ ଅଧ୍ୟକ୍ଷ କିଶୋର ଙ୍କ ବିରୋଧରେ ଅନାସ୍ଥା? ପ୍ରସ୍ତାବ ଆଣିଛନ୍ତି । ତେବେ ଯଦି ଅନାସ୍ଥା ହୁଏ ତେବେ ବ୍ଲକ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ନିଜର ଅଧ୍ୟକ୍ଷ ପଦ ହରାଇବା ନିଶ୍ଚିତ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଥିବା ବେଳେ ଏପଟେ ଏହାର ପ୍ରତିଶୋଧ ନେବାକୁ ନୟାଗଡ଼ ନିର୍ବାଚନ ମଣ୍ଡଳୀ ର ଓଡ଼ଗାଁ ବ୍ଲକ୍ ବିଜେଡି ପଞ୍ଚାୟତ ସମିତି ଅଧ୍ୟକ୍ଷ ଲୋକନାଥ ସାହୁଙ୍କୁ ଗାଦିଚ୍ୟୁତ କରିବାକୁ ଶାସକ ଦଳ ଉଦ୍ୟମ କରିବ । ଓଡ଼ଗାଁ ବ୍ଲକ୍ ?ର ୩୬ ଟି ପଞ୍ଚାୟତରୁ ନୟାଗଡ଼ ନିର୍ବାଚନ ମଣ୍ଡଳୀର ୧୮ଟି ପଞ୍ଚାୟତ ବିଜେଡି ଦଖଲରେ ଥିବା ବେଳେ ରଣପୁର ନିର୍ବାଚନ ମଣ୍ଡଳୀର ବାକି ୧୮ଟି ପଞ୍ଚାୟତ ବିଜେପି ଦଖଲରେ ରହିଛି । ତେଣୁ ଅନାସ୍ଥା ପ୍ରସ୍ତାବ ଆସିଲେ ବିଜେଡିକୁ ମହଙ୍ଗା ପଡ଼ିପାରେ ବୋଲି ସମୀକ୍ଷକ ମାନେ ମତ ପ୍ରକାଶ କରିଛନ୍ତି । ୧୮ଟି ପଞ୍ଚାୟତ ମଧ୍ୟରୁ କିଛି ସରପଞ୍ଚ ଓ ସମିତିସଭ୍ୟ ଅନୁପସ୍ଥିତ ଥିବାରୁ ଓଡ଼ଗାଁ ବ୍ଲକ୍ ଅଧ୍ୟକ୍ଷଙ୍କ ପାଇଁ ଅଡୁଆ ହୋଇପାରେ ବୋଲି ଆଲୋଚନା ହେଉଛି । ଏହି ଗୁପ୍ତ ବୈଠକ ସଂପର୍କର ଭିତିରି କଥା ବାହାରକୁ ନ ଯିବା ପାଇଁ ସମସ୍ତଙ୍କୁ ଫଟୋ ଉଠାଇବା ଉପରେ ବାରଣ କରାଯାଇଥିଲା । ଶେଷରେ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ସମେତ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇଥିବା ଜଣାପଡ଼ିଛି । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ଝିଲ୍ଲୀ ପ୍ରଧାନ ଓ ବିରଜାଲକ୍ଷ୍ମୀ ସାହୁ ଉପସ୍ଥିତ ଥିଲେ । ବଡ଼କଥା ହେଉଛି ଓଡ଼ଗାଁରେ ଏହି ବନ୍ଧୁମିଳନ ନ କରି ଗୁପ୍ତ ଭାବେ ଖଣ୍ଡପଡ଼ା ଓ ନୟାଗଡ଼ ସୀମାନ୍ତରେ କରାଯିବାକୁ ନେଇ ଜନ ପ୍ରତିନିଧି ମାନେ ନାପସନ୍ଦ କରିଛନ୍ତି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## +୨ ପରୀକ୍ଷା ଫଳ ପ୍ରକାଶିତ ବିଜ୍ଞାନରେ ବିକାଶ, କଳାରେ ଦୀପିକା, ଦୀପାଳି, ପଦ୍ମିନୀ ଟପ୍ପର

ନୂଆଗାଁ (ମହାଭାରତ) :ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ବିଜ୍ଞାନ,କଳା ଓ ବାଣିଜ୍ୟ ପରୀକ୍ଷା ଫଳାଫଳ ଚଳିତ ବର୍ଷ ବୁଧବାର ପ୍ରକାଶିତ ହୋଇଛି। ସୂଚନା ଅନୁଯାୟୀ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ କଳା କ୍ଷେତ୍ରରେ ମୋଟ ୨୨୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସର୍ବମୋଟ ୨୦୩ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥି ମଧ୍ୟରୁ ପ୍ରଥମ ଶ୍ରେଣୀରେ ୮୨ ଜଣ, ଦ୍ୱିତୀୟ ଶ୍ରେଣୀରେ ୪୦ ଜଣ, ତୃତୀୟ ଶ୍ରେଣୀରେ ୮୧ ଜଣ ଏବଂ ୧୭ ଜଣ ଫେଲ ହୋଇଛନ୍ତି। ସେହିପରି ଗତିଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମାଳିସାହି ବିଜ୍ଞାନରେ ମୋଟ ୭୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୬୫ ଜଣ ପାସ କରିଛନ୍ତି ୫ ଜଣ ଫେଲ ହୋଇଛନ୍ତି। ସେଥିରୁ ପ୍ରଥମ ଶ୍ରେଣୀ ୪୫ ଜଣ, ଦ୍ୱିତୀୟ ୧୭ ଜଣ, ତୃତୀୟ ୦୩ ଜଣ ଓ ୦୫ ଜଣ ଫେଲ ହୋଇଛନ୍ତି। କଳାରେ ମୋଟ ୨୩୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ପ୍ରଥମରେ ୫୯ ଜଣ, ଦ୍ୱିତୀୟ ୬୭ ଜଣ, ତୃତୀୟ ୮୬ ଜଣ ପାସ କରିଛନ୍ତି ଓ ୧୯ ଜଣ ଫେଲ ହୋଇଛନ୍ତି। ସେହିପରି ପିଏମଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମହୀପୁର ମୋଟ ୧୦୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୮୨ ପାସ କରିଛନ୍ତି ସେଥି ମଧ୍ୟରୁ ପ୍ରଥମ ୧୫ ଜଣ, ଦ୍ୱିତୀୟ ୧୯ ଜଣ, ତୃତୀୟ ୪୮ ଓ ୨୩ ଜଣ ଫେଲ ହୋଇଛନ୍ତି ଏବଂ ୨ ଜଣ ପରୀକ୍ଷା ଦେଇନାହାନ୍ତି। ସେହିପରି ବାହାଡଝୋଲା ଦଧିବାମନ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୧୫୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧୧୦ ଜଣ ପାସ କରିଛନ୍ତି ୪୨ ଜଣ ଫେଲ ହୋଇଛନ୍ତି। ଗତିଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମାଳିସାହି ବିଜ୍ଞାନ ବିଭାଗରେ ବିକାଶ ସାହୁ ୫୩୭, ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଳା ବିଭାଗରେ ଦୀପିକା ପ୍ରିୟଦର୍ଶିନୀ ସାହୁ ୫୫୫, ଦୀପାଳି ପରିଡ଼ା ୫୪୭,ପଦ୍ମିନୀ ସାହୁ ୫୩୮ ନମ୍ବର ରଖି ନୂଆଗାଁ ଟପ୍ପର ହୋଇଛନ୍ତି ।ତାଙ୍କରି ଏହି ସଫଳତା ପାଇଁ ସମଗ୍ର ନୂଆଗାଁ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି।

## ପ୍ୟାକ୍ସ ସମ୍ପାଦକ ମାନଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ



ଆସିକା(ମହାଭାରତ): ଆସିକା ପ୍ୟାକ୍ସ ସମ୍ପାଦକ ମାନଙ୍କ ସମୀକ୍ଷା ବୈଠକ ଆସିକା ସମବାୟ ଚିନିଶିଳ୍ପ,ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ କୃଷକ ଭବନ ସଭା ଗୃହରେ ଆସିକା ସର୍କଲର ପ୍ୟାକ୍ସ ସମ୍ପାଦକ ମାନଙ୍କ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସୁଶ୍ରୀ ଯୋଗମାୟା ସାବତ, ଡିଆରସିଏସ, ଗଞ୍ଜାମ, ଏଆରସିଏସ ବିଜୟ କୁମାର ସାହୁ, ଚିନିଶିଳ୍ପ ର ସଭାପତି ରବୀନ୍ଦ୍ର ପଣ୍ଡା,ସମ୍ପାଦକ ସନ୍ତୋଷ କୁମାର ମଲ୍ଲିକ, ଉପସ୍ଥିତ ଥିଲେ। ସମବାୟ ବିଭାଗର ଅଧିକାରୀ, ଆସ୍କା ସମବାୟ କେନ୍ଦ୍ର ବ୍ୟାଙ୍କର ଶାଖା ପରିଚାଳକ ଏବଂ ବିଭିନ୍ନ ଯୋଜନାର ଜିଲ୍ଲା ସଂଯୋଜକ ମାନେ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ସମବାୟ ବିଭାଗର ବିଭିନ୍ନ ଯୋଜନାର ରୂପାୟନ ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ପ୍ୟାକ୍ସ ମାନଙ୍କରେ ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିବା ସହିତ ୧୮ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନଙ୍କୁ ସମବାୟ ସମିତିର ସଭ୍ୟ ଭୁକ୍ତ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।ଏଥିପାଇଁ ସମିତି ସ୍ତରରେ ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରି ଲକ୍ଷ୍ୟ ଧାର୍ଯ୍ୟ କରିବାକୁ ଏଆରସିଏସ, ଆସ୍କାଙ୍କୁ ପରାମର୍ଶ ଦିଆଯାଇଥିଲା। ଏନଏଲପିଏସ କାର୍ଯ୍ୟକ୍ରମ ସମ୍ପର୍କିତ ସମସ୍ତ ପ୍ୟାକ୍ସର ଡାଟା ପ୍ରସ୍ତୁତି କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ଆଲୋଚନା କରାଯାଇଥିଲା ଏବଂ ଜନସେବା କେନ୍ଦ୍ରଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ସହିତ ସିଏସସି ମାଧ୍ୟମରେ ବ୍ୟବସାୟ କାର୍ଯ୍ୟ ଚାଲୁ କରିବା ପାଇଁ ସମ୍ପାଦକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

## ୨୦ଟନରୁ ଊର୍ଦ୍ଧ୍ୱ ଗୋରୁ ଚମଡ଼ା ବୋଝେଇ ଟ୍ରକ ଜବତ: ୨ ଗିରଫ

ବାଲିଚନ୍ଦ୍ରପୁର,: ବାଲିଚନ୍ଦ୍ରପୁର ପୋଲିସଏକ ୨୦ଟନ ରୁ ଊର୍ଦ୍ଧ୍ୱ ଗୋରୁ ଚମଡ଼ା ବୋଝେଇ ଟ୍ରକ ଜବତ କରିବା ସହ ଗାଡ଼ିର ଡ୍ରାଇଭର ଓ ହେଲପରକୁ ଗିରଫ କରିଛି। ରବିବାର ରାତ୍ରୀରେ (ଓ ଡ଼ି ୦୯ ବି ୭୩୮୭) ଟ୍ରକରେ ଗୋରୁ ଚମଡ଼ା ବୋଝେଇ ହୋଇ ଯାଉଥିବା ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ତାର ପିଛା କରିଥିଲା। ଏହି ଟ୍ରକଟି ବାଲିଚନ୍ଦ୍ରପୁର ଥାନା ନଳୀପୁର ଅଂଚଳରୁ ବାହାରି କଲିକତା ଅଭିମୁଖେ ଯାଉଥିବା ସମୟରେ ପୋଲିସ ଚଣ୍ଡିଖୋଲ-ପାରାଦୀପ ଏନ ଏଚ ୫୩ର ଭାକୁଡ଼ ଛକ ଠାରେ ଟ୍ରକକୁ ଅଟକାଇ ଥାନାକୁ ଆଣିଥିଲା। ତେବେ ଟ୍ରକରେ ଗୋରୁ ଚମଡ଼ା ବୋଝେଇ ହୋଇଥିବା ପୋଲିସ ଜାଣିବାକୁ ପାଇଥିଲା। ଏହି ଟ୍ରକରେ ୪ ହଜାର ରୁ ଊର୍ଦ୍ଧ୍ୱ ପ୍ରାୟ ୨୦ ଟନ ଚମଡ଼ା ବୋଝେଇ ହୋଇ ଚାଲାଣ ହେଉଥିବା ପୋଲିସ ପାଖରେ ଗିରଫ ଡ୍ରାଇଭର ପ୍ରକାଶ କରିଥିଲା। ସରକାରୀ ଭାବେ ନଳୀପୁର, ଚାରିନଙ୍ଗଳ ଠାରେ କିମ୍ବା ଯାଜପୁର ଜିଲ୍ଲାରେ ଚମଡ଼ା ଗୋଦାମ ଲାଇସେନସ୍ କାହାରି ନଥିବା ବେଳେ ଏତେ ପରିମାଣର ଚମଡ଼ା କିପରି ଚାଲାଣ ହେଉଛି ତାହା ପୋଲିସକୁ ଆଶ୍ଚର୍ଯ୍ୟ କରିଥିଲା। ପୋଲିସ ଆପ୍ରୋଜ ଟ୍ରେଡ଼ର ନଳୀପୁର ଠାରୁ ଏହା ଚାଲାଣ ହେଉଥିବା ଏବଂ ଜି.ଏସ.ଟି ବିଲ ମହମ୍ମଦନଗର ନଳୀପୁର ଅଂଚଳର ସେକ୍ ଆବୁତାଲିମ୍ ଙ୍କ ପୁଅ ସେକ୍ ଓ୍ୱାଜିଦ୍ ଅଲ୍ଲି ନାମରେ ଥିବା ଜାଣିବାକୁ ପାଇଥିଲା। ପୋଲିସ ଏ ନେଇ ଏକ ମାମଲା ୧୭୯/୨୬ରେ ରୁଜୁ କରି ତଦନ୍ତ ଜାରିରଖିବା ସହ ଗିରଫ ଡ୍ରାଇଭର ମଠସାହି ଭଦ୍ରକ ଟାଉନଥାନା ଅଂଚଳର ସେକ୍ ସାହିଦ୍ (୪୮) ଓ ଚାନ୍ଦବାଲି ଥାନା ଅନ୍ତର୍ଗତ ହେଲପର ମଟୋ ପରମାଣପୁର ଅଂଚଳର ନବାବ ଖାନ୍ (୨୨)କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବାଲିଚନ୍ଦ୍ରପୁର ଥାନାଧିକାରି ଦୀଲ୍ଲିପ କୁମାର ମହାନ୍ତିଙ୍କ ଠାରୁ ପ୍ରକାଶ। ସୋମବାର ଦର୍ପଣ ତହସିଲର ଅତିରିକ୍ତ ତହସିଲଦାର ବିରଜା ରାୟଙ୍କ ଉପସ୍ଥିତିରେ ଚମଡ଼ା ବୋଝେଇ ଗାଡ଼ିଟିକୁ ଜବତ କରାଯାଇଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି।

# ବିପଦ ସଂକୁଳ କାଠପୋଲ ଭରସାରେ ବିଅରପାଙ୍ଗାବାସୀ



ଘୁ.ଉଦୟଗିରି : ସ୍ୱାଧୀନତାର ୭୮ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କନ୍ଧମାଳଜିଲ୍ଲାଘୁ.ଉଦୟଗିରି ବ୍ଲକ ରାଇକଲା ପଞ୍ଚାୟତର ୧ ନମ୍ବର ୱାର୍ଡ ଅନ୍ତର୍ଗତ ବିଅରପାଙ୍ଗା ଗ୍ରାମର ଲୋକମାନେ ମୌଳିକ ଯାତାୟାତ ସୁବିଧାରୁ ବଞ୍ଚିତ ରହିଛନ୍ତି। ଗ୍ରାମକୁ ସଂଯୋଗ କରୁଥିବା ଏକମାତ୍ର ପୋଲ ଭାଙ୍ଗିବାକୁ ଦୀର୍ଘ ୯ ବର୍ଷ ବିତିଯାଇଥିଲେ ମଧ୍ୟ ଏହାର ମରାମତି କିମ୍ବା ପୁନଃନିର୍ମାଣ ହୋଇନଥିବାରୁ ଗ୍ରାମବାସୀ ଚରମ ଦୁର୍ଦ୍ଦଶାରେ ଜୀବନଯାପନ କରୁଛନ୍ତି। ମୁଖ୍ୟ ରାସ୍ତାଠାରୁ ପ୍ରାୟ ୨ କିଲୋମିଟର ଦୂରରେ ଅବସ୍ଥିତ ବିଅରପାଙ୍ଗା ଗ୍ରାମକୁ ସଂଯୋଗ କରୁଥିବା ବ୍ରିଜଟି 'ତିତିଲି' ବାତ୍ୟା ସମୟରେ ଭାଙ୍ଗିଯାଇଥିଲା। ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ବ୍ରିଜଟି ଦୁଇ ଫାଳ ହୋଇ ପଡ଼ିରହିଛି। ଫଳରେ ଗ୍ରାମବାସୀ ଦୈନିକ ଜୀବନରେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଛାତ୍ରଛାତ୍ରୀଙ୍କ ସ୍କୁଲ ଯିବା-ଆସିବା, ରୋଗୀଙ୍କୁ ମେଡିକାଲ ନେବା, ଦୈନନ୍ଦିନ ବଜାର କାମ ଓ ଜରୁରୀ ସେବା ପାଇବାରେ ଗ୍ରାମବାସୀ ଅନେକ ଅସୁବିଧା ଭୋଗୁଛନ୍ତି। ଆମ୍ବୁଲାନ୍ସ ସେବା ଏହି ଗ୍ରାମ ପାଇଁ ସ୍ୱପ୍ନ ସଦୃଶ ହୋଇପଡ଼ିଛି। ଗ୍ରାମରେ ପ୍ରାୟ ୪୦ଟି ଆଦିବାସୀ ପରିବାର ବସବାସ କରୁଥିବା ବେଳେ ସେମାନେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ ଚାଷକାମ କରି ଜୀବିକା ନିର୍ବାହ କରୁଛନ୍ତି। କିନ୍ତୁ ଯାତାୟାତ ସୁବିଧା ନଥିବାରୁ ସେମାନଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଛି। ଗତବର୍ଷ ଏହି ସମସ୍ୟା ସମ୍ବନ୍ଧୀୟ ଖବର ଖବରକାଗଜ ଓ ସୋସିଆଲ ମିଡିଆରେ ପ୍ରକାଶ ପାଇବା ପରେ 'ବିଜୁ କନ୍ଧମାଳ ଓ ଗଜପତି ଯୋଜନା' ଅଧୀନରେ ବ୍ରିଜ ମରାମତି ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିବା ନେଇ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। କିନ୍ତୁ ଦୁଃଖର ବିଷୟ, ଆଜି ପର୍ଯ୍ୟନ୍ତ ଗୋଟିଏ ଇଞ୍ଚ କାମ ମଧ୍ୟ ଆରମ୍ଭ ହୋଇନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଓ କ୍ଷୋଭ ପ୍ରକାଶ ପାଇଛି। ଗ୍ରାମବାସୀମାନେ ନିଜେ କାଠ ରଖି ଏକ ଅସ୍ଥାୟୀ ପୋଲ ତିଆରି କରିଛନ୍ତି। ସେହି କାଠ ପୋଲ ଉପରେ ଜୀବନକୁ ବାଜି ଲଗାଇ ଲୋକମାନେ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ବର୍ଷା ଦିନରେ ପରିସ୍ଥିତି ଆହୁରି ଭୟଙ୍କର ହୋଇଯାଉଥିବାରୁ ଗ୍ରାମବାସୀ ଭୟ ଓ ଅନିଶ୍ଚିତତା ମଧ୍ୟରେ ଦିନ କାଟୁଛନ୍ତି ।ଏହି ପ୍ରସଙ୍ଗରେ ସ୍ଥାନୀୟ ବ୍ଲକ ଅଧକ୍ଷା ସୁଷମା ପ୍ରଧାନ କହିଛନ୍ତି ଯେ, ସେ ପ୍ରତ୍ୟେକ ବୈଠକରେ ଏହି ସମସ୍ୟାକୁ ଉଠାଇ ଆସୁଛନ୍ତି। ବୁଧବାର ଅନୁଷ୍ଠିତ ଜିଲ୍ଲା ପରିଷଦ ବୈଠକରେ ମଧ୍ୟ ସେ ଏହି ବିଷୟ ଉଠାଇଥିବା କହିଛନ୍ତି। କିନ୍ତୁ ବ୍ରିଜ କେବେ ନିର୍ମାଣ ହେବ ତାହା ଅନିଶ୍ଚିତ ଥିବା ନେଇ ସେ ମତ ପ୍ରକାଶ କରିଛନ୍ତି। ଗତବର୍ଷ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ଶୀଘ୍ର କାମ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ତାହା କେବଳ ମିଥ୍ୟା ଆଶ୍ୱାସନାରେ ସୀମିତ ରହିଯାଇଥିବା ବୋଲି ସାଧାରଣରେ ଆଲୋଚନା ହେଉଛି। ଆଗକୁବର୍ଷା ଋତୁ ଆସୁଥିବା ବେଳେ ଯାତାୟାତ ସମସ୍ୟା ଆହୁରି ଗୁରୁତର ହେବା ଆଶଙ୍କା କରାଯାଉଛି। ତେଣୁ ବର୍ଷା ପୂର୍ବରୁ ତୁରନ୍ତ ନୂତନ ବ୍ରିଜ ନିର୍ମାଣ କରି ଗ୍ରାମବାସୀଙ୍କ ଦୀର୍ଘଦିନର ସମସ୍ୟାର ସମାଧାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ହିନ୍ଦୋଳରେ ବିଜେଡିର ବିଶାଳ ମହିଳା ସମାବେଶ

ହିନ୍ଦୋଳ(ମହାଭାରତ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ବିଜେଡି ଦେଖାଇଛି ଲୋକପ୍ରିୟତା। ହିନ୍ଦୋଳ ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ପୂର୍ବତନ ସାଂସଦ ମହେଶ ସାହୁଙ୍କ ନେତୃତ୍ୱରେ ଆଜି ସାତମାଇଲ ସ୍ଥିତ ଓଡି୧୯ ହୋଟେଲ ମିଟିଂ ହଲଠାରେ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ଯୋଗଦାନରେ ଆୟୋଜିତ ହୋଇଛି ବିଶାଳ ନାରୀ ଅଧିକାର ସମାବେଶ। ଏଥିରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ବରିଷ୍ଠନେତ୍ରୀ ରାଜ୍ୟ ଛାତ୍ରବିଜେଡି ସଭାପତି ଇପ୍ସିତା ସାହୁ ଯୋଗଦେଇ ନାରୀ ଅଧିକାର,ସମ୍ପ୍ରତି ରାଜ୍ୟରେ ଦିନକୁଦିନ ବୃଦ୍ଧି ପାଉଥିବା ନାରୀନିର୍ଯ୍ୟାତନା ସହିତ ରାଜ୍ୟ ସରକାରଙ୍କ ବିଫଳତା ଓ ବିଜେଡି ସରକାରଙ୍କ ଜନହିତକର କାର୍ଯ୍ୟ ସମ୍ପର୍କରେ ଉଦବୋଧନ ଦେଇ ହିନ୍ଦୋଳବାସି ସର୍ବୋପରି ମହିଳାମାନେ ସଚେତନ ହୋଇ ସଠିକ ନିଷ୍ପତି ନେଇ ବିଜେଡିକୁ ପୁଣି କ୍ଷମତାସିନ କରାଇବାକୁ ଆହ୍ୱାନ ଦେଇଥିଲେ। ସେହିପରି ପୂର୍ବତନ ସାଂସଦ ମହେଶ ସାହୁ କହିଥିଲେ ଦୁଇବର୍ଷ ଭିତରେ ରାଜ୍ୟ ସରକାର ନିର୍ବାଚନ ପ୍ରତିଶୃତି ପାଳନ ନକରି ରଙ୍ଗମାରିବା ଛଡା ଆଉ ସବୁକ୍ଷେତ୍ରରେ ଶୂନ ରହିଛି। ନ୍ୟମାନଙ୍କ ଭିତରେ ସମ୍ମାନିତ ଅତିଥି ଭାବରେ ଡା ଅବିନାଶ ସାମଲ ସାଂସଦ ପ୍ରାର୍ଥୀ ସନ୍ଦୀପ ଷଡ଼ଙ୍ଗୀ ଜିଲ୍ଲା କାର୍ଯ୍ୟକାରୀ ସଭାପତି,ମମତା ସାହୁ ରାଜ୍ୟ ସାଧାରଣସମ୍ପାଦିକା ତିଳୋ□ମା ଚୌଧୁରୀ ଜିଲ୍ଲା ମହିଳାବିଜେଡି ଉପସଭାପତି ଶୁଭଲକ୍ଷ୍ମୀ ସାହୁ ଜିଲ୍ଲାଉପସଭାପତି,ଆର୍ଯ୍ୟନ ଦାସ ଜିଲ୍ଲା ଛାତ୍ର ସଭାପତି,ମମତାଞ୍ଜଳି ବେହେରା ଜିଲ୍ଲା ସାଧାରଣ ସମ୍ପାଦିକା ସସ୍ମିତା ରାଣୀ ନାୟକ ଜିଲ୍ଲା ସମ୍ପାଦିକା ତଥା ବ୍ଲକଅଧକ୍ଷା ଅନୁସୟା ଗଡ଼ନାୟକ ବ୍ଲକ ମହିଳାସଭାପତି,ପ୍ରତିମା ରାଉତ ଏନଏସି ଉପାଧାକ୍ଷା,ଅନୁପମା ସାହୁ ଏନଏସିମହିଳାସଭାପତି, ଦେବୀପ୍ରସାଦ ପଟ୍ଟନାୟକ ହିନ୍ଦୋଳ ବ୍ଲକ ସଭାପତି ଜଟି ନାୟକ ଓଡାପଡାବ୍ଲକ ସଭାପତି ,ପ୍ରଦ୍ୟୁମ୍ନ ବେହେରା ଏନଏସି ସଭାପତି,ଚକ୍ରଧର ଦାସ ଜିଲ୍ଲା ସାଧାରଣସମ୍ପାଦକ,ପ୍ରଶାନ୍ତ ଦାସ ଜିଲ୍ଲାସମ୍ପାଦକ ପ୍ରମୁଖଙ୍କ ସହିତ ବହୁ ବର୍ତମାନ ଓ ପୂର୍ବତନ ସରପଞ୍ଚ, ସମିତିସଭ୍ୟ, କାଉନସିଲର, ବିଜେଡି କାର୍ଯ୍ୟକର୍ତା, କର୍ମୀ,ହଜାରହଜାର ମହିଳା ଓ ବିଜେଡି କର୍ମୀ ଯୋଗଦେଇଥିଲେ।

## ବାଲିସାହି ହତ୍ୟାକାଣ୍ଡ: ବମ୍ବ ସ୍କ୍ୱାର୍ଡର ଖୋଳତାଡ଼ ହସ୍ତଗତ ହେଲାନି କୌଣସି ସୁରାକ୍




ଗଣିଆ,: ବହୁ ଚର୍ଚ୍ଚିତ ଗଣିଆ ବାଲିସାହି ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ ପାଇଁ ପୋଲିସ ପକ୍ଷରୁ ତଦନ୍ତ ପ୍ରକ୍ରିୟାକୁ ଅଧିକ ଜୋରଦାର କରାଯାଇଛି। ମଙ୍ଗଳବାର ଦିନ ଗଣିଆ ପୋଲିସ ଅଧିକାରୀ ଟଙ୍କଧର ଛତ୍ରିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ଛାନଭିନ୍ କରିଛି। ହତ୍ୟାକାଣ୍ଡର କୌଣସି ଗୁପ୍ତ ସୁରାକ୍ କିମ୍ବା ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଖୋଜିବା ପାଇଁ ନୟାଗଡ଼ରୁ ଏକ ତିନି ଜଣିଆ ବିଶେଷଜ୍ଞ ବମ୍ବ ସ୍କ୍ୱାର୍ଡ ଟିମକୁ ଡକାଯାଇଥିଲା। ଏହି ଟିମ୍ ସଂପୃକ୍ତ ଅଞ୍ଚଳରେ ଦୀର୍ଘ ସମୟ ଧରି ବ୍ୟାପକ ସର୍ଚ୍ଚ ଅପରେସନ ଓ ଖୋଳତାଡ଼ କରିଥିଲେ ମଧ୍ୟ ଶେଷ ସୂଚନା ସୁଦ୍ଧା ପୋଲିସ ହାତରେ କୌଣସି ବିଶେଷ ସୁଫଳ କିମ୍ବା ନୂତନ ପ୍ରମାଣ ଲାଗିପାରି ନଥିଲା । ଘଟଣାକୁ ଦଶ ଦିନ ବିତିଯାଇଥିଲେ ବି ପୋଲିସ ହାତ ଖାଲି । ମୋବାଇଲ ର ସନ୍ଧାନ କରାଯାଇ ଥିଲେ ମଧ୍ୟ କୌଣସି ପତ୍ତା ମିଳିନଥିଲା। ଏପଟେ ଗଣିଆ ପୋଲିସ କୁ ମଧ୍ୟ ଶବ ବ୍ୟବଚ୍ଛେଦ ରିପୋର୍ଟ ବର୍ତମାନ ସୁଦ୍ଧା ହସ୍ତଗତ ହୋଇ ନାହିଁ ବୋଲି ଥାନା ଅଧିକାରୀ ଜଣାଇଥିଲେ ।ଏହାକୁ ନେଇ ପରିବାର ପକ୍ଷରୁ ପୋଲିସ ପ୍ରକୃତ ହତ୍ୟାକାରୀ କୁ କେଉଁ ଦିନ ଖୋଜି ବାହାର କରିବ ସେ ନେଇ ଆଶା ବାନ୍ଧି ବସିଛି ।

## ଗାଲଗଣ୍ଡା ଓ ଗୁରା ସାହି ଗ୍ରାମରେ ସୁରକ୍ଷିତ ପାନୀୟ ଜଳ ପ୍ରକଳ୍ପ ଓ ବାସଗୃହ ଉଦଘାଟନ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ରାୟଗଡ ବ୍ଲକର ଜିରାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଗାଲଗଣ୍ଡା ଓ ଗୁରା ସାହି ଗ୍ରାମରେ ଲିନ୍ସ ଫାଉଣ୍ଡେସନ ଏବଂ ସହଯୋଗୀ ସଂସ୍ଥା ସିସିଡି , ଗଜପତି , ସହଯୋଗରେ ସୁରକ୍ଷିତ ଓ ସ୍ୱଚ୍ଛ ପାନୀୟ ଜଳ ପ୍ରକଳ୍ପ ସହିତ ୧୧ ଟି ବାସଗୃହ ଘରର ଉଦଘାଟନ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ରାୟଗଡ଼ ବ୍ଲକ ବିଡିଓ: ଶ୍ରୀ ସନ୍ତୋଷ କୁମାର ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପର ଉଦଘାଟନ କରିଥିଲେ ।କାର୍ଯ୍ୟକ୍ରମରେ ଶ୍ରୀମତୀ ରିସ୍ମା ଭୂୟାଁ, ଜିରାଙ୍ଗ ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ରିସ୍ମା ଭୂୟାଁ , ସିସିଡି'ର ନିର୍ଦ୍ଦେଶକ-ଶ୍ରୀ ଏ: ଜଗନ୍ନାଥ ରାଜୁ , ଜେଏସଏସ: ର ନିର୍ଦ୍ଦେଶକ ଜୀବନ ଦାସ ଙ୍କ ସମେତ ଜିରାଙ୍ଗ ପଞ୍ଚାୟତର ପିଇଓ:, ଭିଡିସି: ସଦସ୍ୟ , ସମାଜର ବରିଷ୍ଠ ବ୍ୟକ୍ତିବର୍ଗ , ମହିଳା ଗୋଷ୍ଠୀ , ଯୁବ ସଦସ୍ୟ ଓ ଗ୍ରାମବାସୀ ମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ନବନିର୍ମିତ ସୁରକ୍ଷିତ ଓ ସ୍ୱଚ୍ଛ ପାନୀୟ ଜଳ ପ୍ରକଳ୍ପ'ଟି ସୋଲାର ସହାୟତା-ପ୍ରାପ୍ତ ବୋରୱେଲ ମାଧ୍ୟମରେ ଗ୍ରାମବାସୀ'ଙ୍କୁ ନିୟମିତ ଭାବେ ସ୍ୱଚ୍ଛ ଓ ସୁରକ୍ଷିତ ପାନୀୟ ଜଳ ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛି। ଏହା ଦ୍ୱାରା ଗ୍ରାମର ସ୍ୱାସ୍ଥ୍ୟ , ପରିଷ୍କାର- ପରିଚ୍ଛନ୍ନତା ଓ ଜୀବନ ମାନରେ ଉନ୍ନତି ଆସି ପାରିବ ବୋଲି ଆଶା କରାଯାଇଛି ।ଏହି ପ୍ରକଳ୍ପ ଯୋଗୁଁ ମୋଟ ୪୧ ଟି ପରିବାର ସିଧାସଳଖ ଭାବେ ଉପକୃତ ହୋଇଛନ୍ତି।

## ନାରୀ ସୁରକ୍ଷା ଓ ଅଧିକାର ଅଭିଯାନ ଅନୁଷ୍ଠିତ

ଯୋଡ଼ା,: ଯୋଡ଼ା ପୌରପାଳିକାରେ ଆଜି ପ୍ରାୟ ୯,୩୦ ମିନିଟ୍ ସମୟରେ ବିଜୁ ମହିଳା ଜନତା ଦଳ ତରଫରୁ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାନେତ୍ରୀ କମଳିନୀ ପାତ୍ରଙ୍କ ତତ୍ତ୍ୱାବଧାନରେ ପ୍ରାୟ ପାଞ୍ଚଶହରୁ ଊର୍ଦ୍ଧ୍ୱ ମହିଳା ଯୋଡ଼ା କଲ୍ୟାଣ ମଣ୍ଡପ ସମ୍ମୁଖରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସରକାର ବିରୋଧୀ ନାରାବାଜି କରି ବସଷ୍ଟାଣ୍ଡ, ସାଇ ମନ୍ଦିର ଦେଇ ଯୋଡ଼ା ପୌର କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ । ଯୋଡ଼ା ପୌର କାର୍ଯ୍ୟାଳୟରେ ପହଞ୍ଚି ପୌର ନିର୍ବାହୀ ଅଧିକାରୀଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସୂଚନା ଯୋଗ୍ୟ ଯେ, ନାରୀ ମାନଙ୍କ ଅଧିକାର ଏବଂ ସଶକ୍ତିକରଣ କ୍ଷେତ୍ରରେ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ନବୀନ ସରକାର ୨୦୧୯ ରୁ ୨୦୨୪ ପର୍ଯ୍ୟନ୍ତ ଅନେକ ଉଲ୍ଲେଖନିୟ କାର୍ଯ୍ୟ କରିଥିବା ଏବଂ ମହିଳା ମାନଙ୍କୁ ୩୩ ପ୍ରତିଶତ ଦଳୀୟ ଟିକେଟ ଦେଇ ନିର୍ବାଚନ ଲଢ଼ିବା ପାଇଁ ସେ ଉତ୍ସାହିତ କରିଥିବା କମଳିନୀ ପାତ୍ର ତାଙ୍କ ଅଭିଭାଷଣରେ କହିଥିଲେ। ରାଜ୍ୟ ମହିଳା ଉପସଭାପତି ମୀନା ମାଝୀ କହିଥିଲେ ଯେ, ଓଡ଼ିଶାରେ ମହିଳା ହିଂସା, ଯୌନ ଉତ୍ପୀଡ଼ନ ବୃଦ୍ଧି ପାଇବାରେ ଲାଗିଛି। ଗଣଦୁଷ୍କର୍ମ, ହତ୍ୟା ଭଳି ଅମାନୁଷିକ ଘଟଣା ଘଟି ଚାଲିଛି ବୋଲି କହିଥିଲେ। ସେହିପରି ଯୋଡ଼ା ପୌର ପାଳିକା ଉପ ନଗରପାଳ ସନ୍ଧ୍ୟା ପାତ୍ର କହିଥିଲେ ଯେ, ଜଣେ ମହିଳାଙ୍କ ମୃତ୍ୟୁ ପ୍ରମାଣପତ୍ର ପାଇଁ ଭାଇ ଭଉଣୀଙ୍କ କଙ୍କାଳ ଖୋଳି ବ୍ୟାଙ୍କକୁ ନେଇଥିଲେଯ ଯାହାକି ପ୍ରଶାସନର ଚରମ ଅବହେଳାକୁ ଦର୍ଶାଉଛି।

## ଅଘୋଷିତ ବିଦ୍ୟୁତ କାଟରେ ବୃଦ୍ଧ ଓ ବାଳୁତ କଲବଲ

ଦଶପଲ୍ଲା,: ଟାଟା ପାୱାରର ଚରମ ମନମାନି ଓ ବିପର୍ଯ୍ୟସ୍ତ ବିଦ୍ୟୁତ ସେବା ଯୋଗୁଁ ଏବେ ସାଧାରଣ ଗ୍ରାହକ ଅତିଷ୍ଠ ହୋଇପଡ଼ିଛନ୍ତି। ଗ୍ରୀଷ୍ମ ପ୍ରବାହ ସମୟରେ ବିନା ସୂଚନାରେ ଘଣ୍ଟା ଘଣ୍ଟା ଧରି ଅନିର୍ଦ୍ଦିଷ୍ଟ ସମୟ ପାଇଁ ବିଜୁଳି କାଟ୍ କରାଯାଉଥିବାରୁ ଗାଁ ଗାଁରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଶେଷ କରି ଘର ଭିତରେ ରହୁଥିବା ବୃଦ୍ଧ, ଅସୁସ୍ଥ ବ୍ୟକ୍ତି ଏବଂ କୋମଳମତି ବାଳୁତମାନେ ଏହି ଗରମରେ ଛଟପଟ ହେଉଛନ୍ତି। ଉପଭୋକ୍ତାମାନଙ୍କ ଅଭିଯୋଗ ଅନୁଯାୟୀ, କେବଳ ବିଜୁଳି କାଟ୍ ନୁହେଁ, ବରଂ ଦୀର୍ଘ ସମୟ ଧରି ଲୋ-ଭୋଲ୍ଟେଜ୍ ସମସ୍ୟା ମଧ୍ୟ ଲାଗି ରହୁଛି ।ଏହି କାରଣରୁ ଲୋକଙ୍କ ଘରର ଦାମୀ ବିଦ୍ୟୁତ ଉପକରଣ ଯଥା ଫ୍ରିଜ୍, ଟିଭି, ପଙ୍ଖା ଓ ମୋଟର ଆଦି ପୋଡ଼ି ନଷ୍ଟ ହେବାରେ ଲାଗିଛି। ଏହା ଦ୍ୱାରା ଗ୍ରାହକମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଗ୍ରାମାଞ୍ଚଳରେ ବିଦ୍ୟୁତ ସମସ୍ୟା ଦେଖାଦେଲେ ଲୋକେ କାହାକୁ ଜଣାଇବେ, ତାହା ପାଇଁ କୌଣସି ସଠିକ୍ ବ୍ୟବସ୍ଥା ନାହିଁ। ସମସ୍ୟା ବାବଦରେ ଅବଗତ କରାଇବା ପାଇଁ ବିଭାଗୀୟ ଉଚ୍ଚ ପଦାଧିକାରୀ କିମ୍ବା ସ୍ଥାନୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କଲେ, ଅଧିକାଂଶ ସମୟରେ ସେମାନଙ୍କ ଫୋନ୍ ବନ୍ଦ ରହୁଛି କିମ୍ବା ସେମାନେ ଫୋନ୍ ଉଠାଉ ନାହାନ୍ତି। କମ୍ପାନୀର ଏଭଳି ଦାୟିତ୍ୱହୀନ ମନୋଭାବକୁ ନେଇ ସ୍ଥାନୀୟ ଅ□ଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଟାଟା ପାୱାରର ଏଭଳି ଶୋଷଣ ଓ ଖାମଖିଆଲି ନୀତି ବିରୋଧରେ ଏବେ ଉପଭୋକ୍ତାମାନେ ଏକାଠି ହେବାକୁ ଆରମ୍ଭ କଲେଣି। ବିଦ୍ୟୁତ ସେବାରେ ତୁରନ୍ତ ସୁଧାର ନଆସିଲେ ଏବଂ ଅଘୋଷିତ ବିଜୁଳି କାଟ୍ ବନ୍ଦ ନହେଲେ, ଆଗାମୀ ଦିନରେ ରାଜପଥକୁ ଓହ୍ଲାଇବା ସହ ଆନ୍ଦୋଳନକୁ ବ୍ୟାପକ ଓ ତୀବ୍ରତର କରାଯିବ ବୋଲି ସ୍ଥାନୀୟ ଉପଭୋକ୍ତା ଓ ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି।

# ନାହିଁ ନାହିଁରେ ଚାଲିଛି ଜିଲ୍ଲାର ୫ ଉପନିବନ୍ଧକ କାର୍ଯ୍ୟାଳୟ




ପାରଳାଖେମୁଣ୍ଡି: ଗଜପତି ଜିଲ୍ଲାରେ ନୂତନ ଭାବେ ଖୋଲାଯାଇଥିବା ୫ ଉପ-ନିବନ୍ଧକ କାର୍ଯ୍ୟାଳୟଗୁଡ଼ିକ ଏବେ ନାହିଁ ନାହିଁରେ ଚାଲୁଥିବା ଜଣାପଡିଛି ।କେଉଁଠି ବି ନାହାନ୍ତି ସ୍ଥାୟୀ ଉପ-ନିବନ୍ଧକ, କେଉଁଠି ବି ଜଣେ ହେଲେ ସ୍ଥାୟୀ କର୍ମଚାରୀ ନିଯୁକ୍ତି ହୋଇନାହାନ୍ତି । ଆବଶ୍ୟକ ଆନୁସାଙ୍ଗିକ ବ୍ୟବସ୍ଥା ନଥାଇ ଚାଲିଛି କାର୍ଯ୍ୟାଳୟ । ଫଳରେ ସାଧାରଣ ଲୋକ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜିଲ୍ଲାରେ ମୋହନା, ରାୟଗଡ଼, ନୂଆଗଡ଼, କାଶୀନଗର ଓ ଗୁମ୍ମା ଏଭଳି ୫ଟି ଉପ-ନିବନ୍ଧକ କାର୍ଯ୍ୟାଳୟ ନୂତନ ଭାବରେ କାର୍ଯ୍ୟକ୍ଷମ ହୋଇଥିବା ବେଳେ ପୂର୍ବରୁ ଥିବା ରା ଉଦୟଗିରି ଉପ-ନିବନ୍ଧକ କାର୍ଯ୍ୟାଳୟରେ ମଧ୍ୟ ଆବଶ୍ୟକ ମାନବ ସମ୍ବଳ ନାହିଁ। ପାରଳାଖେମୁଣ୍ଡିରେ ଥିବା ନିବନ୍ଧକ କାର୍ଯ୍ୟାଳୟରେ ଥିବା କର୍ମଚାରୀ ହିଁ ଏକାଧିକ ଦାୟିତ୍ୱରେ ରହି କାର୍ଯ୍ୟ କରୁଛନ୍ତି । ସ୍ଥାନୀୟ ତହସିଲଦାରମାନେ ହିଁ ଭାରପ୍ରାପ୍ତ ଅଧିକାରୀ ଭାବରେ କାର୍ଯ୍ୟ ତୁଲାଉଛନ୍ତି । ଏମିତିକି କାର୍ଯ୍ୟାଳୟରେ ପିଅନ , ଚପରାଶି , ରାତ୍ରି ଜଗୁଆଳି ବି ନାହାନ୍ତି ଯ କାମଚଳା ଅଧିକାରୀ କର୍ମଚାରୀରେ ଚାଲିଛି କାମଚଳା କାର୍ଯ୍ୟାଳୟ, କେଉଁଠି ସପ୍ତାହରେ ଦିନେ ତ ଆଉ କେଉଁଠି ଦୁଇଦିନ ଖୋଲା ରହୁଛି କାର୍ଯ୍ୟାଳୟ। ପାରଳାଖେମୁଣ୍ଡିରୁ ଆସୁଥିବା କର୍ମଚାରୀ କିଛି ସମୟରେ କାର୍ଯ୍ୟସାରି ଚାଲି ଯାଉଛନ୍ତି ଫଳରେ ଜମି ରେଜିଷ୍ଟ୍ରି, ଦଲିଲ ଯାଞ୍ଚ ଓ ଅନ୍ୟାନ୍ୟ କାର୍ଯ୍ୟରେ ବିଳମ୍ବ ଘଟୁଛି। ଅନେକ ସମୟରେ କାମ ନହୋଇ ଲୋକମାନେ ନିରାଶ ହୋଇ ଫେରୁଥିବା ଦେଖାଯାଉଛି। କିନ୍ତୁ ଲୋକେ ଦୂରଦୂରାନ୍ତରୁ ଆସି ହଇରାଣ ହେଉଛନ୍ତି। ଆବଶ୍ୟକ ଆସବାବପତ୍ର, ସୁବିଧା ଓ ରେକର୍ଡ ସଂରକ୍ଷଣ ପାଇଁ ଉଚିତ ବ୍ୟବସ୍ଥା ମଧ୍ୟ ନଥିବା ଅଭିଯୋଗ ହେଉଛି। ଯଥାପ୍ରକାର ପ୍ରସ୍ତୁତି ବିନା ତରବାରିଆ ଭାବରେ କାର୍ଯ୍ୟାଳୟଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଇଥିବାରୁ ଲୋକମାନେ ତାହାର ସଠିକ ସୁବିଧା ପାଇପାରୁନାହାନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ନୂଆ କାର୍ଯ୍ୟାଳୟ ଖୋଲାଯିବାକୁ ସ୍ୱାଗତ କରାଯାଇଥିଲେ ମଧ୍ୟ ପର୍ଯ୍ୟାପ୍ତ କର୍ମଚାରୀ ଓ ଭିତ୍ତିଭୂମି ସୁବିଧା ନଥିବାରୁ ତାହାର ଉଦ୍ଦେଶ୍ୟ ବିଫଳ ହେଉଛି। ତେଣୁ ତୁରନ୍ତ ସ୍ଥାୟୀ ଉପ-ନିବନ୍ଧକ ନିଯୁକ୍ତି ସହ ସମସ୍ତ ଆବଶ୍ୟକ ସୁବିଧା ଯୋଗାଇବାକୁ ଦାବି ଜୋର ଧରିଛି । ଏନେଇ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହନନାଗାଙ୍କ କହିବା ହେଲା ନୂତନ ଭାବରେ ଖୋଲାଯାଇଥିବା କୌଣସି ଉପ-ନିବନ୍ଧକ କାର୍ଯ୍ୟାଳୟରେ ଷ୍ଟାଫ ନିଯୁକ୍ତି ହୋଇନାହିଁ,ଏ ସମ୍ପର୍କରେ ସରକାର ଅବଗତ ଅଛନ୍ତି , ସରକାର ଯାହା ନିଷ୍ପତ୍ତି ନେବେ ତାକୁ କାର୍ଯ୍ୟକାରୀ କରାଯିବ ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ





## ନିଜ ଶାଳୀଙ୍କୁ ବି ଛାଡ଼ିଲାନି ଗୁଣିଆ, ଅଘୋରୀ ଅଭିଶାପରୁ ମୁକ୍ତି ପାଇବା ଆଳରେ ଦେଲା ଯୌନ ନିର୍ଯାତନା

ଭୋପାଳ: ପରିବାରକୁ ବିପଦ ମାଡ଼ି ଆସିବ। ଗୁପ୍ତ ଭାବେ ପୂଜା କରିବାକୁ ପଡ଼ିବ। ନହେଲେ ଘରେ ମୁଣ୍ଡ ଗଡ଼ିବ। ଅଭିଶାପର କାହାଣୀ କହି ଭୟଭୀତ କରିବା ପରେ ତାଙ୍କ ଶାଳୀଙ୍କୁ ବଳାତ୍କାର କରିଛି ଭିଣୋଇ। ଭୂତ-ମୃତ୍ୟୁର ବାହାନା କରି ପୀଡିତାଙ୍କୁ ଯୌନ ନିର୍ଯାତନା ଦେଇ ଆସୁଥିଲେ। ଏହି ଘଟଣାଟି ସିଭିଲ୍ ଲାଇନ ପୋଲିସ ଆଉଟପୋଷ୍ଟ ଅଧୀନରେ ଘଟିଛି। ପୋଲିସ ଅନୁଯାୟୀ, ଅଭିଯୁକ୍ତ ଜଣକ ବୃତ୍ତିଗତ ଭାବରେ ଜଣେ ମେକାନିକ୍ ଭାବରେ କାମ କରନ୍ତି କିନ୍ତୁ ସେ ପାଖରେ ପୂଜା ଏବଂ ଅନ୍ଧବିଶ୍ୱାସ ଚିକିତ୍ସା ମଧ୍ୟ କରନ୍ତି। ନିଜ ପରିବାରରେ ଭୟର ସୁଯୋଗ ନେଇ ଅଭିଯୁକ୍ତ ଦାବି କରିଥିଲେ ଯେ ତାଙ୍କ ଶାଳୀ ଓ ଶାଳୀଙ୍କ ସ୍ୱାମୀ ଜଣେ 'ଅଘୋରୀ'ର ଅନ୍ଧାର ଛାୟା ତଳେ ଅଛନ୍ତି। ଭୟରେ ଅଭିଶାପରୁ ମୁକ୍ତ ପାଇବାକୁ ସ୍ୱାମୀ-ସ୍ତ୍ରୀ ଅଭିଯୁକ୍ତଙ୍କୁ ଆକୁଳ ଭାବରେ ଅନୁରୋଧ କରିଥିଲେ। ରାତିରେ ଅଭିଯୁକ୍ତ ଜଣକ ପରିବାରକୁ ଅଣ୍ଡା, ନଡ଼ିଆ, ମଦ ଏବଂ ଗଞ୍ଜେଇ ସମେତ ନିର୍ଦ୍ଦିଷ୍ଟ ଜିନିଷ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇ ପୂଜା କରିବାକୁ ପୀଡିତାଙ୍କ ଘରେ ପହଞ୍ଚିଥିଲେ। ସେ ପ୍ରଥମେ ତାଙ୍କ ଭାଇଙ୍କ ଉପରେ କିଛି ପୂଜାର୍ଚ୍ଚନା କରିଥିଲେ। ତା'ପରେ ସେ ତାଙ୍କୁ ଉପାୟ କରି ଘରୁ ବାହାରକୁ ନେଇଗଲେ। ସ୍ତ୍ରୀଙ୍କୁ ଶୁଦ୍ଧିକ୍ରିୟା କରାଗଲେ 'ଅଘୋରୀ' ଛାୟା ସମ୍ପୂର୍ଣ୍ଣ ଭାବରେ ଦୂର ହୋଇପାରିବ ବୋଲି ଅଭିଯୁକ୍ତ କହିଥିଲେ। ପୀଡିତା ଏକାକୀ କୋଠରୀ ଭିତରକୁ ପ୍ରବେଶ କରିବା ମାତ୍ରେ ଅଭିଯୁକ୍ତ ଜଣକ ଭିତରରୁ କବାଟ ବନ୍ଦ କରିଦେଇଥିଲେ। ସେ ତାଙ୍କ ମୁଣ୍ଡରେରେ ନିଶାଦ୍ରବ୍ୟ ଲଗାଇ ଦେଇଥିଲେ, ଯାହା ଫଳରେ ସେ ଶୀଘ୍ର ଚେତାଶୂନ୍ୟ ହୋଇଗଲେ। ତାଙ୍କ ଅସହାୟ ଅବସ୍ଥାର ସୁଯୋଗ ନେଇ ଅଭିଯୁକ୍ତ ତାଙ୍କୁ ଯୌନ ନିର୍ଯାତନା ଦେଇଥିଲେ।

ଦୁଷ୍ଟ ଆତ୍ମାକୁ ସଫଳତାର ସହିତ ତଡ଼ି ଦିଆଯାଇଛି ବୋଲି ପରିବାର ଲୋକଙ୍କୁ କହିଥିଲେ। ଯେତେବେଳେ ସ୍ୱାମୀ ରୁମକୁ ଫେରିଲେ, ସେ ତାଙ୍କ ସ୍ତ୍ରୀଙ୍କୁ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବା ଦେଖିଲେ। ବହୁତ ସମୟ ପରେ ହିଁ ବଞ୍ଚିଥିବା ବ୍ୟକ୍ତି ଚେତା ଫେରି ପାଇଲେ। ସେ ଭାଙ୍ଗି ପଡ଼ି ତାଙ୍କ ସ୍ୱାମୀଙ୍କୁ ସମସ୍ତ ଘଟଣା ବର୍ଣ୍ଣନା କଲେ, ଯାହା ପରେ ବିଚଳିତ ପରିବାର ତୁରନ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚିଲେ। ପୀଡିତା ତାଙ୍କ ପରିବାର ସହିତ ସିଭିଲ୍ ଲାଇନ ପୋଲିସ ଆଉଟପୋଷ୍ଟରେ ଏତଲା ଦେଇଥିଲେ। ପୀଡିତାଙ୍କ ବୟାନ ଆଧାରରେ ମାମଲା ରୁଜୁ କରାଯାଇଛି।

## ତ୍ୱିଷା ଶର୍ମା ମୃତ୍ୟୁ ମାମଲା: ସିବିଆଇ ତଦନ୍ତ ସୁପାରିଶ କଲେ ମଧ୍ୟପ୍ରଦେଶ ସରକାର

ଭୋପାଳ: ନୋଏଡା ବାସିନ୍ଦା ତ୍ୱିଷା ଶର୍ମାଙ୍କ ରହସ୍ୟଜନକ ମୃତ୍ୟୁ ମାମଲାରେ ଶୁକ୍ରବାର ଦିନ ମଧ୍ୟପ୍ରଦେଶ ସରକାର ଏହାର ତଦନ୍ତ ଭାର କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ)କୁ ହସ୍ତାନ୍ତର କରିବା ପାଇଁ ସୁପାରିଶ କରିଛନ୍ତି। ରାଜ୍ୟ ଗୃହ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏକ ମାମଲାର ସମ୍ପୂର୍ଣ୍ଣ ଅନୁସନ୍ଧାନ ଦାୟିତ୍ୱ ଦେଶର ଏହି ଶୀର୍ଷ କେନ୍ଦ୍ରୀୟ ସଂସ୍ଥାକୁ ହସ୍ତାନ୍ତର କରିବା ପାଇଁ ନିଜର ସହମତି ପ୍ରଦାନ କରିଛନ୍ତି। ଦିଲ୍ଲୀ ସ୍ପେଶାଲ ପୋଲିସ ଏଷ୍ଟାବ୍ଲିସମେଣ୍ଟ ଆକ୍ଟ, ୧୯୪୬'ର ଧାରା ୬ ଅଧୀନରେ ଥିବା କ୍ଷମତାର ପ୍ରୟୋଗ କରି ମଧ୍ୟପ୍ରଦେଶ ସରକାର ରାଜ୍ୟପାଳଙ୍କ ନାମରେ ଏହି ଆନୁଷ୍ଠାନିକ ମଞ୍ଜୁରୀ ପ୍ରଦାନ କରିଛନ୍ତି, ଯାହାଫଳରେ ସିବିଆଇ ଅଧିକାରୀମାନେ ଏହି ନିର୍ଦ୍ଦିଷ୍ଟ ମାମଲାର ତଦନ୍ତ ପାଇଁ ସମଗ୍ର ମଧ୍ୟପ୍ରଦେଶରେ ନିଜର ଆଇନଗତ ଅଧିକାର ପ୍ରୟୋଗ କରିପାରିବେ। ଏହି ସରକାରୀ ନିର୍ଦ୍ଦେଶନାମାରେ ମୂଳ ଅପରାଧ ସହିତ ଜଡ଼ିତ କୌଣସି ବି ପ୍ରକାରର ଅପରାଧିକ ଷଡ଼ଯନ୍ତ୍ର ଓ ପ୍ରରୋଚନାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ସିବିଆଇକୁ ସମ୍ପୂର୍ଣ୍ଣ କ୍ଷମତା ଦିଆଯାଇଛି। ସିବିଆଇ ଅଧିକାରୀମାନେ ନିଜର ଆଇନଗତ ଅଧିକାର ପ୍ରୟୋଗ କରିପାରିବେ ଗୃହ ବିଭାଗର ସଚିବ କୃଷ୍ଣବେଣୀ ଦେଶାବତୁଙ୍କ ସ୍ୱାକ୍ଷର ସମ୍ବଳିତ ଏହି ସରକାରୀ ବିଜ୍ଞପ୍ତିକୁ ତୁରନ୍ତ କାର୍ଯ୍ୟକାରୀ କରିବା ଏବଂ ମାମଲା ସହ ଜଡ଼ିତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ କରିବା ପାଇଁ କେନ୍ଦ୍ର ଓ ରାଜ୍ୟର ସମସ୍ତ ଶୀର୍ଷ ଅଧିକାରୀଙ୍କ ନିକଟକୁ ପଠାଯାଇଛି। ଏହି ନିର୍ଦ୍ଦେଶନାମାର ନକଲ କେନ୍ଦ୍ରୀୟ କାର୍ମିକ ଏବଂ ପ୍ରଶିକ୍ଷଣ ବିଭାଗର ଯୁଗ୍ମ ସଚିବ, କେନ୍ଦ୍ର ଗୃହ ସଚିବ, ନୂଆଦିଲ୍ଲୀ ସ୍ଥିତ ସିବିଆଇ ନିର୍ଦ୍ଦେଶକଙ୍କ ସମେତ ମଧ୍ୟପ୍ରଦେଶ ପୋଲିସ ମହାନିର୍ଦ୍ଦେଶକ (ଡିଜିପି), ଭୋପାଳ ଜିଲ୍ଲା ମାଜିଷ୍ଟ୍ରେଟ୍, ଭୋପାଳ ପୋଲିସ କମିଶନର ଏବଂ ଭୋପାଳ ସ୍ଥିତ ସିବିଆଇର ଆଞ୍ଚଳିକ ଅଧିକାରୀମାନଙ୍କୁ ଆବଶ୍ୟକୀୟ ତଥା ଦ୍ରୁତ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଯାଇଛି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ପରେ ତ୍ୱିଷା ଶର୍ମା ମୃତ୍ୟୁ ମାମଲାର ରହସ୍ୟ ଉପରୁ ଖୁବଶୀଘ୍ର ପରଦା ହଟିବ ଏବଂ ପୀଡ଼ିତାଙ୍କ ପରିବାରକୁ ଉଚିତ ନ୍ୟାୟ ମିଳିବ ବୋଲି ଆଶା କରାଯାଉଛି।

## ଆଫ୍ରିକାରୁ ଆସୁଥିବା ଯାତ୍ରୀଙ୍କ ପାଇଁ ଇବୋଲା ନିର୍ଦ୍ଦେଶାବଳି ଜାରି



ନୂଆଦିଲ୍ଲୀ: ଇବୋଲା ପ୍ରଭାବିତ ଦେଶରୁ ଆସୁଥିବା କିମ୍ବା ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ଭାରତ ଏକ ସ୍ୱାସ୍ଥ୍ୟ ପରାମର୍ଶାବଳି ଜାରି କରିଛି, ଯେଉଁଥିରେ ଲକ୍ଷଣ ଥିବା କିମ୍ବା ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ଇମିଗ୍ରେସନ କ୍ଲିୟରାନ୍ସ ପୂର୍ବରୁ ବିମାନବନ୍ଦର ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶାଳୟ (ଡିଜିଏଚ୍ଏସ୍) ଦ୍ୱାରା ଜାରି ପରାମର୍ଶରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଦ୍ୱାରା ବର୍ଗୀକରଣ ଆଧାରରେ ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ, ଉଗାଣ୍ଡା ଓ ଦକ୍ଷିଣ ସୁଦାନକୁ ଉଚ୍ଚ ବିପଦପୂର୍ଣ୍ଣ ଦେଶ ଭାବରେ ଚିହ୍ନଟ କରାଯାଇଛି। ଦିଲ୍ଲୀ ବିମାନବନ୍ଦରରେ ଏୟାର୍ ?ପୋର୍ଟ ହେଲ୍ଥ ଅର୍ଗାନାଇଜେସନ୍ (ଏପିଏଚ୍ଓ) ଦ୍ୱାରା ପ୍ରଦର୍ଶିତ ଏହି ମାର୍ଗଦର୍ଶିକାରେ ଯାତ୍ରୀମାନଙ୍କୁ ଜ୍ୱର, ଦୁର୍ବଳତା, ମୁଣ୍ଡବିନ୍ଧା, ମାଂସପେଶୀ ଯନ୍ତ୍ରଣା, ବାନ୍ତି, ତରଳଝାଡ଼ା, ଗଳା ଯନ୍ତ୍ରଣା ଓ ରକ୍ତସ୍ରାବ ଭଳି ଲକ୍ଷଣ ଉପରେ ନଜର ରଖିବାକୁ ଅନୁରୋଧ କରାଯାଇଛି। ସନ୍ଦିଗ୍ଧ କିମ୍ବା ନିଶ୍ଚିତ ହୋଇଥିବା ଇବୋଲା ରୋଗୀଙ୍କ ରକ୍ତ କିମ୍ବା ଶରୀରର ତରଳ ପଦାର୍ଥ ସହିତ ସିଧାସଳଖ ସଂସ୍ପର୍ଶରେ ଆସିଥିବା ଯାତ୍ରୀମାନଙ୍କୁ ତୁରନ୍ତ ବିମାନବନ୍ଦର ସ୍ୱାସ୍ଥ୍ୟ ଅଧିକାରୀ କିମ୍ବା ସ୍ୱାସ୍ଥ୍ୟ ଡେସ୍କକୁ ରିପୋର୍ଟ କରିବାକୁ ପରାମର୍ଶ ଦିଆଯାଇଛି। ଏପିଏଚ୍ଓ ଅନୁଯାୟୀ, ଯାତ୍ରୀମାନେ ପହଞ୍ଚିବାର ୨୧ ଦିନ ମଧ୍ୟରେ ଲକ୍ଷଣ ଦେଖାଉଥିବା ଯାତ୍ରୀମାନେ ତୁରନ୍ତ ଡାକ୍ତରୀ ସେବା ନେବା ଉଚିତ ଏବଂ ସେମାନଙ୍କ ଯାତ୍ରା ଇତିହାସ ବିଷୟରେ କର୍ତ୍ତୃପକ୍ଷଙ୍କୁ ଜଣାଇବା ଆବଶ୍ୟକ। ବୁଧବାର କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପୁଣ୍ୟସଲିଲା ଶ୍ରୀବାସ୍ତବ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସ୍ୱାସ୍ଥ୍ୟ ସଚିବଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଇବୋଲା ପ୍ରସ୍ତୁତି ଓ ପ୍ରତିକ୍ରିୟା ପଦକ୍ଷେପର ମୂଲ୍ୟାଙ୍କନ କରିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି ଯେ ଭାରତରେ ଏପର୍ଯ୍ୟନ୍ତ କୌଣସି ଇବୋଲା ମାମଲା ଚିହ୍ନଟ ହୋଇନାହିଁ। ତେବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଇବୋଲାକୁ ଅନ୍ତର୍ଜାତୀୟ ଚିନ୍ତାଜନକ ଜନସ୍ୱାସ୍ଥ୍ୟ ଜରୁରିକାଳୀନ ପରିସ୍ଥିତି (ପିଏଚ୍ଇଆଇସି) ଘୋଷଣା କରିବା ପରେ କେନ୍ଦ୍ର ସରକାର ସତର୍କତାମୂଳକ ପଦକ୍ଷେପ ଭାବରେ ଦେଶବ୍ୟାପୀ ନିରୀକ୍ଷଣ ଓ ପ୍ରସ୍ତୁତି ପଦକ୍ଷେପକୁ ମଜବୁତ କରିଛନ୍ତି ବୋଲି ସରକାରୀ ସୂତ୍ରରୁ ପ୍ରକାଶ।

# ସାଉଦି ଆରବ, ଆମେରିକା ନୁହେଁ: ଭେନେଜୁଏଲା ଭାରତର ନୂଆ ପ୍ରମୁଖ ତୈଳ ଯୋଗାଣକାରୀ ରାଷ୍ଟ୍ର

ନୂଆଦିଲ୍ଲୀ: ଆମେରିକା- ଇରାନ ଯୁଦ୍ଧ ଯୋଗୁ ହର୍ମୁଜ ପ୍ରଣାଳୀ ବନ୍ଦ ଥିବାରୁ ଦେଶରେ ତେ ?ଲ ସଙ୍କଟ ଦେଖାଯାଇଛି। ତେବେ ଭାରତ ମେ' ମାସରେ ଭେନେଜୁଏଲାରୁ ତୃତୀୟ ସର୍ବାଧିକ ଅଶୋଧିତ ତେ ?ଲ ଆମଦାନୀ କରି ସମସ୍ତଙ୍କୁ ଚକିତ କରିଦେଇଛି। ବିଶ୍ୱ ତୈଳ ବଜାରରେ ପ୍ରତିକୂଳ ସ୍ଥିତି ମଧ୍ୟରେ ଭାରତୀୟ ବିଶୋଧନାଗାରଗୁଡ଼ିକ ସାଉଦି ଆରବ ଓ ଆମେରିକା ପରି ପାରମ୍ପରିକ ତେ ?ଲ ଯୋଗାଣକାରୀ ଦେଶମାନଙ୍କଠାରୁ ତେ ?ଲ ନ କିଣି ଭେନେଜୁଏଲାର ଶସ୍ତା ଅଶୋଧିତ ତୈଳର କ୍ରୟ ବୃଦ୍ଧି କରିଛନ୍ତି।

ଏନର୍ଜି କାର୍ଗୋ ଟ୍ରାକର କେପ୍ଲରର ତଥ୍ୟ ଅନୁଯାୟୀ, ଭେନେଜୁଏଲା ଚଳିତ ମାସରେ ଏପର୍ଯ୍ୟନ୍ତ ଭାରତକୁ ପ୍ରାୟ ୪,୧୭,୦୦୦ ବ୍ୟାରେଲ



ପ୍ରତିଦିନ (ବିପିଡି) ଅଶୋଧିତ ତେଲ ଯୋଗାଇଛି, ଯାହା ଏପ୍ରିଲରେ ୨,୮୩,୦୦୦ ବ୍ୟାରେଲ ତୁଳନାରେ ଅଧିକ। ଦକ୍ଷିଣ ଆମେରିକୀୟ ଦେଶ ଗତ ନଅ ମାସ ମଧ୍ୟରେ ଭାରତକୁ ବିଲ୍ ?କୁଲ ଅଶୋଧିତ ତେଲ ଯୋଗାଇ ନଥିଲା। ପଶ୍ଚିମ ଏସିଆ ଯୁଦ୍ଧ, ହର୍ମୁଜ୍ ପ୍ରଣାଳୀ ଅବରୋଧ ଓ ପରିବର୍ତ୍ତନଶୀଳ ବିଶ୍ୱ ଯୋଗାଣ ବ୍ୟବସ୍ଥା ଯୋଗୁଁ ଭାରତ ଏହାର ଅଶୋଧିତ ତୈଳ ଉତ୍ସ ରଣନୀତିରେ ପରିବର୍ତ୍ତନ କରିଛି। ମେ ମାସରେ ଭେନେଜୁଏଲା ଅପେକ୍ଷା କେବଳ ରୁଷ୍ ? ଓ ସଂଯୁକ୍ତ ଆରବ ଏମିରେଟ୍ସ ଭାରତକୁ ଅଧିକ ଅଶୋଧିତ ତେଲ ଯୋଗାଇଥିଲେ।

ଭେନେଜୁଏଲାର ଅଶୋଧିତ ତୈଳ ବର୍ତ୍ତମାନ ବିଶ୍ୱସ୍ତରୀୟ ତୈଳ ଗ୍ରେଡ୍ ତୁଳନାରେ ଶସ୍ତା ରହିଥିବାରୁ ଭାରତୀୟ ବିଶୋଧନକାରୀଙ୍କୁ ଆକର୍ଷଣ କରୁଛି। ଭାରତୀୟ କ୍ରେତାମାନେ ଭେନେଜୁଏଲାର ତେ ?ଲ ପ୍ରତି ଦୃଢ଼ ଆଗ୍ରହ ଦେଖାଉଛନ୍ତି ବୋଲି କେପ୍ଲର୍ ?ର ମୁଖ୍ୟ ବିଶ୍ଳେଷକ ନିଖିଲ ଦୁବେ କହିଥିବା ଇକୋନୋମିକ୍ ଟାଇମ୍ସ ପ୍ରକାଶ କରିଛି। ଭାରତୀୟ ରିଫାଇନାରୀ କମ୍ପାନୀଗୁଡ଼ିକ, ବିଶେଷକରି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ସବୁଠାରୁ ବଡ଼ କ୍ରେତାଙ୍କ ମଧ୍ୟରେ ରହିଛି। ଭେନେଜୁଏଲାର ଭାରୀ ଓ ଉଚ୍ଚ-ସଲଫର୍ ଅଶୋଧିତ ତୈଳ ଗୁଜରାଟର ରିଲାଏନ୍ସର ଜାମନଗର ରିଫାଇନାରୀ ଭଳି ଜଟିଳ ରିଫାଇନାରୀ ସିଷ୍ଟମ ପାଇଁ ଉପଯୁକ୍ତ ହୋଇଥାଏ। ତଥାପି ମଧ୍ୟ ଭାରତ ତେ ?ଲ ଆମଦାନୀ ଫେବ୍ରୁଆରିରେ ଯୁଦ୍ଧ ଆରମ୍ଭ ନହେବା ସମୟ ତୁଳନାରେ କମ୍ ? ରହିଛି। ଭାରତ ଫେବ୍ରୁଆରିରେ ଦିନକୁ ୫.୨ ନିୟୁତ ବ୍ୟାରେଲ ତେ ?ଲ କିଣୁଥିଲା। ଫେବ୍ରୁଆରିରେ ଭାରତ ଇରାକଠାରୁ ଦିନକୁ ୯,୬୯,୦୦୦ ବ୍ୟାରେଲ ତେଲ କିଣୁଥିବାବେଳେ ମେ ମାସରେ ଇରାକଠାରୁ ମାତ୍ର ୫୧,୦୦୦ ବିପିଡି ତେ ?ଲ କିଣିଥିଲା। ହର୍ମୁଜ ବନ୍ଦ ଥିବାରୁ ଚଳିତ ମାସ ଇରାନରୁ କେ ?ଣସି ଜାହାଜ ଆସିପାରି ନାହିଁ।

## ଆମେରିକାରେ ଐ-୧ଈ କର୍ମଚାରୀଙ୍କ ପାଇଁ ବଢ଼ିଲା ଅଡୁଆ; ୬୦ ଦିନରେ କାମ ନମିଳିଲେ ଛାଡିବେ ଦେଶ, ଚିନ୍ତାରେ ଭାରତୀୟ

ନୂଆଦିଲ୍ଲୀ ୨୨।୦୫: ପୁଣିଥରେ ଆମେରିକାରେ ବଡ଼ ବଡ଼ କମ୍ପାନିଗୁଡ଼ିକ ଦ୍ୱାରା ଆରମ୍ଭ ହୋଇଯାଇଛି ଗଣ ଛଟେଇ ଅଭିଯାନ। ଆମାଜନ, ମେଟା, ଓରାକଲ ସମେତ ଅନେକ କମ୍ପାନିରେ ହଜାର ହଜାର ଲୋକଙ୍କ ଚାକିରି ଚାଲିଗଲାଣି। ଟେକ୍ କମ୍ପାନିଗୁଡ଼ିକରେ ଛଟେଇର ଶିକାର ଏଚ୍-୧ବି କର୍ମଚାରୀ ବି ହୋଇଛନ୍ତି, ଯେଉଁଥିରେ ବହୁ ସଂଖ୍ୟାରେ ଭାରତୀୟ ସାମିଲ ଅଛନ୍ତି। ଅନୁମାନ କରାଯାଉଛି ଏଥିରେ କିଛି ଛାତ୍ରଛାତ୍ରୀ ବି ରହିଛନ୍ତି, ଯେଉଁମାନେ ଏଚ୍୧ବି ଭିଜାରେ ନିଯୁକ୍ତି ପାଇଥିଲେ। ଏହି ଛଟେଇ ଯୋଗୁ ଭୟଭୀତ ଅବସ୍ଥାରେ ଅଛନ୍ତି ଭାରତୀୟ ଏଚ୍୧ବି କର୍ମଚାରୀ।

କଥା ହେଉଛି ଛଟେଇର ଏହି ଧାରା ଯୋଗୁ ଏଚ୍୧ବି କର୍ମଚାରୀଙ୍କ ଇମିଗ୍ରେସନ ଷ୍ଟାଟସ୍ ବିପଦରେ। ଏବେ ସେମାନଙ୍କ ଉପରେ ୬୦ ଦିନର ଗ୍ରେସ୍ ପିରିୟଡ ନିୟମ ଲାଗୁ ହୋଇଯାଇଛି। ଅର୍ଥାତ୍ ୬୦ ଦିନରେ ନୂଆ ଚାକିରି ଖୋଜିବେ, ନହେଲେ ଆମେରିକା ଛାଡ଼ିବେ। ତେବେ ପ୍ରଭାବିତ ଭାରତୀୟ କର୍ମଚାରୀଙ୍କୁ ଇମିଗ୍ରେସନ ଓକିଲମାନେ ପରାମର୍ଶ ଦେଇଛନ୍ତି ଯେ, ସେମାନେ ନିଜର





ଷ୍ଟାଟସ୍ରେ ତୁରନ୍ତ ପରିବର୍ତ୍ତନ କରନ୍ତୁ। ପରାମର୍ଶ ଦିଆଯାଇଛି ଯେ, ସେମାନେ ବି-୨ ଭିଜିଟର ଭିଜାକୁ ସ୍ଥାନାନ୍ତର ହୋଇପାରିବେ। ଏହାଦ୍ୱାରା ସେମାନଙ୍କୁ ଆମେରିକାରେ ରହିବା ପାଇଁ ଆଇନ ଅନୁସାରେ ମଞ୍ଜୁରି ମିଳିଯିବ ଏବଂ ଏହି ସମୟ ମଧ୍ୟରେ ସେମାନେ ନୂଆ ଚାକିରି ବି ଖୋଜିପାରିବେ।

ନିୟମ ଅନୁସାରେ ଏଚ୍୧ବି ଭିଜାଧାରୀ କର୍ମଚାରୀଙ୍କୁ ଆମେରିକାରେ ଉକ୍ତ ସମୟ ପର୍ଯ୍ୟନ୍ତ ରହିବାକୁ ଅନୁମତି ମିଳିଥାଏ ଯେଉଁ ପର୍ଯ୍ୟନ୍ତ ସେମାନେ ସେଠାରେ ଚାକିରି କରୁଥିବେ। ଚାକିରି ଚାଲିଯିବା ପରେ ସେମାନଙ୍କ ପାଇଁ ଗ୍ରେସ୍ ପିରିୟଡ ନିୟମ ଲାଗୁ ହୋଇଯାଏ। ଏହି ଅବଧି ମଧ୍ୟରେ ସେମାନଙ୍କୁ ନୂଆ କମ୍ପାନି ଖୋଜିବାକୁ ପଡ଼ିବ, ଯେଉଁ କମ୍ପାନି ଭିଜା ସ୍ପନ୍ସରଶିପ୍ ପାଇଁ ରାଜି ଥିବ। ଯଦି ଏହା ନ ହୁଏ ତେବେ କର୍ମଚାରୀଙ୍କୁ ୬୦ ଦିନ ମଧ୍ୟରେ ଦେଶ ଛାଡ଼ିବାକୁ ପଡ଼ିବ। ତେବେ ଗ୍ରେସ୍ ପିରିୟଡ୍ ନିୟମ କର୍ମଚାରୀଙ୍କ ଅଡୁଆ ବଢ଼ାଇଦେଇଛି। କାରଣ ଏବେ କର୍ମଚାରୀଙ୍କୁ ଆମେରିକା ଛାଡ଼ିବାର ଡର ମାଡ଼ି ଆସିଲାଣି। ଏହି ନିୟମରେ ସ୍ପଷ୍ଟ କୁହାଯାଇଛି ଯେ, ଯଦି କୌଣସି କର୍ମଚାରୀଙ୍କୁ ୬୦ ଦିନ ମଧ୍ୟରେ ଚାକିରି ନ ମିଳେ ତେବେ ତାଙ୍କୁ ତୁରନ୍ତ ଦେଶ ଛାଡ଼ିବାକୁ ପଡ଼ିବ। ଯଦି ଦେଶ ନ ଛାଡ଼ନ୍ତି ତେବେ ଉକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ।

## ପାକିସ୍ତାନ ପାଇଁ ଗୁପ୍ତଚରୀ: ଜଣେ ଗିରଫ, ଅନ୍ୟ ୩ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ

ଚଣ୍ଡୀଗଡ଼: ପଞ୍ଜାବ ପୁଲିସ ପଠାନକୋଟରେ ଏକ ସନ୍ଦିଗ୍ଧ ଗୁପ୍ତଚରୀ ରାକେଟର ଫର୍ଦ୍ଦାଫାସ କରିଛି। ଭାରତୀୟ ସେନା ବାହିନୀ ଓ ଅର୍ଦ୍ଧସାମରିକ ବାହିନୀର ଗତିବିଧି ସମ୍ପର୍କରେ ପାକିସ୍ତାନର ସ୍ଥିତ ହ୍ୟାଣ୍ଡେଲରଙ୍କୁ ସୂଚନା ଦେବା ନେଇ ପଞ୍ଜାବରେ ଜଣଙ୍କୁ ଗିରଫ କରାଯାଇଛି। ପୁଲିସ ସୂଚନାନୁଯାୟୀ, ସେନା ଓ ଅର୍ଦ୍ଧସାମରିକ ବାହିନୀର ଗତିବିଧି ଉପରେ ନଜର ରଖିବାକୁ ଚାକ୍ ଧାରିୱାଲ ଗାଁର ବାସିନ୍ଦା ବଲଜିତ ସିଂହ ଓରଫ ବିଟ୍ଟୁ ପଠାନକୋଟ-ଜମ୍ମୁ ଜାତୀୟ ରାଜପଥ-୪୪ ରେ ବ୍ରିଜ୍ ନିକଟରେ ଏକ ଦୋକାନରେ ସିସିଟିଭି କ୍ୟାମେରା ଲଗାଇଥିଲା। ବରିଷ୍ଠ ପୁଲିସ ଅଧିକାରୀ ଦଲଜିନ୍ଦର ସିଂହ ଢିଲୋଁ କହିଛନ୍ତି ଯେ, ସିସିଟିଭି କ୍ୟାମେରାର ତଥ୍ୟ ଇଲେକ୍ଟ୍ରୋନିକ୍ ଭାବରେ ପାକିସ୍ତାନ ଓ ବିଦେଶରେ ଥିବା ହ୍ୟାଣ୍ଡଲରଙ୍କ ନିକଟକୁ ପଠାଯାଉଥିଲା।



ପଚରାଉଚରା ସମୟରେ ସିଂହ ସ୍ୱୀକାର କରିଛି ଯେ, ସେ ଜାନୁଆରି ମାସରୁ ସୁଜାନପୁର ନିକଟସ୍ଥ ରାଜପଥରେ ଥିବା ଏକ ଦୋକାନରେ ଏକ ଇଣ୍ଟରନେଟ୍-ଭିତ୍ତିକ ସିସିଟିଭି କ୍ୟାମେରା ଲଗାଇଥିଲା। ସେ ଦୁବାଇର ଜଣେ ଅଜଣା ବ୍ୟକ୍ତିଠାରୁ ନିର୍ଦ୍ଦେଶ ପାଉଥିଲା ଓ ଏଥିପାଇଁ ତାକୁ ୪୦,୦୦୦ ଟଙ୍କା ଦିଆଯାଇଥିଲା। ଅଭିଯୁକ୍ତ ନିକଟରୁ ଏକ ସିସିଟିଭି କ୍ୟାମେରା, ଏକ ଇଣ୍ଟରନେଟ୍ ୱାଇଫାଇ ରାଉଟର ଜବତ କରାଯାଇଛି। ପଠାନକୋଟ-ଜମ୍ମୁ ରାଜପଥରେ ସନ୍ଦେହଜନକ କାର୍ଯ୍ୟକଳାପ ବିଷୟରେ ସୂଚନା ପାଇବା ପରେ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ସୁଜନପୁର ପୁଲିସ ଚାରି ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି। ଅଭିଯୁକ୍ତ ବଲଜିତ୍ ସିଂହ ବ୍ୟତୀତ ବିକ୍ରମଜିତ ସିଂହ ଓରଫ ଭିକ୍କା, ବଲବିନ୍ଦର ସିଂହ ଓରଫ ଭିକି ଓ ତରନପ୍ରୀତ ସିଂହ ଓରଫ ତନ୍ନୁଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ପୁଲିସ କହିଛି ଯେ, ଅଭିଯୁକ୍ତମାନେ ଅପରାଧିକ ଓ ଦେଶ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଥିଲେ। ଏ ସମ୍ପର୍କିତ ଏକ ବିସ୍ତୃତ ରିପୋର୍ଟ ବରିଷ୍ଠ କର୍ତ୍ତୃପକ୍ଷଙ୍କୁ ପଠାଯାଇଛି। ନେଟୱର୍କର ସୀମାପାର ଲିଙ୍କ୍ ସମ୍ପର୍କ ଜାଣିବା ଓ ଗୁପ୍ତଚର ରାକେଟର ପାଣ୍ଠିର ଉତ୍ସ ଖୋଜିବା ପାଇଁ ଅଧିକ ତଦନ୍ତ ଚାଲିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଚଢଉ ଜାରି ରହିଛି।

## ଟ୍ୟାଙ୍କର ସହ ବସ ମୁହାଁମୁହିଁ ଧକ୍କା ; ୨ ମୃତ

ମୁମ୍ବାଇ : ଉତ୍ତର ପ୍ରଦେଶର ଲକ୍ଷ୍ନୌ ଏକ୍ସପ୍ରେସୱେରେ ଭୟଙ୍କର ସଡ଼କ ଦୁର୍ଘଟଣା। ଗୁରୁବାର ରାତି ପ୍ରାୟ ୨ଟା ସମୟରେ ଏହି ଦୁର୍ଘଟଣା ଘଟିଛି। କାନପୁରରୁ ଗୁରୁଗ୍ରାମ ଯାଉଥିବା ଏକ ଯାତ୍ରୀବାହୀ ବସ୍ ମାଟସେନା ଥାନା ଅଞ୍ଚଳର ମାଇଲଷ୍ଟୋନ୍ ୪୬ରେ ଆଗକୁ ଥିବା ଏକ କଣ୍ଟେନର ସହିତ ଧକ୍କା ହୋଇଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ ବସ୍ ଟି ଓଲଟି ପଡ଼ିଲା ଏବଂ ସଙ୍ଗେ ସଙ୍ଗେ ନିଆଁ ଲାଗି ଯାଇଥିଲା। ନିଆଁ ଲାଗିବା ଏବଂ ଯାତ୍ରୀଙ୍କ ଚିତ୍କାର ଶୁଣି ନିକଟବର୍ତ୍ତୀ ଅଞ୍ଚଳର ଲୋକମାନେ ଘଟଣାସ୍ଥଳକୁ ଧାଇଁ ଆସିଥିଲେ। ପୋଲିସ ଏବଂ ଅଗ୍ନିଶମ ବାହିନୀ ଦଳ ତୁରନ୍ତ ପହଞ୍ଚିଥିଲେ। ବହୁ ଚେଷ୍ଟା ପରେ ପାଞ୍ଚଟି ଅଗ୍ନିଶମ ବାହିନୀ ଗାଡ଼ି ନିଆଁକୁ ଆୟତ୍ତ କରିଥିଲା। ଦୁର୍ଘଟଣାରେ ଅଠରରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି। ସିଟି ମାଜିଷ୍ଟ୍ରେଟ୍ ନିଶ୍ଚିତ କରିଛନ୍ତି ଯେ ମୃତକଙ୍କ ମଧ୍ୟରେ ବସ୍ ଡ୍ରାଇଭର ଏବଂ କଣ୍ଡକ୍ଟର ଅନ୍ତର୍ଭୁକ୍ତ। ପାଞ୍ଚ ଜଣ ଆହତ ଯାତ୍ରୀଙ୍କୁ ଆମ୍ବୁଲାନ୍ସ ଯୋଗେ ଫିରୋଜାବାଦ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିଲା, ଯେତେବେଳେ ପନ୍ଦର ଜଣଙ୍କୁ ସୈଫାଇ ମେଡିକାଲ କଲେଜକୁ ପଠାଯାଇଥିଲା। ଘଟଣା ପରେ ସ୍ଥାନୀୟ ବାସିନ୍ଦା ଏବଂ ପଥଚାରୀମାନେ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଥିଲେ।

## ଆତଙ୍କବାଦୀ ହାମଜା ବୁରହାନଙ୍କୁ ଗୁଳିମାଡ଼, ଭୟରେ ଲସ୍କର କମାଣ୍ଡର ମୁଜାମିଲ ହାସମୀ

ପାକିସ୍ତାନ : ପାକିସ୍ତାନ ଅଧିକୃତ କାଶ୍ମୀର (ପକ୍କ) ର ମୁଜାଫରାବାଦରେ ଆତଙ୍କବାଦୀ ଡାକ୍ତର ହାମଜା ବୁରହାନଙ୍କ ଉପରେ ହୋଇଥିବା ପ୍ରାଣାନ୍ତକ ଆକ୍ରମଣ ପରେ ପାକିସ୍ତାନ ହାଇଆଲର୍ଟରେ ରହିଛି। ଏହି ଘଟଣାର ମାତ୍ର କିଛି ଘଣ୍ଟା ପରେ, ଆମେରିକା ଦ୍ୱାରା ଆନ୍ତର୍ଜାତୀୟ ଆତଙ୍କବାଦୀ ଘୋଷିତ ତଥା ଲସ୍କର-ଏ-ତୋଇବା (ଖରଞ୍ଜ) ର ସର୍ବୋଚ୍ଚ କମାଣ୍ଡର ମୁଜାମିଲ ହାସମୀକୁ ପାକିସ୍ତାନର ଗୁଜରାନୱାଲାସ୍ଥିତ ମର୍କଜ ଆକସା ଭିତରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଏକ ବୈଠକକୁ ସମ୍ବୋଧିତ କରୁଥିବା ଦେଖାଯାଇଛି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଜୁଆଲ୍ରେ ହାସମୀ ପଛରେ ଅତ୍ୟାଧୁନିକ ରାଇଫଲ୍ ଧରିଥିବା ଜଣେ ସଶସ୍ତ୍ର ସୁରକ୍ଷାକର୍ମୀ ଛିଡ଼ା ହୋଇଥିବା ନଜର ଆସିଛନ୍ତି। ହାମଜା ବୁରହାନଙ୍କ ଉପରେ ହୋଇଥିବା ଗୁଳିକାଣ୍ଡ ପରେ ସମସ୍ତ ଶୀର୍ଷ ଲସ୍କର କମାଣ୍ଡରମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ଅତି କଡ଼ାକଡ଼ି କରାଯାଇଛି। କାଶ୍ମୀରରେ ଅନେକ ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଡାକ୍ତର ହାମଜା ବୁରହାନଙ୍କୁ ଗୁରୁବାର ଅପରାହ୍ଣରେ ମୁଜାଫରାବାଦର ଗୋଜ୍ରା ବାଇପାସ୍ ଅଞ୍ଚଳରେ ଗୁଳିମାଡ଼ କରାଯାଇଥିଲା। ସ୍ଥାନୀୟ ପୋଲିସ ପ୍ରଥମେ ତାଙ୍କୁ ମୃତ ଘୋଷଣା କରିଥିଲେ ମଧ୍ୟ ପରେ ମିଳିଥିବା ଗୋଇନ୍ଦା ସୂଚନା ଅନୁଯାୟୀ, ସେ ଜୀବିତ ଅଛନ୍ତି ଏବଂ ତାଙ୍କୁ ଗୁରୁତର ଅବସ୍ଥାରେ ମୁଜାଫରାବାଦର କମ୍ବାଇନଡ଼ ମିଲିଟାରୀ ହସ୍ପିଟାଲ୍ (ଉଗଐ) କୁ ସ୍ଥାନାନ୍ତର କରାଯାଇଛି। ବୁରହାନଙ୍କ ମୁଣ୍ଡରେ ଦୁଇଟି ଗୁଳି ବାଜିଥିବା ବେଳେ ଶରୀରରେ ଏକାଧିକ ସ୍ଥାନରେ ଆଘାତ ଲାଗିଛି, ଯେଉଁଥିପାଇଁ କଡ଼ା ସୁରକ୍ଷା ମଧ୍ୟରେ ତାଙ୍କର ଜରୁରୀକାଳୀନ ଅସ୍ତ୍ରୋପଚାର କରାଯାଇଛି। ମାତ୍ର ୨୭ ବର୍ଷ ବୟସ୍କ ହାମଜା ବୁରହାନ ବୈଧ ଦସ୍ତାବିଜ୍ ସହ ପାକିସ୍ତାନ ଯାତ୍ରା କରିଥିଲେ ଏବଂ ପରେ ସେଠାରେ ଆଲ୍-ବଦ୍ର ଆତଙ୍କବାଦୀ ସଂଗଠନରେ ସାମିଲ ହୋଇଥିଲେ। ସେ କାଶ୍ମୀରରେ ନିହତ ହୋଇଥିବା ଅନେକ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ଯେପରିକି ଆବୁ ଦୁଜାନା, ଆବୁ କାସିମ, ବୁରହାନ ୱାନି ଏବଂ ଜାକିର ମୁସାର ଅତି ନିକଟତର ଥିବା ଜଣାପଡ଼ିଛି। ବର୍ତ୍ତମାନ ଏହି ଆକ୍ରମଣ ପରେ ପାକିସ୍ତାନରେ ଆଶ୍ରୟ ନେଇଥିବା ଅନ୍ୟ ଆତଙ୍କବାଦୀ ନେତାମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

## ଇରାନ ସହ ଯୁଦ୍ଧବିରତି ସଙ୍କଟ: ଟ୍ରମ୍ପ-ନେତାନ୍ୟାହୁଙ୍କ ମଧ୍ୟରେ ମତଭେଦ ତୀବ୍ର

ତେଲ୍ ଅଭିଭ୍: ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଉତ୍ତେଜନା ମଧ୍ୟରେ ଆମେରିକା ଓ ଇସ୍ରାଏଲର ସମ୍ପର୍କରେ ସଙ୍କଟ ଦେଖାଦେଇଛି। ଇରାନ ସହିତ ଯୁଦ୍ଧବିରତି ପ୍ରସଙ୍ଗ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ମଧ୍ୟରେ ଥିବା ମତଭେଦ ଏବେ ସାମନାକୁ ଆସିଛି। ଟ୍ରମ୍ପ ଏହି ସଙ୍କଟର ସମାଧାନ ପାଇଁ କୂଟନୀତି ଏବଂ ଆଲୋଚନାକୁ ଆଉ ଏକ ସୁଯୋଗ ଦେବାକୁ ଚାହୁଁଥିବା ବେଳେ ନେତାନ୍ୟାହୁ ଇରାନ ଉପରେ ନିରନ୍ତର ଆକ୍ରମଣ ଜାରି ରଖିବା ପାଇଁ ଜିଦ୍ ଧରିଛନ୍ତି। ଦୁଇ ବନ୍ଧୁ ଦେଶର ଶୀର୍ଷ ନେତାଙ୍କ ମଧ୍ୟରେ ଥିବା ଏହି ରଣନୀତିକ ପାର୍ଥକ୍ୟ ଜଟିଳ ସ୍ଥିତି ସୃଷ୍ଟି କରିଛି। ଆମେରିକା ପ୍ରଶାସନ ପକ୍ଷରୁ ପ୍ରଥମେ ଇରାନର ସାମରିକ ପ୍ରତିଷ୍ଠାନଗୁଡ଼ିକ ଉପରେ ସୀମିତ ଏବଂ ଲକ୍ଷ୍ୟଭିତ୍ତିକ ଆକ୍ରମଣ ପାଇଁ 'ଅପରେସନ ସ୍ଲେଜ୍ ?ହାମର' ନାମକ ଏକ ଗୁପ୍ତ



ଯୋଜନା ପ୍ରସ୍ତୁତ କରାଯାଇଥିଲା। କିନ୍ତୁ କତର, ସାଉଦି ଆରବ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଭଳି ଉପସାଗରୀୟ ମିତ୍ରଦେଶଗୁଡ଼ିକର ବିଶେଷ ଅନୁରୋଧ ଓ କୂଟନୈତିକ ଚାପ ଯୋଗୁଁ ରାଷ୍ଟ୍ରପତି ଟ୍ରମ୍ପ ଶେଷ ମୁହୂର୍ତ୍ତରେ ଏହି ଆକ୍ରମଣକୁ ସ୍ଥଗିତ ରଖିଥିଲେ। ଟ୍ରମ୍ପଙ୍କ ଏହି ନିଷ୍ପତ୍ତିକୁ ଇସ୍ରାଏଲ ସହଜରେ ଗ୍ରହଣ କରିପାରି ନାହିଁ, ଯାହାଫଳରେ ଉଭୟ ରାଷ୍ଟ୍ର ମଧ୍ୟରେ ବିବାଦ ବଢ଼ିଛି। ଟ୍ରମ୍ପ ଓ ନେତାନ୍ୟାହୁଙ୍କ ମଧ୍ୟରେ ଏହି ପ୍ରସଙ୍ଗରେ ଫୋନ୍ ବାର୍ତ୍ତାଳାପରେ ମଧ୍ୟ ତିକ୍ତତା ପ୍ରକାଶ ପାଇଥିଲା ବୋଲି ଇସ୍ରାଏଲ ଗଣମାଧ୍ୟମ ସୂତ୍ରରୁ ଜଣାପଡ଼ିଛି। ଇତିମଧ୍ୟରେ ଘରୋଇ ରାଜନୀତିରେ ମଧ୍ୟ ଟ୍ରମ୍ପଙ୍କୁ ଝଟ୍କା ଲାଗିଛି। ଆମେରିକା ସିନେଟ୍ରେ ଟ୍ରମ୍ପଙ୍କ ଯୁଦ୍ଧ କ୍ଷମତାକୁ ସୀମିତ କରିବା ପାଇଁ ଏକ ପ୍ରସ୍ତାବ ୫୦-୪୭ ଭୋଟ୍ରେ ଗୃହୀତ ହେବାପରେ ଏହାକୁ ନେଇ ରାଜନୀତି ସରଗରମ ରହିଛି। ଟ୍ରମ୍ପଙ୍କ ନିଜ ରିପବ୍ଲିକାନ ଦଳର ୪ ଜଣ ସିନେଟର ତାଙ୍କ ବିରୋଧରେ ଭୋଟ୍ ଦେଇଛନ୍ତି, ଯାହା ତାଙ୍କ ପ୍ରଶାସନର ରଣନୀତିକୁ ଦୁର୍ବଳ କରିଦେଇଛି। ଅସ୍ତ୍ରବିରତିକୁ ନେଇ ଅନିଶ୍ଚିତତା ଭିତରେ ବିଶ୍ୱ ବାଣିଜ୍ୟରେ ସଙ୍କଟ ବଢୁଛି। ଇରାନ ସେନା କହିଛି ଯେ ସେମାନଙ୍କ ଅନୁମତି ପରେ ହିଁ ହର୍ମୁଜ ପ୍ରଣାଳୀ ଦେଇ ୨୬ଟି ଜାହାଜ ଚଳାଚଳ କରିଛି। ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ (ଏଫ୍ଏଓ) ଚେତାବନୀ ଦେଇଛି ଯେ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ବାଧାପ୍ରାପ୍ତ ହେଲେ ବିଶ୍ୱରେ ଏକ ବଡ଼ ଧରଣର ଖାଦ୍ୟ ସଙ୍କଟ ସୃଷ୍ଟି ହୋଇପାରେ। ଏହି ବିପଦକୁ ଦୃଷ୍ଟିରେ ରଖି ୟୁଏଇ ହର୍ମୁଜ ଉପରେ ନିର୍ଭରଶୀଳତା କମାଇବା ପାଇଁ ଏକ ବାଇପାସ୍ ପାଇପଲାଇନ ନିର୍ମାଣ କରୁଛି। ଆମେରିକା ଗୁପ୍ତଚର ବିଭାଗର ରିପୋର୍ଟ ଅନୁଯାୟୀ, ରୁଷ୍ ଏବଂ ଚୀନ୍ର ପରୋକ୍ଷ ସହଯୋଗରେ ଇରାନ ଏବେ ଦ୍ରୁତ ଗତିରେ ନିଜର ସାମରିକ ଶକ୍ତି ବୃଦ୍ଧି କରୁଛି ଏବଂ ଡ୍ରୋନ ଉତ୍ପାଦନ ପୁନର୍ବାର ଆରମ୍ଭ କରିଛି।

# ଆଇପିଏଲ୍ ୨୦୨୬ : ଗୋଟିଏ ସ୍ଥାନ ପାଇଁ ୪ ଟିମ୍ ଦାବିଦାର

ନୂଆଦିଲ୍ଲୀ, ୨୨।୫: ଚେନ୍ନାଇ ସୁପର କିଙ୍ଗ୍ସ ଆନୁଷ୍ଠାନିକ ଭାବରେ ଆଇପିଏଲ୍ ୨୦୨୬ରୁ ବାହାର ହୋଇଯାଇଛି । ଗୁରୁବାର ମ୍ୟାଚ୍‌ରେ ଗୁଜୁରାଟ ଟାଇଟାନ୍ସ ଠାରୁ ଚେନ୍ନାଇ ୮୯ ରନରେ ପରାସ୍ତ ହୋଇଛି । ଗୁଜରାଟ ପୂର୍ବରୁ ପ୍ଲେଅଫ୍ ପାଇଁ ଯୋଗ୍ୟତା ହାସଲ କରିସାରିଛି ଏବଂ ଏବେ ଶୁଭମନ ଗିଲ୍ ଏବଂ ତାଙ୍କ ଦଳ ଶୀର୍ଷ ଦୁଇଟି ପାଇଁ ଏକ ଦୃଢ଼ ଦାବିଦାର ଅଛନ୍ତି । ଗୁଜୁରାଟ ସହିତ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟ ଯୋଗ୍ୟତା ହାସଲ କରିଛନ୍ତି । ବର୍ତ୍ତମାନ ଚାରିଟି ଦଳ ଚତୁର୍ଥ ସ୍ଥାନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

ଆଇପିଏଲ୍ ୨୦୨୬ରେ ଚାରୋଟି ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ବାକି ଥିବାରୁ ପ୍ଲେଅଫ୍ ପାଇଁ ତିନୋଟି ଦଳ ନିଶ୍ଚିତ ହୋଇଛି ଏବଂ ଚତୁର୍ଥ ସ୍ଥାନ ପାଇଁ ରାଜସ୍ଥାନ ରୟାଲ୍ସ, ପଞ୍ଜାବ କିଙ୍ଗ୍ସ, କୋଲକାତା ନାଇଟ୍ ରାଇଡର୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସର ଆଶା ଉଜ୍ଜୀବିତ ରହିଛି । ପ୍ରତ୍ୟେକ ଦଳ ପାଇଁ ପ୍ଲେଅଫ୍ ସମୀକରଣ କିପରି ଦେଖାଯାଉଛି ତାହା ଜାଣନ୍ତୁ ।

**ରାଜସ୍ଥାନ ରୟାଲ୍ସ**

ପ୍ଲେଅଫ୍ ଦୌଡ଼ରେ ଥିବା ଚାରୋଟି ଦଳ ମଧ୍ୟରୁ କେବଳ ରାଜସ୍ଥାନ ରୟାଲ୍ସ ଭାଗ୍ୟ ନିଜ ହାତରେ ଅଛି । ଲିଗ୍ ପର୍ଯ୍ୟାୟରେ ନିଜର ଶେଷ ମ୍ୟାଚ୍ ଜିତି ରାଜସ୍ଥାନ ସିଧାସଳଖ ପ୍ଲେଅଫ୍‌କୁ ଉଠିବାର ସୁଯୋଗ ଅଛି । ରାଜସ୍ଥାନର ଶେଷ ମ୍ୟାଚ୍ ରବିବାର ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଅଛି । ଯଦି ରାଜସ୍ଥାନ ହାରିଯାଏ, ତେବେ ସେମାନଙ୍କୁ କୋଲକାତାକୁ ପରାସ୍ତ କରିବାକୁ ଦିଲ୍ଲୀ ଏବଂ ପଞ୍ଜାବ କିଙ୍ଗସକୁ ମଧ ସେମାନଙ୍କର ଶେଷ ମ୍ୟାଚ୍ ହାରିବାକୁ ପଡ଼ିବ । ଏହା ଦ୍ୱାରା ଦିଲ୍ଲୀ ଏବଂ ରାଜସ୍ଥାନ ପ୍ରତ୍ୟେକଙ୍କ ପାଇଁ ୧୪ ପଏଣ୍ଟ ରହିବ । କାରଣ ରାଜସ୍ଥାନର ବର୍ତ୍ତମାନ ଭଲ ନେଟ୍ ରନ୍ ରେଟ୍ ଅଛି ।



**ପଞ୍ଜାବ କିଙ୍ଗସ**

ପଞ୍ଜାବ ଚାହିଁବ ଯେ, ରାଜସ୍ଥାନ ରୟାଲ୍ସ ନିଜର ଶେଷ ମ୍ୟାଚରେ ପରାଜିତ ହେଉ । କୋଲକାତା ନାଇଟ୍ ରାଇଡର୍ସକୁ ଦିଲ୍ଲୀ କ୍ୟାପିଟାଲ୍ସ ପରାସ୍ତ କଲେ ପଞ୍ଜାବ ପାଇଁ ସୁବିଧା ହେବ । ଏହା ଫଳରେ ପଞ୍ଜାବ ୧୫ ପଏଣ୍ଟ ପାଇବ ଏବଂ ଅନ୍ୟ ଦଳଗୁଡ଼ିକ କମ୍ ପଏଣ୍ଟ ପାଇବ । ଯଦି କୋଲକାତା ମଧ୍ୟ ଜିତିଯାଏ, ତେବେ ଉଭୟଙ୍କ ପ୍ରତ୍ୟେକଙ୍କ ପାଇଁ ୧୫ ପଏଣ୍ଟ ରହିବ ଏବଂ ନେଟ୍ ରନ୍ ରେଟ୍ କିଏ ଆଗକୁ ବଢ଼ିବ ତାହା ନିର୍ଣ୍ଣୟ କରିବ ।

**କୋଲକାତା ନାଇଟ୍ ରାଇଡର୍ସ**

କୋଲକାତା ଚାହୁଁଛି ରାଜସ୍ଥାନ ରୟାଲ୍ସ ଏବଂ ପଞ୍ଜାବ କିଙ୍ଗସକୁ ସେମାନଙ୍କର ଶେଷ ମ୍ୟାଚ୍ ହାରି ଯାଆନ୍ତୁ । ଦିଲ୍ଲୀ କ୍ୟାପିଟାଲ୍ସକୁ କୋଲକାତା ପରାସ୍ତ କରୁ । ଏହା କୋଲକାତାକୁ ପ୍ଲେଅଫ୍‌କୁ ଯିବାକୁ ନିଶ୍ଚିତ କରିବ । ଯଦି ପଞ୍ଜାବ କିଙ୍ଗସ ମଧ୍ୟ ଜିତିଯାଏ, ତେବେ ନେଟ୍ ରନ୍ ରେଟ୍ କିଏ ଆଗକୁ ବଢ଼ିବ ତାହା ନିର୍ଣ୍ଣୟ କରିବ ।

**ଦିଲ୍ଲୀ କ୍ୟାପିଟାଲ୍ସ**

ଦିଲ୍ଲୀର ଶେଷ ଲିଗ୍ ମ୍ୟାଚ୍ କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷରେ ଅଛି । ଦିଲ୍ଲୀର ଆଶା ଯେ, କୋଲକାତାକୁ ପରାସ୍ତ କରିବା । ପଞ୍ଜାବ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟ ସେମାନଙ୍କର ଶେଷ ମ୍ୟାଚ୍ ହାରିଗଲେ ଦିଲ୍ଲୀ ପାଇଁ ସୁଯୋଗ ସୃଷ୍ଟି କରିବ ।

### ନାବାଳିକା ତୀରନ୍ଦାଜଙ୍କୁ ଯୌନ ଉତ୍ପୀଡନ

# ପୋକ୍‌ସୋ ଆକ୍ଟରେ କୋଚ୍ କୁଲଦୀପଙ୍କୁ ୫ବର୍ଷ ଜେଲ

ନୂଆଦିଲ୍ଲୀ, ୨୨/୦୫; ନାବାଳିକା ତୀରନ୍ଦାଜଙ୍କୁ ଯୌନ ନିର୍ଯାତନା ଦେବା ମାମଲାରେ ଜାତୀୟସ୍ତରୀୟ କୋଚ୍? କୁଲଦୀପ ବେଦୱାନଙ୍କୁ ୫ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି । ସୋନିପତର ଏକ ଫାଷ୍ଟ ଟ୍ରାକ୍? ସ୍ପ?ଶିଆଲ୍? କୋର୍ଟ ଗୁରୁବାର ମାମଲାର ଶୁଣାଣି କରି ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ଅଭିଯୁକ୍ତ କୁଲଦୀପଙ୍କ ବିରୋଧରେ ପୋକ୍‌ସୋ ଆକ୍ଟ (ଯୌନ ଅପରାଧରୁ ଶିଶୁ ସୁରକ୍ଷା ଆଇନ୍?) ଲାଗିଥିଲା । ଏହାବ୍ୟତୀତ ତାଙ୍କୁ ୧୫,୦୦୦ ଟଙ୍କା ଜରିମାନା କରାଯାଇଥିବାବେଳେ ଧାରା ୧୨ ଅନୁଯାୟୀ ଅତିରିକ୍ତ ୩ ବର୍ଷ ଜେଲଦଣ୍ଡ ଦେଇଛନ୍ତି । ଉଭୟ ଦଣ୍ଡାଦେଶ ଏକକାଳୀନ ଚାଲିବ । ୨୦୨୩ ଏପ୍ରିଲ୍ ମାସ ସୋନିପତ ଠାରେ ଆୟୋଜିତ ୟୁଥ୍ ଚାମ୍ପିଅନସିପ୍ ଟ୍ରାଏଲ୍ ସମୟରେ କୋଚ୍ କୁଲଦୀପ ଜଣେ ନାବାଳିକାଙ୍କୁ ଯୌନ ନିର୍ଯାତନା କରିଥିବା ଘଟଣା ସାମ୍ନାକୁ ଆସିଥିଲା । ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ଏପ୍ରିଲ ୭ ତାରିଖରେ ଏକ ହୋଟେଲ ରୁମ୍‌ରେ ଜମ୍ମୁ-କାଶ୍ମୀରରୁ ଆସି ଶ୍ରୀ ମାତା ବୈଷ୍ଣ ଦେବୀ ଶିରିନ ବୋର୍ଡରେ ପ୍ରଶିକ୍ଷଣ ନେଉଥିବା ପୀଡିତାଙ୍କୁ ଯୌନ ନିର୍ଯାତନା ଦେଇଥିଲେ । ପରଦିନ ସେ ଏନେଇ ନିଜ ପରିବାର ସଦସ୍ୟଙ୍କୁ ଜଣାଇଥିଲେ । ପରିବାର ସଦସ୍ୟମାନେ ପ୍ରଥମେ ବୋର୍ଡକୁ ଅଭିଯୋଗ କରିବା ସହ ସୋନିପତ ଥାନାରେ ମାମଲା ରୁଜୁ କରିଥିଲେ ।

# ବ୍ରାଜିଲ୍ ତାରକା ନେମାର୍ ଆହତ



ରିଓ ଡି' ଜେନିରୋ, ୨୨।୫: ଆଗକୁ ଫୁଟ୍‌ବଲ୍ ବିଶ୍ୱକପ୍ ଥିବାବେଳେ ବ୍ରାଜିଲ୍ ତାରକା ନେମାର୍ ଆହତ ହୋଇଛନ୍ତି । ବ୍ରାଜିଲର ଏକ ସ୍ଥାନୀୟ କ୍ଲବ ସାଣ୍ଟୋସ୍ ପକ୍ଷରୁ ଖେଳୁଥିବା ବେଳେ ସେ ଡାହାଣ ଗୋଡ଼ ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରିଥିଲେ । ବ୍ରାଜିଲ୍ ଦଳ ଆସନ୍ତା ସପ୍ତାହରୁ ନିଜର ସ୍ୱତନ୍ତ୍ର ବିଶ୍ୱକପ୍ ପ୍ରଶିକ୍ଷଣ ଶିବିରରେ ଯୋଗ ଦେବାକୁ ଯାଉଥିବାବେଳେ ନେମାର୍ ଆହତ ହେବା ଦଳ ପାଇଁ ଚିନ୍ତାର କାରଣ ସାଜିଛି । ପାଞ୍ଚଥର ବିଜେତା ବ୍ରାଜିଲ୍ ଜୁନ ୧୪ରେ ନିଜର ପ୍ରଥମ ମ୍ୟାଚ୍ ମରୋକ୍‌କୋ ବିପକ୍ଷରେ ଖେଳିବ ।

ତା ପୂର୍ବରୁ ଜୁନ୍ ୧ରେ ପାନାମା ବିପକ୍ଷରେ ଓ ଜୁନ୍ ୬ରେ ଇଜିପ୍ଟ ବିପକ୍ଷରେ ଅଭ୍ୟାସ ମ୍ୟାଚ୍ ଖେଳିବ । ମରକ୍‌କୋ ବିପକ୍ଷ ମ୍ୟାଚ୍ ପରେ ଜୁନ୍ ୨୦ରେ ହାଇତି ଓ ଜୁନ ୨୫ରେ ସ୍କଟ୍‌ଲାଣ୍ଡ ବିପକ୍ଷରେ ଗ୍ରୁପ୍ ମ୍ୟାଚ୍ ଖେଳିବ ବ୍ରାଜିଲ୍ । ନିକଟରେ ଘୋଷିତ ବ୍ରାଜିଲ୍ ଦଳରେ ନେମାର୍‌ଙ୍କୁ ସାମିଲ କରାଯାଇଥିଲା । ପ୍ରାୟ ତିନି ବର୍ଷ ପରେ ସେ ବ୍ରାଜିଲ ଜାତୀୟ ଦଳକୁ ଫେରିଛନ୍ତି । ଜାତୀୟ ଦଳକୁ ତାଙ୍କର ପ୍ରତ୍ୟାବର୍ତ୍ତନ ଖବର ମିଳିବା ପରେ ସେ ଭାବପ୍ରବଣ ହୋଇଯାଇଥିଲେ । କିନ୍ତୁ ପୁଣି ଆହତ ହେବା ତାଙ୍କ ଉତ୍ସାହରେ ଭଟ୍ଟା ପକାଇଛି ।

# ସିଏସ୍‌କେର ସ୍ୱପ୍ନ ଧୂଳିସାତ୍

ଅହମଦାବାଦ: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ରେ ନିଜର ଶେଷ ଲିଗ୍ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସର ଖେଳାଳିମାନେ ବଡ ଉଦ୍ୟମ କରିଛନ୍ତି । ଶୁଭମନ ଗିଲଙ୍କ ଟିମ୍ ଉଭୟ ବ୍ୟାଟିଂ ଏବଂ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଛନ୍ତି । ଚେନ୍ନାଇକୁ ଗୁଜରାଟ ୮୯ ରନ୍‌ରେ ପରାସ୍ତ କରିଛି । ଗୁଜରାଟ ପାଇଁ ମହମ୍ମଦ ସିରାଜ, ରସିଦ ଖାନ ଏବଂ କାଗିସୋ ରାବଡା ୩-୩-୩ ୱିକେଟ୍ ନେଇଛନ୍ତି । ଏହି ପରାଜୟ ସହିତ ଚେନ୍ନାଇର ପ୍ଲେଅଫ୍ ଖେଳିବାର ସ୍ୱପ୍ନ ଧୂଳିସାତ୍ ହୋଇଛି ।





୨୩୦ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଚେନ୍ନାଇ ବ୍ୟାଟିଂ କରିଥିଲା । ଋତୁରାଜ ଗାଏକ୍ୱାର୍ଡଙ୍କ ନେତୃତ୍ୱରେ ଚେନ୍ନାଇ ୧୩.୪ ଓଭରରେ ସମସ୍ତ ୱିକେଟ ହରାଇ ୧୪୦ ରନ୍ କରିଥିଲା । ଚେନ୍ନାଇର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଦେଖାଯାଇଥିଲା । ଦଳର ସ୍କାର ୫୧ ରନ୍ ବେଳକୁ ୫.୧ ଓଭରରେ ୪ଜଣ ଖେଳାଳି ଆଉଟ୍ ହୋଇସାରିଥିଲେ । ଏଥିରେ ସଞ୍ଜୁ ସାମସନ (ଶୂନ୍ୟ ରନ୍), ଋତୁରାଜ ଗାଏକ୍ୱାର୍ଡ (୧୬ ରନ୍), ଉର୍ଭିଲ ପଟେଲ (ଶୂନ୍ୟ ରନ୍) ଏବଂ ମ୍ୟାଥ୍ୟୁ ସର୍ଟ (୨୪ ରନ୍) ସାମିଲ ଅଛନ୍ତି । ସେହିପରି କାର୍ତ୍ତିକ ଶର୍ମା ମଧ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ପାରି ନଥିଲେ । ସେ ୧୫ଟି ବଲ୍ ଖେଳି ୧୯ ରନ୍ ସଂଗ୍ରହ କରିଥିଲେ ।

ଏକଦା ଚେନ୍ନାଇ ପାଇଁ ଆଶା ସଞ୍ଚାର ଦେଖାଇଥିବା ଶିଭମ ଦୁବେ ବିସ୍ଫାରକ ବ୍ୟାଟିଂ କରିଥିଲେ । ସେ ୧୭ଟି ବଲ୍ ଖେଳି ୪ଟି ଚୌକା ଏବଂ ୪ଟି ଛକା ମାରିଥିଲେ । ଶିଭମ ଦୁବେ ଆଉଟ୍ ହେଲା ପରେ ଚେନ୍ନାଇର ମ୍ୟାଚ୍ ବିଜୟ ଆଶା ମଉଳି ଯାଇଥିଲା ।

ଅହମଦାବାଦସ୍ଥିତ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଗୁଜରାଟ ଆଗଧାଡିର ୩ଜଣ ବ୍ୟାଟର (ସାଇ ସୁଦର୍ଶନ, ଶୁଭବନ ଗିଲ ଏବଂ ଜୋସ୍ ବଟଲର) ବିସ୍ଫାରକ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ । ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୪ଟି ୱିକେଟ ହରାଇ ୨୩୦ ରନ୍ ସଂଗ୍ରହ କରିଥିଲା ।

ଆଇପିଏଲ୍‌ର ଉନ୍ନବିଂଶ ସଂସ୍କରଣର ୬୬ତମ ମ୍ୟାଚ୍‌ରେ ଚେନ୍ନାଇ ସୁପରି କିଙ୍ଗ୍ସ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା । ଘରୋଇ ଦଳକୁ ଚେନ୍ନାଇ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଗୁଜରାଟ ପାଇଁ ସାଇ ସୁଦର୍ଶନ ଏବଂ ଅଧିନାୟକ ଶୁଭମନ ଗିଲ୍ ବ୍ୟାଟିଂ ଆରମ୍ଭ କରିଥିଲେ । ଉଭୟ ଖେଳାଳି ପ୍ରଥମ ୱିକେଟ୍ ପାଇଁ ଶତକୀୟ ଭାଗିଦାରୀ କରିଥିଲେ । ୧୨.୨ ଓଭରରେ ୧୨୫ ରନ୍ ସଂଗ୍ରହ କରିଥିଲେ । ଏହି ସ୍କୋରରେ ଗିଲ୍‌ଙ୍କ ଯୋଗଦାନ ୬୪ ରନ୍ ଥିଲା । ସ୍ୱନସର ଜନସନଙ୍କ ବଲ୍ ଶିଭମ ଦୁବେଙ୍କୁ କ୍ୟାଚ୍ ଦେଇ ଆଉଟ୍ ହେବା ପୂର୍ବରୁ ସେ ୩୭ଟି ବଲ୍ ଖେଳି ୭ଟି ଚୌକା ଏବଂ ୩ଟି ଛକା ମାରିଥିଲେ ।

ଚେନ୍ନାଇର ଦ୍ୱିତୀୟ ଶିକାର ହୋଇଥିଲେ ସାଇ ସୁଦର୍ଶନ । ସେ ଅଂଶୁଲ କମ୍ବୋଜଙ୍କ ବଲ୍ ମ୍ୟାଥ୍ୟୁ ସର୍ଟଙ୍କୁ କ୍ୟାଚ୍ ଦେଇ ଆଉଟ୍ ହେବା ପୂର୍ବରୁ ୮୪ ରନ୍ ସଂଗ୍ରହ କରିଥିଲେ । ସେ ୫୩ଟି ବଲ୍ ଖେଳି ୭ଟି ଚୌକା ଏବଂ ୪ଟି ଛକା ମାରିଥିଲେ । ରାହୁଲ ତେୱାଟିଆ ଗୋଟିଏ ବଲ୍‌ର ସାମ୍ନା କରିଥିଲେ ଏବଂ ରନ୍ ଆଉଟ୍ ହୋଇ ପାଭିଲିଅନକୁ ଫେରିଥିଲେ । ୱାସିଂଟନ ସୁନ୍ଦର ୩ଟି ବଲ୍ ଖେଳି ଗୋଟିଏ ଛକା ସହାୟତାରେ ୭ ରନ୍ କରିଥିଲେ । ଜୋସ ବଟଲର ୨୭ଟି ବଲ୍ ଖେଳି ୫ଟି ଚୌକା ଏବଂ ୪ଟି ଛକା ବଳରେ ୫୭ ରନ୍ ଯୋଗଦାନ କରିଥିଲେ ।

# କେତନଙ୍କୁ ମିଳିଲା ଗୁରୁଦାୟୀତ୍ୱ

ଭୋପାଳ, ୨୨।୫: ଆସନ୍ତା ମେ ୨୯ରୁ ଜୁନ୍ ୬ ପର୍ଯ୍ୟନ୍ତ ଜାପାନର କାକାମିଗାହାରାଠାରେ ହେବାକୁଥିବା ୧୮ ବର୍ଷରୁ କମ୍ ଏସିଆ କପ୍ ହକି ପ୍ରତିଯୋଗିତା ପାଇଁ ଫରୱାର୍ଡ କେତନ କୁଶୱାହାଙ୍କୁ ଭାରତୀୟ ଦଳର ଅଧିନାୟକ ମନୋନୀତ କରାଯାଇଛି ।

ଦଳ ମନୋନୟନ ପୂର୍ବରୁ ସର୍ଦ୍ଦାର ସିଂ ଓ ରଜନିଶ ମିଶ୍ରାଙ୍କ ନେତୃତ୍ୱରେ କୋଚିଂ ଷ୍ଟାଫ ଦଳର ତତ୍ତ୍ୱାବଧାନରେ ସମ୍ଭାବ୍ୟ ଖେଳାଳିମାନଙ୍କୁ ନେଇ ଏକ କୋଚିଂ କ୍ୟାମ୍ପ ସାଇ ଭୋପାଳ ପରିସରରେ ଥିବା ଉଦ୍ଧବ ଦାସ ମେହେଟା (ଭାଇ ଜୀ) ସେଣ୍ଟ୍ରାଲ ସେଣ୍ଟରଠାରେ ଏକ ଜାତୀୟ କୋଚିଂ ଶିବିରର ଆୟୋଜନ କରାଯାଇଥିଲା ।



ଦଳ ପ୍ରସ୍ତୁତି ପାଇଁ ଭୋପାଳଠାରେ ଅଷ୍ଟ୍ରେଲିଆର ୧୮ ବର୍ଷରୁ କମ୍ ଦଳ ବିପକ୍ଷରେ ଏକ ୪ ମ୍ୟାଚ ବିଶିଷ୍ଟ ଏକ ହାଇ ପ୍ରୋଫାଇଲ ସିରିଜ ଇତିମଧ୍ୟରେ ଖେଳାଯାଇ ସାରିଛି । ଏଥିରେ ଭାରତୀୟ ଦଳ ଗୋଟିଏ ମ୍ୟାଚ ଜିତିଥିବା ବେଳେ ଗୋଟିଏ ମ୍ୟାଚରେ ପରାଜିତ ହୋଇଥିଲା ।ଅନ୍ୟ ୨ଟି ଡ୍ର ଭାବେ ଶେଷ ହୋଇଥିଲା । ଟୁର୍ନାମେଣ୍ଟରେ ଦକ୍ଷିଣ କୋରିଆ, ଆୟୋଜକ ଜାପାନ, ଚାଇନିଜ ତାଇପେ ଓ କାଜାଖସ୍ତାନ ସହ ଭାରତ ପୁଲ୍ 'ଏ'ରେ ସ୍ଥାନ ପାଇଛି । ପୁଲ୍ ପର୍ଯ୍ୟାୟରେ ୨୯ରେ ଭାରତ ପ୍ରଥମେ କାଜାଖସ୍ତାନ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ ।

ଦଳ ପରେ ମେ ୩୧ରେ ଜାପାନ ଓ ଜୁନ୍ ୧ରେ ଦକ୍ଷିଣ କୋରିଆ ଏବଂ ଜୁନ୍ ୩ରେ ଚାଇନିଜ ତାଇପେ ସହ ମୁକାବିଲା କରିବ । ଗ୍ରୁପ୍ ପର୍ଯ୍ୟାୟ ଖେଳ ଶେଷ ହେବା ପରେ ପୁଲ୍ 'ଏ' ଓ ପୁଲ୍ 'ବି'ର ଶ୍ରେଷ୍ଠ ଦୁଇ ଦଳ ସିଧାସଳଖ ଜୁନ୍ ୫ ସେମିଫାଇନାଲକୁ ଉନ୍ନୀତ ହେବେ । ଜୁନ୍ ୬ରେ ଫାଇନାଲ ଖେଳାଯିବ ।

୧୮ ବର୍ଷରୁ କମ୍ ଭାରତୀୟ ଦଳ: ଗୋଲକିପର: ସାୱନ କୁମାର, ଆୟୁଷ ରାଜାକ । ଡିଫେଣ୍ଡର: ଅଂଶ ବହୁତ୍ରା, ଅର୍ମାନ ସୋରେଙ୍ଗ, ଆଶିଷ ଟାନି ପୂର୍ତ୍ତୀ, ଅର୍ଶଦୀପ ସିଂ, ଅଭି ମାଣିକପୁରୀ, ରୋମିତ ପାଲ୍ । ମିଡ୍‌ଫିଲ୍ଡର: ରାହୁଲ ଯାଦବ, ପ୍ରେମଚାନ୍ଦ ସଏ, ବରିନ୍ଦର ସିଂ, କରଣ ଗୌତମ ଓ ସିଦ୍ଧାର୍ଥ ବେନ୍ । ଫରୱାର୍ଡ: କେତନ କୁଶ୍ୱାହା (ଅଧିନାୟକ), ଆକାଶ ଦୀପ, ଗାଜି ଖାନ୍, ଶାହରୁଖ ଅଲି ଓ ପ୍ରହଲ୍ଲାଦ ରାଜବୀର ।

# ସ୍ପୋର୍ଟସ କ୍ଲାଇମ୍ବିଂ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର ୨୨।୫:: ଓଡିଶା ଟାଟା ଷ୍ଟିଲ୍ ଆଡଭେଞ୍ଚର ଫାଉଣ୍ଡେସନ ସ୍ପର୍ଟସ କ୍ଲାଇମ୍ବିଂ ହାଇ ପରଫରମାନ୍ସ ସେଣ୍ଟର (ଏଚ୍‌ପିସି) ଏବଂ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ '''ସ୍ପର୍ଟସ କ୍ଲାଇମ୍ବିଂ ସମର୍ କ୍ୟାମ୍ପ୍ ୨୦୨୬' ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସମାରୋହରେ କ୍ରୀଡା ଓ ଯୁବସେବା ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷ ସାମିଲ ହୋଇଥିଲେ । ଏହି ଅବସରରେ ନିର୍ଦ୍ଦେଶକ ଡଃ ୟେଦୁଲା ବିଜୟ, ଏଚ୍‌ପିସିଓ ସିଇଓ ତଥା ଅତିରିକ୍ତ କ୍ରୀଡା ସଚିବ ବିଜୟ କୁମାର ସ୍ୱାଇଁ, ଅତିରିକ୍ତ କ୍ରୀଡା ସଚିବ ଅଶୋକ ପଣ୍ଡା, ଉପ-କ୍ରୀଡା ସଚିବ ଅମିତ କୁମାର ନାୟକ, ଓଏସ୍‌ଡି ଧୀରଜ ପଟ୍ଟନାୟକ, ଶାଶ୍ୱତ କୁମାର ରାଉତ, ଓଏସ୍‌ଡି ସୋନାଲି ଶୁଭଦର୍ଶିନୀ ସମାରୋହରେ ସାମିଲ ହୋଇଥିଲେ । ଗତ ମେ ୫ ତାରିଖରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ଗ୍ରୀଷ୍ମକାଳୀନ ଶିବିରରେ ବିଭିନ୍ନ ବୟସ ବର୍ଗର ଶିଶୁ ଓ କିଶୋର ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଓଡିଶାର ପ୍ରଥମ ଜାତୀୟ ସ୍ପର୍ଟସ କ୍ଲାଇମ୍ବର୍ ତଥା ୧୨ ବର୍ଷରୁ ଅଧିକ ବର୍ଷର ଅଭିଜ୍ଞତା ରଖିଥିବା ୨୦୧୮ ଏସୀୟ କ୍ରୀଡା ଶିବିରାର୍ଥୀ ମନୋଜ କୁମାର ଡାକୁଆ ଏବଂ ନାଇଜର ଭୁବନେଶ୍ୱରର ଗଣିତ ବିଭାଗ ସହକାରୀ ପ୍ରଫେସର ତଥା ଅଭିଜ୍ଞ ପର୍ବତାରୋହୀ



ଚିତ୍ରଭାନୁ ଚୌଧୁରୀ ଉପସ୍ଥିତ ରହି ପିଲାମାନଙ୍କୁ ଆଡଭେଞ୍ଚର୍ ଗେମ୍ସ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ । ଏହି ଦୁଇ ସପ୍ତାହ ମଧ୍ୟରେ ଅଭିଜ୍ଞ ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ପିଲାମାନଙ୍କୁ କ୍ଲାଇମ୍ବିଂ କୌଶଳ, ସୁରକ୍ଷା, ଫିଟ୍‌ନେସ, ସହନଶୀଳତା ଏବଂ ମାନସିକ ଦୃଢ଼ତା ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା ।

# ପାକିସ୍ତାନ ଛାଡ଼ିଲେ ଆମିର

ନୂଆଦିଲ୍ଲୀ: ବିଶ୍ୱର ସବୁଠାରୁ ବଡ଼ କ୍ରିକେଟ୍ ଲିଗ୍ 'ଇଣ୍ଡିଆନ୍ ପ୍ରିମିୟର ଲିଗ୍'ରେ ପାକିସ୍ତାନୀ ଖେଳାଳିଙ୍କ ଖେଳିବା ଉପରେ ଦୀର୍ଘ ଦିନରୁ ପ୍ରତିବନ୍ଧକ ରହିଛି । ହେଲେ ଏବେ ପାକିସ୍ତାନର ପୂର୍ବତନ ତାରକା ଦ୍ରୁତ ବୋଲର ମହମ୍ମଦ ଆମିରଙ୍କ ପାଇଁ ଆଇପିଏଲ୍‌ର ଦ୍ୱାର ଖୋଲିବାକୁ ଯାଉଛି । ରିପୋର୍ଟ ଅନୁଯାୟୀ, ଏହି ବାମହାତୀ ବୋଲରଙ୍କୁ ଏବେ ବ୍ରିଟେନର ନାଗରିକତା ମିଳିସାରିଛି । ଫଳରେ ସେ ଆଗାମୀ ଦିନରେ ଜଣେ ବ୍ରିଟିଶ ନାଗରିକ ବା ବିଦେଶୀ ଖେଳାଳି ଭାବରେ ଆଇପିଏଲ୍ ନିଲାମରେ ଭାଗ ନେଇପାରିବେ ।



୩୪ ବର୍ଷୀୟ ମହମ୍ମଦ ଆମିର ପୂର୍ବରୁ ହିଁ ଆନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିସାରିଛନ୍ତି । ସେ ବିଶ୍ୱର ବିଭିନ୍ନ ଟି-୨୦ ଲିଗ୍‌ରେ ଜଣେ ଲୋକପ୍ରିୟ ଖେଳାଳି । ଆମିର ଏପର୍ଯ୍ୟନ୍ତ ବିଶ୍ୱର ପ୍ରାୟ ୩୦ରୁ ଅଧିକ ଦଳ ପାଇଁ ଘରୋଇ ଓ ଫ୍ରାଞ୍ଚାଇଜ୍ କ୍ରିକେଟ୍ ଖେଳିଛନ୍ତି । ସେ ପାକିସ୍ତାନ ସୁପର ଲିଗ୍, ବାଂଲାଦେଶ ପ୍ରିମିୟର ଲିଗ୍ , କାରିବିଆନ ପ୍ରିମିୟର ଲିଗ୍ (ଉଚଖ) ଏବଂ ଲଙ୍କା ପ୍ରିମିୟର ଲିଗ୍ ଭଳି ବଡ଼ ବଡ଼ ଟୁର୍ଣ୍ଣାମେଣ୍ଟରେ ନିଜ ଜଲୱା ଦେଖାଇ ସାରିଛନ୍ତି । ଏବେ ବ୍ରିଟିଶ ପାସପୋର୍ଟ ମିଳିବା ପରେ ସେ ଆଇପିଏଲ୍‌ରେ ବି ଏଣ୍ଟ୍ରି କରିପାରନ୍ତି ।

ସୂଚନାଯୋଗ୍ୟ ଯେ, ୨୦୦୮ ମସିହାରେ ଆଇପିଏଲ୍‌ର ପ୍ରଥମ ସିଜନରେ ଶାହିଦ ଆଫ୍ରିଦି, ସୋହେଲ ତନଭୀର ଏବଂ ଶୋଏବ ଅଖତରଙ୍କ ଭଳି ଅନେକ ପାକିସ୍ତାନୀ ତାରକା ଖେଳାଳି ଭାଗ ନେଇଥିଲେ । ମାତ୍ର ୨୦୦୮ ନଭେମ୍ବରରେ ମୁମ୍ବାଇରେ ହୋଇଥିବା ଭୟାବହ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସରକାର ଓ ବିସିସିଆଇ ପକ୍ଷରୁ ପାକିସ୍ତାନୀ କ୍ରିକେଟରଙ୍କ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା । ସେବେଠାରୁ ଆଜି ପର୍ଯ୍ୟନ୍ତ କୌଣସି ପାକିସ୍ତାନୀ ଖେଳାଳି ଆଇପିଏଲ୍ ଖେଳିବାକୁ ସୁଯୋଗ ପାଇନାହାନ୍ତି ।

ସୋସିଆଲ ମିଡିଆ ପୋଷ୍ଟ ଜରିଆରେ ଆମିର ନିଜେ ଏହି ସୂଚନା ଦେଇଛନ୍ତି । ସେ ଏବଂ ତାଙ୍କ ପତ୍ନୀ ବ୍ରିଟିଶ ନାଗରିକତା ପାଇବା ପ୍ରକ୍ରିୟାରେ ଥିଲେ, ଯାହା ଏବେ ସଫଳତାର ସହ ଶେଷ ହୋଇଛି । ପୂର୍ବରୁ ଏକ ସାକ୍ଷାତକାରରେ ଆମିର କହିଥିଲେ,ଆଗାମୀ ବର୍ଷ ସୁଦ୍ଧା ମୋ ପାଖରେ ଆଇପିଏଲ୍ ଖେଳିବାର ସୁଯୋଗ ରହିବ । ଯଦି ମତେ ଆଇପିଏଲ୍‌ରେ ଖେଳିବାକୁ ସୁଯୋଗ ମିଳେ, ତେବେ ମୁଁ ନିଶ୍ଚୟ ଖେଳିବି ।

ପାକିସ୍ତାନ ପାଇଁ ମହମ୍ମଦ ଆମିର ୩୬ଟି ଟେଷ୍ଟ, ୬୧ଟି ଦିନିକିଆ ଏବଂ ୬୨ଟି ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି । ଏଥିରେ ସେ ଯଥାକ୍ରମେ ୧୧୯, ୮୧ ଏବଂ ୭୧ଟି ୱିକେଟ୍ ହାସଲ କରିଛନ୍ତି । ସେହିପରି ସମଗ୍ର ଟି-୨୦ କ୍ୟାରିୟରକୁ ଦେଖିଲେ, ସେ ୩୬୪ଟି ମ୍ୟାଚ୍ ଖେଳି ୪୨୫ଟି ୱିକେଟ୍ ନେଇଛନ୍ତି । ଚଳିତ ବର୍ଷ ମଧ୍ୟ ସେ ପିଏସଏଲ୍‌ରେ ରାୱଲପିଣ୍ଡି ଦଳ ପାଇଁ ୧୦ଟି ମ୍ୟାଚ୍ ଖେଳି ୧୨ଟି ୱିକେଟ୍ ନେଇଥିଲେ ।

# ୨୦୨୭ ବିଶ୍ୱକପ୍ ଖେଳିବେନି ରୋହିତ !

ନୂଆଦିଲ୍ଲୀ : ଭାରତୀୟ କ୍ରିକେଟର ଜଣାଶୁଣା ଓପନର ରୋହିତ ଶର୍ମାଙ୍କ ଫିଟନେସକୁ ନେଇ ସାମ୍ନାକୁ ଆସିଛି ଏକ ବଡ଼ ସମସ୍ୟା । ତାଙ୍କର ଏହି ଫିଟନେସ ସମସ୍ୟା ଯୋଗୁଁ ୨୦୨୭ ବିଶ୍ୱକପରେ ଖେଳିବା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଚଳିତ ଆଇପିଏଲ୍ ସିଜିନରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ମ୍ୟାଚ୍‌ରେ ରୋହିତ ଆହତ ହୋଇଥିଲେ ଏବଂ କିଛି ମ୍ୟାଚ୍ ଖେଳିପାରି ନଥିଲେ । ଏହାପରେ ସେ ଜଣେ 'ଇମ୍ପାକ୍ଟ ପ୍ଲେୟାର' ଭାବରେ ଖେଳୁଛନ୍ତି, ଯାହା ତାଙ୍କ ଫିଟନେସକୁ ନେଇ ଆଶଙ୍କାକୁ ଆହୁରି ବଢ଼ାଇ ଦେଇଛି ।



ଆଫଗାନିସ୍ତାନ ବିପକ୍ଷରେ ହେବାକୁ ଥିବା ୩ ଟିକିଆ ଦିନିକିଆ ସିରିଜ ପାଇଁ ରୋହିତଙ୍କୁ ଦଳରେ ସ୍ଥାନ ମିଳିଛି । ତାଙ୍କୁ ଭାରତୀୟ ଦଳରେ ଚୟନ ତ କରାଯାଇଛି, ହେଲେ ତାଙ୍କ ଖେଳିବା ନଖେଳିବା ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ । କାରଣ ମ୍ୟାଚ୍ ଖେଳିବା ପୂର୍ବରୁ ତାଙ୍କୁ ପ୍ରଥମେ ଫିଟନେସ୍ ଟେଷ୍ଟ୍ ପାସ୍ କରିବାକୁ ହେବ । ସେ ବାରମ୍ବାର ଆହତ ହେଉଥିବାରୁ ୨୦୨୭ ବିଶ୍ୱକପରେ ତାଙ୍କ ଖେଳିବାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହେବାରେ ଲାଗିଛି ।

ଏପରିକି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ମଧ୍ୟ ରୋହିତଙ୍କ ଫିଟନେସ୍କୁ ନେଇ ଚିନ୍ତା ପ୍ରକଟ କରିଛି । ବିସିସିଆଇର ଜଣେ ଅଧିକାରୀ ନାମ ଗୋପନ ରଖି ରୋହିତ ତିନି ସପ୍ତାହ ପାଇଁ ବିସିସିଆଇର 'ସେଣ୍ଟର ଅଫ୍ ଏକ୍ସିଲେନ୍ସ'କୁ ଆସିନଥିଲେ ବୋଲି କହିଥିଲେ । ସେ ପୂର୍ବ ଅପେକ୍ଷା ଫିଟ୍ ତ ଜଣା ପଡୁଛନ୍ତି କିନ୍ତୁ ସେ ୫୦ ଓଭର ପର୍ଯ୍ୟନ୍ତ ଫିଲ୍ଡିଂ କରିପାରିବେ କି ନାହିଁ ସେ ନେଇ ଆଶଙ୍କା ରହିଛି । ବିଶ୍ୱକପ ଖେଳିବାକୁ ହେଲେ ତାଙ୍କୁ ୫୦ ଓଭର ଫିଲ୍ଡିଂ କରିବାକୁ ହିଁ ପଡ଼ିବ, କାରଣ ଆଇପିଏଲ୍ ଭଳି ଏଠାରେ କୌଣସି 'ଇମ୍ପାକ୍ଟ ପ୍ଲେୟାର'ର ନିୟମ ନଥାଏ । ଯେତେବେଳେ ଜଣେ ବ୍ୟକ୍ତିଙ୍କ ବୟସ ପାଖାପାଖି ୪୦ ବର୍ଷ ହୋଇଥାଏ, ସେତେବେଳେ ଶରୀରକୁ ପୂର୍ବ ସ୍ଥିତିକୁ ଫେରିବା ପାଇଁ ସମୟ ଲାଗିଥାଏ ।

ବିଶ୍ୱକପ ପୂର୍ବରୁ ଯଦି ରୋହିତ ସମ୍ପୂର୍ଣ୍ଣ ଭାବେ ଫିଟ୍ ନହୁଅନ୍ତି, ତେବେ ଯଶସ୍ୱୀ ଜୟସ୍ୱାଲଙ୍କୁ ସୁଯୋଗ ମିଳିପାରେ । ଆଫଗାନିସ୍ତାନ ବିପକ୍ଷ ସିରିଜ୍‌ରେ ଇଶାନ କିଷନଙ୍କୁ ଏହି କାରଣରୁ ଚୟନ କରାଯାଇଛି, ଯେପରି ସେ ଓପନିଂ ବ୍ୟାଟ୍ସମ୍ୟାନ୍ ଭୂମିକା ତୁଲାଇ ପାରିବେ । ଯଦି ବିଶ୍ୱକପ୍‌ରେ ରୋହିତଙ୍କ ଖେଳିବା ନେଇ ଆଶଙ୍କା ଦେଖାଦିଏ, ତେବେ ଜୟସ୍ୱାଲ ତାଙ୍କ ସ୍ଥାନରେ ଇନିଂସ ଆରମ୍ଭ କରିପାରନ୍ତି । ଏଥିପାଇଁ ଚୟନକର୍ତ୍ତାମାନେ ତାଙ୍କୁ ଜଣେ ବ୍ୟାକଅପ୍ ଓପନର୍ ଭାବରେ ପ୍ରସ୍ତୁତ କରିବା ମଧ୍ୟ ଆରମ୍ଭ କରିଦେଇଛନ୍ତି । ରୋହିତଙ୍କ ଉପରେ ଟିମ୍ ମ୍ୟାନେଜମେଣ୍ଟ ଖୁସି ନାହିଁ । ରୋହିତ ୨୦୨୩ ବିଶ୍ୱକପ୍‌ରେ ଆକ୍ରମଣାତ୍ମକ ଶୈଳୀରେ ଇନିଂସ ଆରମ୍ଭ କରୁଥିଲେ । ସେ ପ୍ରଥମ ବଲ୍‌ରୁ ହିଁ ବଡ଼ ସଟ୍ ଖେଳିବାକୁ ଚେଷ୍ଟା କରୁଥିଲେ । କିନ୍ତୁ, ଟେଷ୍ଟ କ୍ରିକେଟରୁ ସନ୍ନ୍ୟାସ ନେବା ପରେ ଯେତେବେଳେ ସେ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ରେ ବ୍ୟାଟିଂ କଲେ, ସେତେବେଳେ ତାଙ୍କ ବ୍ୟାଟିଂରେ ସେହି ଆକ୍ରାମକ ମନୋଭାବ ଦେଖିବାକୁ ମିଳିନଥିଲା ।ସେ ଏହି ଆକ୍ରମଣାତ୍ମକ ଶୈଳୀ ଆପଣାଉ ନଥିବାରୁ ମ୍ୟାନେଜମେଣ୍ଟ ଅସନ୍ତୋଷ ପ୍ରକାଶ କରିଛି । ତେବେ ସେ ବିଶ୍ୱକପ ଖେଳିବେ କି ନାହିଁ ତାହା ସମୟ କହିବ । ହେଲେ ଚୟନକର୍ତ୍ତାଙ୍କ ବିଶ୍ୱାସ ଜିତିବାକୁ ହେଲେ ହିଟ୍‌ମ୍ୟାନଙ୍କୁ ପୁଣି ଥରେ ତାଙ୍କର ସେହି ପୁରୁଣା ଅନ୍ଦାଜକୁ ଫେରିବାକୁ ହିଁ ପଡିବ । ନହେଲେ ବିଶ୍ୱକପ ନଖେଳିବା ଆଶଙ୍କା ସତ ହୋଇଯାଇପାରେ । ଏଥିରେ କୌଣସି ସନ୍ଦେହ ନାହିଁ ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ